# ୧

# ଜାତିର ଧକ୍‌କା

**ପଣ୍ଡିତ ଗୋଦାବରୀଶ ମହାପାତ୍ର**

## ୧.୧ ଉପକ୍ରମ

ଭାରତୀୟ ସଭ୍ୟତାର ମହାନତା ବିଶ୍ୱବିଦିତ । କିନ୍ତୁ ଏହାରି ଭିତରେ କେବେ କେମିତି ଉଙ୍କିମାରିଛି ନାନା କୁସଂସ୍କାର । ସେଗୁଡ଼ିକ ଆମ ସୁସ୍ଥ ସାମାଜିକ ଜୀବନର ପରିପନ୍ଥୀ । ଆମ ସମାଜରେ କେତେକ ନିମ୍ନ ଜାତିର ଲୋକମାନଙ୍କୁ ଅଜାତିଆ ଏବଂ ଧର୍ମଛଡ଼ା ଆଖ୍ୟା ଦେଇ ସମାଜରୁ ବାସନ୍ଦ କରାଯାଇଥାଏ । ସେମାନଙ୍କର ଭୁଲ୍ ଅତି ସାଧାରଣ ହେଲେ ମଧ୍ୟ ସମାଜର ଉଚ୍ଚ ଜାତିର ଲୋକମାନେ ସେମାନଙ୍କୁ କ୍ଷମା ନଦେଇ ବରଂ ଅଧିକ ଉତ୍ପୀଡ଼ନ କରିଥାନ୍ତି । ସେହି ସାଧାରଣ ଭୁଲ୍ ପାଇଁ ସେମାନଙ୍କୁ ବହୁ ଆର୍ଥିକ ଦଣ୍ଡ ମଧ୍ୟ ସହିବାକୁ ପଡ଼ିଥାଏ । ଆଉ କେତେକ ସ୍ଥାନରେ ସମାଜରୁ ସମ୍ପୂର୍ଣ୍ଣ ବାସନ୍ଦ କରାଯାଇଥାଏ । ସମାଜର ଏହି ଭୟାବହ କୁପରମ୍ପରାର ଶିକାର ହୋଇ କେତେ ଯେ ନିରୀହ ଲୋକ ନିର୍ଯାତିତ ହୋଇଛନ୍ତି ତାହାର ହିସାବ ନାହିଁ । ଏଭଳି ସାମାଜିକ କୁସଂସ୍କାର ଗୋଟିଏ ଜାତିର ବିକାଶରେ ଅନ୍ତରାୟ ସୃଷ୍ଟି କରେ । କିନ୍ତୁ ଜଣେ ସଂସ୍କାରଧର୍ମୀ ସମାଜବାଦୀ ସାହିତ୍ୟିକ ତା'ର ସାହିତ୍ୟ ମାଧ୍ୟମରେ ସମାଜରୁ ଏପରି କୁସଂସ୍କାର ଦୂର କରିବା ପାଇଁ ଲେଖନୀ ଚାଳନା କରେ । ଏଭଳି ଜଣେ ସଂସ୍କାରବାଦୀ ଲେଖକ ହେଉଛନ୍ତି ପଣ୍ଡିତ ଗୋଦାବରୀଶ ମହାପାତ୍ର, ଯିଏ ତାଙ୍କ ଗଳ୍ପରେ ଏଭଳି ଏକ କୁସଂସ୍କାରକୁ ନେଇ "ଜାତିର ଧକ୍‌କା" ଗଳ୍ପ ରଚନା କରିଛନ୍ତି ।

## ୧.୨ ଗଳ୍ପ ପଠନର ଉଦ୍ଦେଶ୍ୟ

ଏହି ଗଳ୍ପ ପଠନ ଦ୍ୱାରା ଆମେ

- ଗାଳ୍ପିକଙ୍କ ରଚିତ "ଜାତିର ଧକ୍‌କା" ଗଳ୍ପର ଆଭିମୁଖ୍ୟ ବୁଝିବା ।
- ଆମ ସମାଜରେ ଥିବା ଅନ୍ଧବିଶ୍ୱାସ ସମ୍ପର୍କରେ ଅବଗତ ହେବା ।
- ଅନ୍ଧବିଶ୍ୱାସ ଯୋଗୁ କିପରି ନିରୀହ ନିମ୍ନ ଜାତିର ଚରିତ୍ରମାନେ ଉତ୍ପୀଡ଼ିତ ହୁଅନ୍ତି ତାହା ଜାଣିପାରିବା ।
- ଲେଖକ ପଣ୍ଡିତ ଗୋଦାବରୀଶ ମହାପାତ୍ର ଏକ ବାସ୍ତବ ଚରିତ୍ର ମାଧ୍ୟମରେ ଅନ୍ଧବିଶ୍ୱାସ ଦ୍ୱାରା ନାରସେନା କିପରି ଶିକାର ହୋଇଛି ତାହାକୁ ସହଜରେ ବୁଝିପାରିବା ।
- ସେ ସମୟରେ ଆମ ପ୍ରଦେଶରେ ଶ୍ରମିକମାନେ କିପରି ଜୀବନ ନିର୍ବାହ କରୁଥିଲେ ତାହା ମଧ୍ୟ ଅନୁଭବ କରିପାରିବା ।
- ଏଥି ସହିତ ଆମର ସାମାଜିକ ସମସ୍ୟା ସମ୍ପର୍କରେ ଅଧିକ ଜାଣିପାରିବା ।

## ୧.୩ ଗାଳ୍ପିକଙ୍କ ପରିଚୟ

ପୁରୀ ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କୁମାରଙ୍ଗ ଶାସନରେ ଗୋଦାବରୀଶ ମହାପାତ୍ର ୧୮୯୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ଥିଲେ ଏବଂ ପରେ ସେଠାରେ ଶିକ୍ଷକତା କରିଥିଲେ । ସେ ବିଶେଷକରି ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂସ୍ପର୍ଶରେ ଆସିଥିଲେ । ସେ ଜଣେ ମହାନ ଦେଶପ୍ରେମୀ ବ୍ୟକ୍ତି ଥିଲେ । ସମାଜରୁ କୁସଂସ୍କାର, ଦୁର୍ନୀତି ଦୂର କରି ଏକ ସୁସ୍ଥ ସମାଜର ପରିକଳ୍ପନା କରିଥିଲେ । ଏକାଧାରରେ ସେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ ଓ ସାମ୍ବାଦିକ ଥିଲେ । 'ନିଆଁଖୁଣ୍ଟା' ବ୍ୟଙ୍ଗ ପତ୍ରିକା ମାଧ୍ୟମରେ ଜଣେ ଅଦ୍ୱିତୀୟ ବ୍ୟଙ୍ଗସ୍ରଷ୍ଟା ରୂପେ ସେ ଜନାଦୃତ ହୋଇଥିଲେ । ତାଙ୍କର ସାହିତ୍ୟ ସୃଷ୍ଟି ବିପୁଳ । ତାଙ୍କର ଗଳ୍ପ ସଙ୍କଳନ ମଧ୍ୟରେ ରହିଛି- ଏବେ ମଧ୍ୟ ବଞ୍ଚିଛି, ନୀଳ ମାଷ୍ଟ୍ରାଣୀ, ମୁଁ ଦିନେ ମନ୍ତ୍ରୀ ଥିଲି, ଶ୍ରୁତି ସଞ୍ଚୟନ, କଥା ଓ କାହାଣୀ ଇତ୍ୟାଦି ।

## ୧.୪ ମୂଳ ବିଷୟ

**- ଏକ -**

ଦିନ ନାହିଁ, ରାତି ନାହିଁ, କାମ ଚାଲିଛି । ଧରଣୀର ମାଟି ଗୋଡ଼ି ପଥର ସଙ୍ଗେ ଧରଣୀବାସୀ କେତେଗୁଡ଼ିଏ ମାନବ ସେଠି ସମାନ ହୋଇ ମିଶି ରହିଛନ୍ତି । ସେମାନଙ୍କର ଜାତି-ମହତ୍ତ୍ୱ ନାହିଁ, ମାନ-ଗୌରବ ନାହିଁ, କୁଲିତ୍ୱର ମହିମା ବା ଅଭିଶାପରେ ଓଡ଼ିଆ, ତେଲଙ୍ଗା, ହିନ୍ଦୁ, ମୁସଲମାନ ସମସ୍ତେ ସେଠାରେ ସମାନ ।

ଅନବରତ କାର୍ଯ୍ୟ ଚାଲିଛି । ପର୍ବତ ତାଡ଼ି ପଥର ଫଟାଯାଉଛି, ହାତୁଡ଼ି ଧରି ପଥର ଗୁଣ୍ଡା କରାଯାଉଛି; ଆଉ ବୁଭୁକ୍ଷୁ ମାନବ ସେଗୁଡ଼ାକ ବୁଭୁକ୍ଷୁଭାବରେ ବୋହିନେଇ ଠାଏ ଠାଏ ଜମାକରୁଛି । ସେହିଠାରେ ରସୁଲକୋଣ୍ଡାର ବିରାଟ ଘାଇ ବନ୍ଧାଯାଉଛି ।

ଏ ପାଖେ ପର୍ବତ, ସେ ପାଖେ ପର୍ବତ – ଏ ମଧ୍ୟରେ ମାଟି ପଥର ଓ ମାନବର ଲୀଳା ଅନେକ ଦିନ ହେଲା ଚାଲିଛି । ମଣିଷ ତାଳୁରୁ ବାଳ ଉପୁଡ଼ିଯାଉଛି, ଆଖିର ତେଜ କମିଆସୁଛି, ପାଦର ଗତି ଶିଥିଳ ହୋଇପଡୁଛି; ତଥାପି ସେହି ମାନବ-କୁଲି ମାଟି, ଗୋଡ଼ି, ପଥର ବୋହିବାରୁ ବିରତ ହେଉ ନାହାନ୍ତି !

ଏହି କୁଲିପ୍ରାଣରେ ପୁଣି ହସ ! ତାହା ବଡ଼ ବିଚିତ୍ର ଧରଣର ହସ । କିଏ କେତେ ମାଟି ବୋହିଲା, କିଏ କେତେ ପଇସା ପାଇଲା ଏଥିରେ ହିଁ ସେମାନଙ୍କ ସାନ-ବଡ଼ର ମହିମା । ସେଠି ଯେବେ କିଏ ବଡ଼ ଜାତି ଲୋକ ଛୋଟ ଜାତିର ଲୋକକୁ ଜାତିକଥା ପଚାରେ, ଉତ୍ତର ପାଏ- "ମୁଁ କୁଲି, କୁଲିଗିରି କରି ମୁଁ ପଇସା ପାଏ । ଗଙ୍ଗା ନାଇଡୁ, ରାମ ଦାସ, ମଧୁ ରାଉଳ, ରଘୁ ମିଶ୍ର ସମସ୍ତଙ୍କ ସାଙ୍ଗର ମୁଁ ଜଣେ ।"

ରସୁଲକୋଣ୍ଡାର ଘାଇ ଏହିପରି ସାମ୍ୟଶିକ୍ଷା ଦେଇ ଅନେକ ଦିନ ଅନେକ ମାନବପ୍ରାଣୀଙ୍କୁ ବଞ୍ଚାଇ ରଖିଥିବା କଥା ଏବେ ମଧ୍ୟ ସେ ଅଞ୍ଚଳର ବନବାସୀ କନ୍ଧଙ୍କଠାରୁ ପ୍ରାସାଦବାସୀ ଭଦ୍ରଲୋକଙ୍କ ପର୍ଯ୍ୟନ୍ତ ଅନେକଙ୍କ ମୁହଁରୁ ନିରାଟ ସତ୍ୟରୂପେ ଶୁଣାଯାଏ ।

### - ଦୁଇ -

ସେ ଦିନ ଏବେ ଅର୍ଦ୍ଧଶତାବ୍ଦୀରୁ ବଳିଗଲାଣି । ସେଠାରେ ମାଟିଗୋଡ଼ି ବର୍ତ୍ତମାନ ସୁନା ପାଲଟି ମାନବର ଅକଳନ୍ତି ରତ୍ନ-ଭଣ୍ଡାରରେ ପରିଣତ ହୋଇଗଲାଣି । ସେଠାରେ ପାଣି ବର୍ତ୍ତମାନ ଭଞ୍ଜଭୂମି ଗଞ୍ଜାମରେ ଅମୃତଧାରାରୂପେ ଗ୍ରାମ ବିଲ ପ୍ରାନ୍ତରରେ ସୁନାର ଫୁଲ ଫୁଟାଇ ଦେଲାଣି । ଆଉ ସେ ଯୁଗର କଥା, ସେହି କୁଲିଧର୍ମର ସାମ୍ୟପୀଠ କଥା କିଏ ମନେ ପକାଉଛି ? ସେହି ଯୁଗର ଏକ ମାତୃତ୍ୱର କ୍ଷୁଦ୍ର କାହାଣୀ ଏହିଠାରେ ଏତେ ଦିନ ପରେ କୁହାଯାଉଛି ।

ଦିନେ ସେଠାରେ ସନ୍ଧ୍ୟା ହେଲା । ଦୂର ମଫସଲ ଭିତରେ ଯେପରି ସନ୍ଧ୍ୟାର ନୃତ୍ୟଛାୟା ଆରମ୍ଭ ହୁଏ, ସେପରି ହେଲା ନାହିଁ । କ୍ରମେ ତରୁଲତାମୂଳ ଅନ୍ଧାର, ତା'ପରେ ଗିରିଗୁହା ଅନ୍ଧାର, ତା'ପରେ ପର୍ବତର ଶିଖରଦେଶ ନିଷ୍ପ୍ରଭ, ଶେଷରେ ନଭଶ୍ଚୁମ୍ବୀ ପାହାଡ଼ଟା କେଉଁଆଡ଼େ ଅଦୃଶ୍ୟ ! ଚାହୁଁ ଚାହୁଁ ନିବିଡ଼ ଅନ୍ଧକାର ଭିତରେ ବିଶାଳ ଧରଣୀ କୁଆଡ଼େ ବୁଡ଼ିଗଲା । ଖାଲି ଶୁଭିଲା ବନ୍ୟପଶୁର ବିକଟ ଚିତ୍କାର; ଆଉ ପବନର ସନସନ ଶବ୍ଦ ।

ସେହି ଭିତରେ କିନ୍ତୁ ଧରଣୀବାସୀ ସେହି ଶ୍ରାନ୍ତ କ୍ଳାନ୍ତ କୁଲିଗୁଡ଼ାକ ଆନନ୍ଦରେ ଅଧୀର ହୋଇ ମାତି ଉଠିଲେ । କିଏ କହିଲା- "ଜୟ ହେ ରଘୁପତି ରାଜା ରାମ ।"

କିଏ କହିଲା- "ବୋଲ ଭାଇ, ଆଲ୍ଲା ହୋ ଆକବର !"

କାହାର ଗମ୍ଭୀର ସ୍ୱର ଚମକ ଦେଇ ଉଠିଲା- "ବଂ ବଂ ଶିବ - ଭୋଳାନାଥ...." ଏହିପରି କେତେ ପ୍ରକାରେ ମହାମହିମଙ୍କ ମହିମା ସଙ୍ଗୀତ ଶୁଣାଗଲା ! ରସୁଲକୋଣ୍ଡାର ନିର୍ଜୀବ ଗୋଡ଼, ମାଟି, ପଥର ଭିତରୁ ପ୍ରତିଧ୍ୱନି ଉଠି ବେଳେବେଳେ ଶାନ୍ତ ନୈଶ ଗଗନକୁ ଚମକାଇ ଦେଇ ନୂତନ ବିଶ୍ୱ ସୃଷ୍ଟି କଲା ।

ସେହି ସନ୍ଧ୍ୟାରେ ଘାଇରେ କାମ କରୁଥିବା କୁଲିମାନଙ୍କର ଏକ ବଣଭୋଜି । ହିନ୍ଦୁ, ମୁସଲମାନ, ଓଡ଼ିଆ, ତେଲଙ୍ଗା, ବ୍ରାହ୍ମଣ, ଚଣ୍ଡାଳ ସମସ୍ତଙ୍କର ଉତ୍ସବ । ସମସ୍ତେ କୁଲି; ସମସ୍ତେ ବୁଝିଥିଲେ ସେଠି ସମସ୍ତେ ସମାନ । ଗାଣ୍ଡୁଆଏ ମାଟି ମୁଣ୍ଡକୁ ଟେକିଲେ କେତେ ଝାଳ ବୁହେ, ଖଣ୍ଡେ ପଥର ଗୁଣ୍ଡ କଲେ କିପରି ଷୋଳ ଶିରା ଦୁହିଁ ହୋଇଯାଏ - ଏ ପ୍ରାଣର ବ୍ୟଥା ସମସ୍ତଙ୍କୁ ଏକାପରି ଜଣାଥିଲା । ତେଣୁ ସମସ୍ତେ ସମସ୍ତଙ୍କୁ ଜାଣିଥିଲେ - ସମସ୍ତେ ସମସ୍ତଙ୍କୁ କୁଲି ବୋଲି ପରିଚୟ ଦେଉଥିଲେ ।

ସେହି ଭୋଜିରେ ସାମ୍ୟ-ଧର୍ମ ପାଳିତ ହେଲା ।

### - ତିନି -

ପାତ୍ରପଡ଼ା ଗୋଟିଏ କ୍ଷୁଦ୍ର ପଲ୍ଲୀ । ଘାଇର ହୁଡ଼ା ଉପରେ ଠିଆହେଲେ ପାହାଡ଼ ତଳେ ଛୋଟ ଛୋଟ ଯେଉଁ କେତୋଟି ଚାଳଘର ଦେଖାଯାଏ; ସେଠା ପାଖଲୋକେ ସେହି ସ୍ଥାନଟିକୁ ପାତ୍ରପଡ଼ା କହନ୍ତି ।

ଘାଇପାଖେ ତ କୁଲି-ଭୋଜି ସରିଲା; ତା'ପରେ ଗାଁ ଭିତରେ ଏକ କୁଡ଼ିଆ ପାଖେ ଏକ ବିଷମ ସମସ୍ୟା ପହଞ୍ଚିଲା । ଭୋଜି ଖାଇସାରି ଚଉଦବର୍ଷର ଭେଣ୍ଡିଆ ନାରସେନା ଯେତେବେଳେ ଯାଇ ପାତ୍ରପଡ଼ା ଗାଁର ଗୋଟିଏ କୁଡ଼ିଆ ପାଖେ ପହଞ୍ଚିଲା ରାତିଅଧରେ, ଜଗୁଆଳ କୁକୁର ଗର୍ଜିଉଠିଲା ପରି ଘର ଭିତରୁ ଗର୍ଜନ

ଶୁଭିଲା – "ଦୂର୍ ହୁଅ ଅଜାତିଆ, ଦୂର୍ ହୁଅ । ଯା, ପୁରୀ ଯା, ଗୋବରପାଣି ପି, ତେବେ ଯାଇ ଜାତି ପାଇବୁ । ବାର ଜାତି, ତେର ଗୋଲା, ପଠାଣ, କିରସ୍ତାନ ସାଙ୍ଗରେ ଖାଇ ଏ ଘରେ ପୁଣି ପାଦ ପକାଇବାକୁ ଆସିଛୁ ?"

ନାରସେନାର ପଥର ବୁହା ମୁଣ୍ଡ ଭିତରେ ଏ କଥାଗୁଡ଼ାକ ସହଜରେ ପ୍ରବେଶ କଲା ନାହିଁ । ସେ ସତରେ ଆପଣା ଘରକୁ ଆସିଛି କି ଆଉ କେଉଁଠିକି ଆସିଛି; କିଛି ସମୟ ଠିଆହୋଇ ଆଗ ଭାବିଲା । ଯେତେବେଳେ ସେ ଆପଣା ଦୁଆରମୁହଁର ଲେମ୍ବୁଗଛ, ପଥର ପାହାଚ ସବୁ ଚିହ୍ନିପାରିଲା, ଧୀରେ ଧୀରେ ପାଦଚାଳି ପିଣ୍ଡାରେ ଯାଇ ବସିଲା ।

ସଙ୍ଗେ ସଙ୍ଗେ ଗାଳି ପରେ ଗାଳି ବର୍ଷଣ ହେଲା । ନାରସେନା ଗତ ଦେଢ଼ବର୍ଷ ହେଲା ଆପଣା ଦେହକୁ ପଥର କରି କେତେ ପଥର ବୋହିଛି, ପଥରଠାରୁ କେତେ ଧୈର୍ଯ୍ୟ ଶିକ୍ଷା କରିଛି; ମାତ୍ର ସେତେବେଳର ଗାଳି ତାକୁ ବଡ଼ ବାଧିଲା । ତା' ମୁଣ୍ଡରେ କେତେ ଚିନ୍ତା ଖେଳିଲା । ଘର ଭିତରକୁ ପାଦ ପକାଇବାକୁ ମନା । ସନ୍ଧ୍ୟାବେଳେ ଥିଲା ଅଧିକାର, ଏଇ କେତେ ଘଣ୍ଟା ଭିତରେ ସେ ଅଧିକାର ଗଲା କୁଆଡ଼େ ? ବଣଭୋଜି କି ସମସ୍ତଙ୍କ ଆଖିରେ ଏପରି ଲୁହ ଆଣି ସମସ୍ତଙ୍କୁ ଏପରି ଅଜାତିଆ କରିଦେଲା !

ଓହୋ ..... ନାରସେନାର ବୁକୁ ଫାଟିଗଲା ପରି ଲାଗିଲା । ଅନ୍ଧାର ଭିତରେ ସେ ଜଣକର ଛବି ଦେଖିଲା । ଡାକିଲା- "ମାଆ !"

ପର ମୁହୂର୍ତ୍ତରେ ପିଣ୍ଡାର ସେ ପାଖରେ କାହା ହୃଦୟ ଭିତରେ ଗୁରୁ ଶ୍ୱାସକ୍ରିୟାର ଶବ୍ଦ ଜଣାଗଲା ।

ପୁଣି ଏ ପଚାରିଲା- "ଯିବି ଭା'ରି ? ଏ ଘର କ'ଣ ମୋର ଆଉ ନୁହେ ?"

ଉତ୍ତର ପାଇଲା- "ନା, ଅଜାତିଆର ଏ ଘର ନୁହେ । ଯା, ଜାତି ହେଲେ ଆସିବୁ ।"

ନାରସେନାର ତରୁଣ ହୃଦୟ କେବଳ ଦୁଃଖ, ଅଭିମାନ, କ୍ରୋଧରେ କୁହୁଳିଉଠିଲା । ଅନ୍ଧାର ଭିତରେ ସେ କେତେ କ'ଣ ଭାବିଗଲା । ରାତି ତିନି ପହର- ଏ ଗଭୀର ଅନ୍ଧାର ଭିତରେ ତା' ଉପରେ କାହାର ଏ ଅଭିଶାପ ପଡ଼ିଲା ।

ଶୂନ୍ୟ ଅନ୍ଧାର, ଶୂନ୍ୟ ଧରଣୀ- ଏ ଭିତରେ ଶୂନ୍ୟ ହୃଦୟଟା ଧରି ନାରସେନା ଧୀରେ ଧୀରେ ପାଦ ଉଠାଇଲା ।

## - ଚାରି -

ରୁକ୍ଷ ଗିରି-ପାହାଡ଼ ଉପରେ ଜୀବନ-ଆଲୋକ ବିଞ୍ଛିଲା ପରି ପ୍ରଭାତୀ ତାରା ଯେତେବେଳେ ଦିଗ୍‌ବଳୟର ଅଳ୍ପ ଦୂରରେ ହସିଉଠି ଘାଇର ପାଣି ଭିତରେ ପ୍ରତିବିମ୍ବିତ ହେଲା, ସେତିକିବେଳେ ସେହି ଘାଇ ଉପରେ ଜଣେ କିଏ ବର୍ଷୀୟସୀ ନାରୀ ତା'ର ପ୍ରାଣର ନନ୍ଦନକୁ ପ୍ରାଣରେ ପ୍ରତିବିମ୍ବିତ କରିବାକୁ ଚେଷ୍ଟାକରି କପୋଳ-ଦେଶରେ ଘନ ଘନ ଚୁମ୍ବନ ଦେଇ କହିଲା- "ବାବୁରେ, ଧନ ମୋର.....କୁଆଡ଼େ ଯିବୁ..... ?"

ପଥରୁଦ୍ଧ ଝରଣାର ଜଳ ହଠାତ୍ ପଥ ପାଇ ଉଚ୍ଛୁଳି ଉଠିଲା ପରି ତାହାରି କୋଳରେ କାହାର କରୁଣ କଣ୍ଠର ସ୍ୱର ଶୁଣାଗଲା – "ମାଆ ... ?"





ପୁଅ ରାତିରେ ଘର ଛାଡ଼ି ଆସିଲା ପରେ ମାଆ ଯେ କି ଉଦ୍‌ବେଗରେ ବଣବୁଦା ଭିତରେ ଡାକି ଡାକି ବୁଲୁଛି, ସେ କଥା କେବଳ ସେହି ମାତୃହୃଦୟ ବୁଝିବ । ଶେଷକୁ ପୁଅକୁ ବନ୍ଧ ଉପରେ ନିଦ୍ରିତାବସ୍ଥାରେ ପାଇ ଜାକିପକାଇ କହିଲା- "ବାବୁ ମୋର, ଯାଉଛୁ କୁଆଡ଼େ ତୁ ?"

ନାରସେନାର ଚେତା ହେଲା । ଘରୁ ଆସି ସେ ଗଛ ପଥର ପାଣି ପବନ ସମସ୍ତଙ୍କ ଆଗେ ଦୁଃଖ ଜଣାଇଥିଲା, ସମସ୍ତଙ୍କୁ ଉତ୍ତର ପାଇଁ ଡାକିଥିଲା, ମାତ୍ର ମାଆକୁ କିଛି କହିପାରି ନଥିଲା । ବାଟକଡ଼ର ତା'ର ଚିରପରିଚିତ ସିନ୍ଦୂରବୋଳା ପଥର ଠାକୁରାଣୀଙ୍କୁ କୁଣ୍ଢାଇ ଡାକିଥିଲା- "କହ ମା' ...ମୋର କି ଜାତି ଗଲା ?"

ପଥର ଉତ୍ତର ଦେଇ ନଥିଲା ।

ଶେଷରେ ସତରେ ତା'ର ମାଆ ଆସି ଯେତେବେଳେ ତାକୁ ଛୁଇଁଲା, ସେ କହିଲା- "ମୁଁ ଅଜାତିଆ, ମାଆ, ମୋତେ ଛୁଇଁଲେ ଜାତି ଯିବ !"

ମାଆ କହିଲା- "ମୋର ଜାତି ଯିବ ? ମୁଁ ପରା ତୋର ମାଆ... !"

"ମା' ! ମୁଁ ଯିବି ଦୂରକୁ । ମୋର ଘରେ ଆଉ ଥାନ ନାହିଁ ।"

- "ଦୂରକୁ ?"

- "ହଁ, ଦୂରକୁ । ଜାତି ନାଇଁ ମୋର । ଏଠି ମୋତେ କିଏ 'ଜାତି' ପଚାରିଲେ କ'ଣ କହିବି ?"

ମାଆ ପୁଅକୁ ଆହୁରି କୋଳକୁ ଟାଣିଆଣି କହିଲା- "କହିବୁ ମୋର ପୁଅ ବୋଲି !"

"ଅଜାତିଆ ତୋର ପୁଅ ହେବ ....." ଏତିକି କହି ପୁଅ ବ୍ୟାକୁଳ ସତୃଷ୍ଣଭାବରେ ମାଆର ସେହି ସ୍ନେହଲାବଣ୍ୟମୟ ମୁଖମଣ୍ଡଳକୁ ଚାହିଁରହିଲା ।

ସେଥିରୁ ଯେଉଁ ଅମୃତ ଝରୁଥିଲା, ମୁହୂର୍ତ୍ତକେ ତା' ହୃଦୟଟା ସେଥିରେ ଉଲ୍ଲସି ଉଠିଲା; ମାଆ ଆଉ ଉତ୍ତର ଦେଇପାରିଲା ନାହିଁ । ଅଜସ୍ର ଧାରାରେ ତା'ର ଦୁଇ ଆଖିରୁ ଲୁହ-ଝରଣା ଫିଟିଗଲା । ରସୁଲକୋଣ୍ଡାର ସେହି ଘାଇଠାରୁ କେଡ଼େ ଗଭୀର ସେ ଝରଣା ! ଖାଲି ଲୁହ-ଖାଲି ଲୁହ-ଓହୋ..... ସେ ହୃଦୟଟା ଫାଟିଗଲା ପରା ।

ପୁଅ କହିଲା- "ମା, ଯାଉଚି ଦୂରକୁ ।"

- "ଚାଲ ଧନ, ମୁଁ ଯିବି....."

ଦିହେଁ ଚାଲିଲେ- ଚାଲିଲେ..... ଚାଲିଲେ.....

ରାତି ପାହିଲା । ମାଟି ବୁହା ହେଲା; ମାତ୍ର ନାରସେନା ଆଉ ତା'ର ମାଆର ଇତିହାସ ସେଦିନ ସେହିଠାରେ ସେତିକିରେ ରହିଲା ।

* * * *

ଏହି ଘଟଣାର ବହୁବର୍ଷ ପରେ - ୧୯୩୪ ମସିହା ଜୁଲାଇ ମାସ ୧୦ ତାରିଖ ସନ୍ଧ୍ୟାବେଳେ ଛତ୍ରପୁର ସହରର ଏକ ଗଳି ଭିତରେ ହଠାତ୍ କଥା ପ୍ରକାଶ ପାଇଲା ଯେ, ରସୁଲକୋଣ୍ଡା ଘାଇ-ଯୁଗର ନାରସେନା ନାଇଡୁ ପୀର୍ ମହମ୍ମଦ ନାମରେ ଏପର୍ଯ୍ୟନ୍ତ ମୁଣ୍ଡ ଟେକି ସଂସାରରେ ରହିଛି । ସେ ଆଉ ଘରକୁ ଫେରି ନାହିଁ, ପୁରୀ ଯାଇ ନାହିଁ, ଗୋବରପାଣି ପିଇ ନାହିଁ । ଜାତିର ଧକ୍କା ତାକୁ ବହୁ ଦୂରକୁ ଠେଲିଦେଇଛି ।

## ୧.୫ ଗଳ୍ପଟିକୁ ବୁଝିବା ପାଇଁ

ଗଳ୍ପଟି ଆମକୁ ଭଲ ଲାଗିଲା । କାହିଁକି ଭଲ ଲାଗିଲା ? ଏଥିରେ ଥିବା ନାନା ଉପାଦାନ ଆମ ହୃଦୟକୁ ସ୍ପର୍ଶ କଲା । ସେହି ଉପାଦାନଗୁଡ଼ିକ ଭିତରୁ ମୁଖ୍ୟ ଉପାଦାନ ଦୁଇଟି ହେଲା - କାହାଣୀ ଓ ଚରିତ୍ର । ଆମେ ଏବେ ପଢ଼ିଥିବା ଏ ଗଳ୍ପର ଏ ଦୁଇ ମୁଖ୍ୟଉପାଦାନ ବିଷୟରେ ଜାଣିବା ।

**କଥାବସ୍ତୁ:** ଗଞ୍ଜାମ  ଜିଲ୍ଲାର ରସୁଲକୋଣ୍ଡାଠାରେ ଆନିକଟ ନିର୍ମାଣ ଚାଲିଥାଏ । ଶ୍ରମିକମାନେ କାମରେ ଲାଗିଥାନ୍ତି । ପଥର କଟା ହେଉଥାଏ ଆଉ ଶ୍ରମିକମାନେ ସେଗୁଡ଼ିକୁ ମୁଣ୍ଡରେ ବୋହି ବନ୍ଧ ତିଆରି ହେଉଥିବା ସ୍ଥାନରେ ପକାଉଥାନ୍ତି । ଶ୍ରମିକମାନେ ଭିନ୍ନ ଜାତି, ଭିନ୍ନ ସମ୍ପ୍ରଦାୟ ଓ ଭିନ୍ନ ଭାଷାଭାଷୀ ହେଲେ ମଧ୍ୟ ସେମାନଙ୍କ ଭିତରେ ଭେଦଭାବ ନଥିଲା । ସେମାନେ ସମସ୍ତେ ନିଜକୁ ଶ୍ରମିକ ବୋଲି ଚିହ୍ନିଥିଲେ ଓ ଚିହ୍ନାଉଥିଲେ । ଶ୍ରମ ହିଁ ସେମାନଙ୍କୁ ଦେଇଥିଲା ସମାନତାର ମନ୍ତ୍ର । ସେମାନଙ୍କ ଭିତରେ ଉଚ୍ଚନୀଚ ଭେଦଭାବ ନଥିଲା । ସେମାନଙ୍କ ଭିତରୁ ଶ୍ରମିକଟିଏ । ତାର ନାଁ ନାରସେନା । ତାର ଘର ସେ ସ୍ଥାନରୁ କିଛି ଦୂରରେ ପାତ୍ରପଡ଼ା ନାମକ ଗାଁରେ । ସେ ମଧ୍ୟ ଶ୍ରମ ଓ ସାମ୍ୟମନ୍ତ୍ରରେ ଦୀକ୍ଷିତ ହୋଇ ଦିନସାରା ପଥର ବୁହେ । ସନ୍ଧ୍ୟାରେ ଘରକୁ ଫେରିଯାଏ ।

ଦିନେ ଶ୍ରମିକମାନେ ମନଖୁସିରେ ଭୋଜି କରିଥିଲେ । ଦିନଯାକର ହାଡ଼ଭଙ୍ଗା ପରିଶ୍ରମ ପରେ ମହାମଉଜରେ ସମସ୍ତେ ଏକାଠି ବସି ଭୋଜି ଖାଇଲେ । ହିନ୍ଦୁ-ମୁସଲମାନ, ଓଡ଼ିଆ-ତେଲେଙ୍ଗା, ବ୍ରାହ୍ମଣ-ଚଣ୍ଡାଳ ଏକାଠି ପଂକ୍ତି ଭୋଜନ କଲେ । ସେମାନଙ୍କ ଖୁସି ଦେଖିଲେ ନସରେ, କିଏ କହୁଥାଏ - ଜୟ ରଘୁପତି ରାଜା ରାମ, ଆଉ କାହା ତୁଣ୍ଡରେ 'ଆଲ୍ଲା ହୋ ଆକବର' ଧ୍ୱନି, କିଏ ପୁଣି ଉଚ୍ଚାରଣ କରୁଥାଏ ବଂ ବଂ ଶିବ ଭୋଳାନାଥ । ଆନନ୍ଦରେ ଅଧୀର ହୋଇ ସେମାନେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । ଠାକୁରଙ୍କୁ ଭିନ୍ନ ଭିନ୍ନ ନାମ ଡାକ ଛାଡୁଥିଲେ ବି ସେମାନେ ସମସ୍ତେ ଶ୍ରମିକ ଭାବରେ ଥିଲେ ସମାନ । ତେଣୁ ଭୋଜିରେ ମଧ୍ୟ ସାମ୍ୟଧର୍ମ ପାଳନ ହୋଇଥିଲା ।

ନାରସେନା  ଭୋଜି  ଖାଇ  ଖୁସିରେ  ଘରକୁ ଫେରିଲା । କିନ୍ତୁ ତା ପୂର୍ବରୁ ଭୋଜିର ସମ୍ବାଦ ଗାଁରେ ପହଞ୍ଚି ହଇଚଇ କରିଦେଇଥିଲା । ତେଣୁ ନାରସେନା ଯେତେବେଳେ ଦୁଆର ମୁହଁରେ ପହଞ୍ଚିଲା ଭିତରୁ ଶୁଭିଲା ତିରସ୍କାର ବାଣୀ । ବାରଜାତି ସାଙ୍ଗରେ ଏକାଠି ବସି ଭୋଜନ କରିଥିବାରୁ ତାର ଜାତି ଚାଲିଯାଇଛି । ସେ ଅଜାତିଆ  । ଅଜାତିଆ ଘରେ ପଶିପାରିବ ନାହିଁ । ପ୍ରାୟଶ୍ଚିତ କଲେ ଯାଇ ଘରକୁ ପଶିପାରିବ । ନଚେତ୍ ନାହିଁ । ନାରସେନାକୁ ଘରୁ ତଡ଼ି ଦିଆଗଲା ।

ଅଜାତିଆ ନାରସେନା ଅତି ଦୁଃଖରେ ଘରୁ ବାହୁଡ଼ି ଆସିଲା । କୁଆଡ଼େ ବା ଯିବ, ଚାରିଆଡ଼ ବୁଲି ବୁଲି ସେ ସେଇ ପଥର ବନ୍ଧ ଉପରେ ଶୋଇପଡ଼ିଲା ।

**କଠିନ ଶବ୍ଦର ଅର୍ଥ :**

ବୁଭୁକ୍ଷୁ- ଭୋକିଲା
ରସୁଲକୋଣ୍ଡା- ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଠାରେ ଅବସ୍ଥିତ
ପ୍ରାସାଦ- କୋଠାଘର
ଅର୍ଦ୍ଧଶତାବ୍ଦୀ- ପଚାଶବର୍ଷ
ନୃତ୍ୟଛାୟା- ଛାଇର ନାଚ
ନିଷ୍ପ୍ରଭ-ପ୍ରଭାବିହୀନ, ଅନ୍ଧାରିଆ
ନଭଶ୍ଚୁମ୍ବୀ- ଆକାଶକୁ ଛୁଇଁଥିବା
ରୁକ୍ଷ- କଠିନ, କଠୋର
ପ୍ରଭାତୀ ତାରା- ପାହାନ୍ତି ତାରା (ଶୁକ୍ରଗ୍ରହ)
ବର୍ଷୀୟସୀ-ବୟସ୍କା ମହିଳା
ସତୃଷ୍ଣ- ଆତୁର, ପ୍ରବଳ ଆଗ୍ରହ

ରାତିର ଶେଷ ପହରରେ ତାର ନିଦ ଭାଙ୍ଗିଗଲା । ସେ ଉଠିପଡ଼ି ଦେଖିଲା, ତାର ମାଆ ତାକୁ କୋଳେଇ ଧରିଛି । ସାରା ରାତି ତାର ଏକୋଇର ବଳାକୁ ଖୋଜି ଖୋଜି ସେ ପଥର ବନ୍ଧ ଉପରେ ତାକୁ ପାଇଥିଲା । ମାଆ ତାକୁ କୋଳେଇ ଧରିଥିବା ଦେଖି ଚମକି ପଡ଼ିଲା ନାରସେନା । ସେ ବାରଣ କରି କହିଲା ଯେ ସେ ଅଜାତିଆ, ତାକୁ ଛୁଇଁଲେ ମାଆର ମଧ୍ୟ ଜାତି ଚାଲିଯିବ । ମାଆ ପୁଅକୁ ବୋଧ ଦେଇ କହିଲା, ତାର ଜାତି ଯିବ ନାହିଁ କାରଣ ସେ ତାର ଜନ୍ମଦାତ୍ରୀ । ଅଜାତିଆ ନାରସେନା ପୁଣି ପଚାରିଲା ତାକୁ କିଏ ଜାତି ପଚାରିଲେ ସେ କ'ଣ ଉତ୍ତର ଦେବ ? ମାଆ ତାକୁ ଆବେଗରେ ଆହୁରି କୋଳକୁ ଭିଡ଼ି ଆଣି ବତାଇଥିଲା ଯେ ସେ କହିବ ମାଆର ପୁଅ ବୋଲି । ଏହିଭଳି ସ୍ନେହ ବୋଳା କଥାଶୁଣି ନାରସେନାର ମନ ଶାନ୍ତ ହେଲା । ତଥାପି ସେ ଆଉ ଗାଁକୁ ଫେରିଲା ନାହିଁ । ତା ମାଆ ମଧ୍ୟ ଗାଁକୁ ଫେରିଲା ନାହିଁ । ପୁଅ ସାଙ୍ଗରେ ସେ ମଧ୍ୟ ଗାଁ ଛାଡ଼ିଲା । ନାରସେନାକୁ ଅଜାତିଆ ବୋଲି ସମାଜ ତଡ଼ି ଦେଇଥିଲା । ଯେଉଁ ସମାଜରେ ଏଭଳି କୁସଂସ୍କାର ରହିଛି ତାହାକୁ ମାଆ ତ୍ୟାଗ କରି ଦୂରକୁ ଚାଲିଗଲା ।

ବହୁଦିନେ ପରେ ଦେଖାଗଲା ଯେ ନାରସେନା, ପୀର୍ ମହମ୍ମଦ ନାମ ଧାରଣ କରି ଛତ୍ରପୁର ସହରରେ ବାସ କରୁଛି ।

ସାମାଜିକ ସମସ୍ୟା ମୂଳକ କାହାଣୀଟି ଏହି ଗଳ୍ପର ବଳିଷ୍ଠ ଉପାଦାନ ।

## ଚରିତ୍ର:

ଗଳ୍ପରେ ଦୁଇଜଣ ଚରିତ୍ର ମନରେ ଖୁବ୍ ପ୍ରଭାବ ବିସ୍ତାର କରନ୍ତି । ଜଣେ ନାରସେନା ନାଇଡୁ ଓ ଅନ୍ୟ ଜଣକ ହେଲା ତାର ମାଆ ।

**ନାରସେନା:** ନାରସେନା ଚଉଦ ବର୍ଷର ତରୁଣ । ରସୁଲକୋଣ୍ଡା ଘାଇର ଶ୍ରମିକ ସେ । ଶ୍ରମଜୀବୀ । ଶ୍ରମକରି ଗୁଜୁରାଣ ମେଣ୍ଟାଏ । ଦିନେ ସାରା ପଥର ବୁହେ । ରାତିରେ ଘରକୁ ଫେରି ବିଶ୍ରାମ ନିଏ । ଘରେ ତାର ବାପା ଓ ମାଆ । ଏ ହେଉଛି ତାର ନିତିଦିନିଆ ଜୀବନ । ଏଥିରେ ଫୁଟି ଉଠିଛି ଶାନ୍ତି ଓ ସରଳତା ।

ଶ୍ରମିକ ନାରସେନା ଅନ୍ୟମାନଙ୍କ ସହ ମିଳିମିଶି କାମ କଲାବେଳେ କେତେକ ମୂଲ୍ୟବାନ୍ ଉପଲବ୍ଧି ହାସଲ କରିଛି । ଶ୍ରମକୁ ସେ ଆଶୀର୍ବାଦ କି ଅଭିଶାପ ବୋଲି ମନେ କରେ ନାହିଁ ବରଂ ସ୍ୱାଭାବିକ ଭାବରେ କର୍ମ ଓ କର୍ତ୍ତବ୍ୟ ଜ୍ଞାନ କରେ । ତାହାକୁ ନିଷ୍ଠାର ସହ ପାଳନ କରେ । ସେତିକି ନୁହେଁ କର୍ତ୍ତବ୍ୟ ପାଳନରେ ପଟୁତା ଫୁଟାଇ ଗୌରବ ଅନୁଭବ କରେ । କିଏ କେତେ ପଥର ବୋହି ପାରିବ ସେଥିପାଇଁ ଶ୍ରମିକଙ୍କ ମଧ୍ୟରେ ଥାଏ ପ୍ରତିଯୋଗିତା । ସେଇଠି ସେ ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ହାସଲ କରିଛି । ଶ୍ରମିକମାନେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ସମ୍ପ୍ରଦାୟରୁ ଆସିଥିଲେ ମଧ୍ୟ ସେମାନଙ୍କ ପାଇଁ ତାହା ଗୌଣ । ସେମାନଙ୍କ ପ୍ରକୃତ ପରିଚୟ ହେଲା ସେମାନେ ଶ୍ରମିକ । ତେଣୁ ଧର୍ମ, ଭାଷା, ଜାତିକୁ ନେଇ ସେମାନଙ୍କ ମଧ୍ୟରେ ଉଚ୍ଚନୀଚ ଭେଦଭାବ ନଥିଲା । ସମସ୍ତଙ୍କର ଗୋଟିଏ ପରିଚୟ ହୋଇଥିବାରୁ ସମସ୍ତେ ସମାନ । ନାରସେନା ନାଇଡୁ ଏଥିପାଇଁ ଗଙ୍ଗାନାଇଡୁ, ରାମଦାସ, ମଧୁରାଉଳ, ରଘୁମିଶ୍ରଙ୍କ ସହ ଜଣେ ବୋଲି ଭାବୁଥିଲା । ଜାତିଧର୍ମ ନିର୍ବିଶେଷରେ ସମସ୍ତେ ମଣିଷ ଓ ସମସ୍ତେ ସମାନ ।

ସାମ୍ୟଧର୍ମର ଅମୃତ ରଖିଥିବା ନାରସେନା ଜୀବନରେ ଦିନେ ଆସିଛି ଆକସ୍ମିକ ଝଡ଼ । ସେଇ ଝଡ଼ରେ ଓଲଟ ପାଲଟ ହୋଇଗଲା ତାର ଜୀବନ । ସାରା ଦିନର କଠିନ ପରିଶ୍ରମ ପରେ ମନୋରଞ୍ଜନ ନିମନ୍ତେ ଶ୍ରମିକ ଦଳ ବଣଭୋଜି କରିଥିଲେ । ସନ୍ଧ୍ୟାରେ ଆରମ୍ଭ ହୋଇଗଲା ଉତ୍ସବ । ସେମାନେ ଆନନ୍ଦରେ ମାତି ଉଠିଲେ ସେଥିରେ । ଭୋଜି ଖାଇ ନାରସେନା ଘରକୁ ଫେରିଲା । ସେତେବେଳକୁ ରାତି ଅଧ । ତାକୁ ତା ଘର ଭିତରକୁ ଯିବା ପାଇଁ ବାରଣ କରାଗଲା । କାରଣ ସେ ଅଜାତିଆ ହୋଇଗଲା । ବାରଜାତି ତେର ଗୋଲାଙ୍କ ସାଙ୍ଗରେ ଏକାଠି ଖାଇବା ଯୋଗୁଁ ତାର ଜାତି ଗଲା । ସେ ପ୍ରଥମେ ଏକଥା ବୁଝିପାରିଲା ନାହିଁ, ବଣଭୋଜିର ଆନନ୍ଦ ତା ମନରୁ ଲିଭିଗଲା । କେତେ ନେହୁରା ହେଲା, ମାତ୍ର ଉତ୍ତର ପାଇଲା, "ନା, ଅଜାତିଆର ଏ ଘର ନୁହେଁ ।" ନିଜ ଲୋକ ତା କଥାକୁ କର୍ଣ୍ଣପାତ କଲେ ନାହିଁ । ସେ ଗଛ, ପଥର ସମସ୍ତଙ୍କୁ ଦୁଃଖ ନିବେଦନ କଲା, ଏପରିକି ବାଟକଡ଼ର ସିନ୍ଦୂରବୋଳା ଠାକୁରାଣୀଙ୍କୁ କୁଣ୍ଢାଇ ଧରି କାନ୍ଦିଲା । କେହି ତାକୁ ସାନ୍ତ୍ୱନା ଦେଲେ ନାହିଁ ।

ଘରୁ ତଡ଼ା ଖାଇ ନାରସେନା, ଯେଉଁଠାରୁ ସାମ୍ୟ ଶିକ୍ଷା କରିଥିଲା ସେହି ପଥର ବନ୍ଧ ଉପରେ କାନ୍ଦି କାନ୍ଦି ଶୋଇପଡ଼ିଲା । ରାତି ଶେଷରେ ତା ମାଆ ଆସି ତାକୁ କୋଳେଇ ନେବାରୁ ତାର ପ୍ରାଣ ଶାନ୍ତ ହେଲା । ତାର ଅସହାୟତା କଟିଗଲା, ଭୟ ଦୂର ହେଲା । ସାହସ ଫେରି ପାଇଲା । ବଞ୍ଚିବାର ନୂଆ ରାହା ପାଇଥିଲା । ସେ ମାଆକୁ ନେଇ ଗାଁ ଛାଡ଼ି ଦୂରକୁ ଚାଲିଗଲା । ସେ ଜାତିକୁ ଫେରିବା ପାଇଁ ପ୍ରାୟଶ୍ଚିତ କଲା ନାହିଁ, କି ଅଜାତିଆ ବୋଲି ମୃତ୍ୟୁ ବରଣ କଲା ନାହିଁ । ସଂସାରରେ ମୁଣ୍ଡ ଟେକି ବଞ୍ଚିବା ପାଇଁ ଚେଷ୍ଟା କଲା । ଛତ୍ରପୁର ସହରରେ ପୀର ମହମ୍ମଦ ନାମ ଧାରଣ କରି ସେ ଜୀବନ ବିତାଇଲା ।

ହିନ୍ଦୁ ସମାଜର ରକ୍ଷଣଶୀଳତା ଯୋଗୁଁ କେତେ ଯେ ଜାତିଚ୍ୟୁତ ହୋଇଛନ୍ତି ତାର କଳନା ନାହିଁ । ନାରସେନା ସେମାନଙ୍କ ଭିତରୁ ଜଣେ । ଜାତି ଅପେକ୍ଷା ମଣିଷ ହୋଇ ବଞ୍ଚିବା ପାଇଁ ସେ ଗୁରୁତ୍ୱ ଦେଇଛି । ସବୁର ଊର୍ଦ୍ଧ୍ୱରେ ମନୁଷ୍ୟ ସତ୍ୟ – ଏହି ଚିନ୍ତାଧାରାକୁ ପ୍ରତିପାଦନ କରିଛି ନାରସେନା । ନାରସେନା ଚରିତ୍ରର ଏହି ଦିଗଟି ଅତି ବଳିଷ୍ଠ ଓ ପ୍ରେରଣାଦାୟକ ।

**ମାଆ :** 'ଜାତିର ଧକ୍କା' ଗଳ୍ପର ଅସାମାନ୍ୟ ଚରିତ୍ର ହେଉଛି ନାରସେନାର ମାଆ । ମାତୃତ୍ୱ ହିଁ ତାର ବୈଶିଷ୍ଟ୍ୟ । ସେହି ଧର୍ମ ପାଳନ କରି ସେ ମହୀୟସୀ ପାଲଟିଛି । ତାର ମହାନତାକୁ ନେଇ ଗଳ୍ପର ସୃଷ୍ଟି ବୋଲି ଲେଖକ ସ୍ପଷ୍ଟ କରିଛନ୍ତି । ମାଆ ଗଳ୍ପରେ ଅଳ୍ପ ସମୟ ପାଇଁ ଦେଖାଦେଇଛି କିନ୍ତୁ ସେତିକିରେ ତାଙ୍କ ଚରିତ୍ର ଏତେ ସୁନ୍ଦର ଭାବରେ ବ୍ୟକ୍ତ ହୋଇଛି ଯେ ତାର ପଟାନ୍ତର ନାହିଁ ।

ତାର ଏକୋଇର ବଳା ନାରସେନାକୁ ଯେତେବେଳେ ଅଜାତିଆ ବୋଲି ଘରେ ପଶିବାକୁ ମନା କରାଗଲା, ସେତିକିବେଳେ ମାଆ ସେହି ଆଦେଶକୁ ସ୍ୱାଗତ କରିନାହିଁ । ଶକ୍ତିଶାଳୀ ସମାଜର ପ୍ରତିବାଦ କରିବାକୁ ମଧ୍ୟ ତାର ଶକ୍ତି ନାହିଁ । କିନ୍ତୁ ସେ ପିଣ୍ଡା ସେପାଖେ ଥାଇ ଦୀର୍ଘଶ୍ୱାସ ଛାଡ଼ି ପୁଅ ପ୍ରତି ସମବେଦନା ଜଣାଇଛି । ନାରସେନା ରାତି ଅଧରେ ଘରୁ ଚାଲି ଆସିବା ପରେ ମାଆ ଆଉ ଘରେ ରହିପାରି ନାହିଁ । ଅନ୍ୟାନ୍ୟ ସମସ୍ତ ବନ୍ଧନ ଅପେକ୍ଷା ପୁଅ ପ୍ରତି ଅନାବିଳ ସ୍ନେହ ସେଦିନ ଜୟଲାଭ କରିଛି । ବ୍ୟାକୁଳ ହୃଦୟରେ ସେ ଜଙ୍ଗଲ ଭିତରେ ପୁଅକୁ ଖୋଜି ଖୋଜି ଶେଷରେ ପାଇଛି ବନ୍ଧ ଉପରେ । ତାର ମାତୃହୃଦୟ ଶାନ୍ତ ହେଲା । ପୁଅ କପାଳରେ ବୋକ ଢ଼ାଳି ହୃଦୟର ସମସ୍ତ ସ୍ନେହ ଅର୍ପଣ କରିଛି ।





ସମାଜ ତାର ପୁଅକୁ ଅଜାତିଆ କହିପାରେ, କିନ୍ତୁ ମାଆ ପାଖରେ ସେ ଅପବାଦର କିଛି ମୂଲ୍ୟ ନାହିଁ । ସମାଜର ଏହି କୁତ୍ସିତ ପରମ୍ପରାକୁ ସେ ମାନି ନାହିଁ । ଅବଜ୍ଞା କରିଛି । ନାରସେନା ଯେତେବେଳେ କହିଲା ତାକୁ ଛୁଇଁଲେ ମାଆର ଜାତି ଚାଲିଯିବ, ସେତେବେଳେ ସେ କହନ୍ତି "ମୋର ଜାତି ଯିବ ? ମୁଁ ପରା ତୋର ମାଆ !" ମାଆର ଏ ସ୍ନେହବୋଳା ଭକ୍ତି ନାରସେନା ମନରେ ଭରିଦେଇଛି ଆଶ୍ୱାସନା । ସମାଜ ଯେଉଁ ଆଘାତ ଦେଇଥିଲା ତାହା ମାଆର କଥା ପଦକରେ ପ୍ରଶମିତ ହେଲା । ନାରସେନା ପୁଣି ପଚାରିଲା ଅନ୍ୟମାନେ ତାର ଜାତି କ'ଣ ପଚାରିଲେ ସେ କ'ଣ ଉତ୍ତର ଦେବ ? ମାଆ ବତାଇଦେଲା, "କହିବୁ ମୋର ପୁଅ ବୋଲି ।" ସମାଜ ଛଡ଼ା ନାରସେନା ପୁଣି ଯୋଡ଼ି ହୋଇଗଲା ମାଆ ସହିତ । ମାଆ ଆଉ ନାରସେନାକୁ ଏକୁଟିଆ ଛାଡ଼ି ନଦେଇ ତା ସହିତ ଦୂରକୁ ଚାଲିଗଲା । ପୁରୁଣା ସମାଜଠାରୁ ବହୁ ଦୂରକୁ । ପତିତ ପୁଅ ପୁଣି ଥରେ ଠିଆ କରାଇବା ପାଇଁ ତାଙ୍କର ସ୍ନେହ ମମତା ଭରା ସାହସ ପ୍ରଦାନ ତାଙ୍କ ଚରିତ୍ରକୁ ମହିମାନ୍ୱିତ କରିଛି । ଜାତି-ଚ୍ୟୁତ ନାରସେନା ଜାତିର ଧକ୍କା ଖାଇ ହୁଏତ ମୃତ୍ୟୁବରଣ କରିଥାନ୍ତା ମାତ୍ର ମାଆ ଯୋଗୁଁ ତାର ମଣିଷପଣିଆ ଜାଗ୍ରତ ହୋଇଛି ।

ଗାଉଁଲି ଅଶିକ୍ଷିତ ମାଆଟିଏ ଯେଉଁ ମହାନ୍ ଆଦର୍ଶ ଦେଖାଇଛି ତାହା ଅତୁଳନୀୟ । ତାର ପ୍ରତ୍ୟେକ ଭକ୍ତି ଓ ଆଚରଣ ସରଳ ଅଥଚ ଅତି ଗଭୀର ଓ ଯଥାର୍ଥ ମଧ୍ୟ । ମାନବ ପ୍ରାଣର ଶାଶ୍ୱତ ବାଣୀ ତା ଭିତରେ ହୋଇଛି ଝଙ୍କୃତ ।

## ୧.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ରକ୍ଷଣଶୀଳ ସମାଜର ଧକ୍କା ପଠିତ ଗଳ୍ପରେ କିପରି ରୂପ ପାଇଛି ବର୍ଣ୍ଣନା କର ।

II. ଗଳ୍ପଟି ଏକ ମାତୃ ହୃଦୟର କାହାଣୀ – ପ୍ରତିପାଦନ କର ।

III. ନାରସେନା ନାଇଡୁର ଚରିତ୍ର ଚିତ୍ରଣ କର ।

IV. ଜାତିର ଧକ୍‌କା ଗଳ୍ପରୁ ଗାଳ୍ପିକଙ୍କ ଆଭିମୁଖ୍ୟ ବିଚାର କର ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) ସମସ୍ତେ ନିଜକୁ କ'ଣ ବୋଲି ପରିଚୟ ଦେଉଥିଲେ ?

ii) ନାରସେନା କାହାଠାରୁ ଧୈର୍ଯ୍ୟ ଗୁଣ ଶିଖିଛି ?

iii) କୁଲିଙ୍କର ଧ୍ୱନି ଭିତରୁ ପ୍ରତିଧ୍ୱନି ଉଠି କ'ଣ ସୃଷ୍ଟି କଲା ?

iv) ନାରସେନା ଅନ୍ଧାର ଭିତରେ କାହାର ଛବି ଦେଖିଲା ?

v) କୁଲିମାନେ ଆନନ୍ଦରେ କି କି ଧ୍ୱନି ଦେଉଥିଲେ ?

vi) ନାରସେନାର ଜାତି ଚାଲିଗଲା କାହିଁକି ?

vii) ପୁଅ ରାତିରେ ଘରଛାଡ଼ି ଆସିବା ପରେ ମାଆ କ'ଣ କଲା ?

viii) ଘରୁ ଧ୍ୱକ୍କାର ଶୁଣି ନାରସେନା କ'ଣ ଭାବିଲା ?

ix) ନାରସେନା ରସୁଲକୋଣ୍ଡାରୁ ଚାଲିଯାଇ କେମିତି ରହିଥିଲା ?

x) କୁଲିମାନଙ୍କର ହସ ବିଚିତ୍ର କାହିଁକି ?

xi) ଶ୍ରମିକମାନେ ସମସ୍ତେ ସମାନ ବୋଲି କେମିତି ବୁଝିଥିଲେ ?

xii) ନାରସେନା ମନଦୁଃଖରେ ଘରୁ ଆସି କ'ଣ କଲା ?

xiii) ଘାଇଠାରୁ କେତେ ଗଭୀର ସେ ଝରଣା - ଏହାର ତାତ୍ପର୍ଯ୍ୟ କଣ ?

xiv) ମାଆ କାହିଁକି କହିଲା, 'କହିବୁ ମୋର ପୁଅ ବୋଲି' ?

## ୧.୭ ବିଷୟ ବୋଧଗତ ପ୍ରଶ୍ନ

I. **ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର -**

କ) ସେହିଠାରେ .................ବିରାଟ ଘାଇ ବନ୍ଧାଯାଉଛି ।
(ଖଲିକୋଟ୍, ଗଞ୍ଜାମ, ରସୁଲକୋଣ୍ଡା, ଆସିକା)

ଖ) ଘାଇରେ କାମ କରୁଥିବା କୁଲିଙ୍କର ............... ହେଉଥିଲା ।
(ତ୍ରିନାଥ ମେଳା, ଶୁଭ ଅନୁକୂଳ, ଭୂମିପୂଜା, ବଣଭୋଜି)

ଗ) ଗଭୀର ଅନ୍ଧାର ଭିତରେ ତା ଉପରେ କାହାର ............... ପଡ଼ିଲା ।
(ଅଭିଶାପ, ଆଶୀର୍ବାଦ, ଲୁହନିଃଶ୍ୱାସ, ଫୁଲଚନ୍ଦନ)

ଘ) ମୁଁ ................... ମାଆ, ମୋତେ ଛୁଇଁଲେ ଜାତି ଯିବ ।
(ବିଦେଶୀ, ଅଜାତିଆ, ଦେଶଦ୍ରୋହୀ, ଗୋବଧକାରୀ)

ଙ) ପୁଅ ସତୃପ୍ତ ଭାବରେ ମାଆର ................... ମୁଖ ମଣ୍ଡଳକୁ ଚାହିଁଲା ।
(ହାଡୁଆ, ସୁନ୍ଦର, ସ୍ନେହ ଲାବଣ୍ୟମୟ, ଖିଲାଳ)

## ୧.୮ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର ମାଳା

I. କ) ରସୁଲ କୋଣ୍ଡାର ଖ) ବଣଭୋଜି ଗ) ଅଭିଶାପ ଘ) ଅଜାତିଆ

ଙ) ସ୍ନେହ ଲାବଣ୍ୟମୟ

- • -

# ୨

# ପତାକା ଉତ୍ତୋଳନ

**ସୁରେନ୍ଦ୍ର ମହାନ୍ତି**

## ୨.୧ ଉପକ୍ରମ

ଗୋଟିଏ ଦେଶ ଅନ୍ୟ ଦେଶ ଦ୍ୱାରା କବଳିତ ହେଲେ, ଲୋକେ କେବଳ ରାଜନୈତିକ ସ୍ୱାଧୀନତା ହରାନ୍ତି ତା’ ନୁହେଁ, ବରଂ ସେମାନଙ୍କର ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ମଧ୍ୟ ନଷ୍ଟ ହୋଇଯାଏ । ମଣିଷ ଭାବରେ ସେମାନଙ୍କର ଯେଉଁ ଜନ୍ମଗତ ସ୍ୱାଧୀନତା ଅଛି, ତାହା ଭୁଲି ସେମାନେ ଦାସତ୍ୱକୁ ଶ୍ରେଷ୍ଠସ୍ଥାନ ଦିଅନ୍ତି । ସେଥିପାଇଁ ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମୀମାନେ ପ୍ରଥମେ ଜନତା ମଧ୍ୟରୁ ଏହି ଜଡ଼ତାକୁ ଭାଙ୍ଗି ତାହାକୁ ସ୍ୱାଧୀନତାର ମନ୍ତ୍ର ଶିଖାନ୍ତି । ଫଳରେ ଦେଶ ସ୍ୱାଧୀନ ହୁଏ । ପରାଧୀନ ଭାରତ ଠିକ୍ ଏହି ଦଶା ଭୋଗକରିଥିଲା । ବର୍ତ୍ତମାନ ସେ ବିଷୟରେ ଗଳ୍ପଟିଏ ପଢ଼ିବା ।

## ୨.୨ ଗଳ୍ପ ପଠନର ଉଦ୍ଦେଶ୍ୟ

ଏହି ଗଳ୍ପ ପଠନ ଦ୍ୱାରା ଆମେ

- ପଠିତ ଗଳ୍ପରୁ ଗାଳ୍ପିକଙ୍କ ଗଳ୍ପ ରଚନାର ଉଦ୍ଦେଶ୍ୟ ବୁଝିବା ।
- ଭାରତର ସ୍ୱାଧୀନତା ଆନ୍ଦୋଳନର ଘଟଣା ଜାଣିପାରିବା ।
- ଇଂରେଜ ସରକାରଙ୍କ ଅଧୀନରେ ଚାକିରି କରିଥିବା ରାୟବାହାଦୁର ତାଙ୍କର ପୁତ୍ରକୁ ଗୁଳି ମାରିବା ପାଇଁ କାହିଁକି କୁଣ୍ଠାବୋଧ କରିନଥିଲେ ତାହା ଅନୁଭବ କରିବା ।
- ରାୟବାହାଦୁର କିପରି ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ଭାରତର ସ୍ୱାଧୀନ ପତାକା ଉତ୍ତୋଳନ ସମୟରେ ନିଜ ହାତରେ ମାରିଥିବା ପୁତ୍ର କଥା ନେଇ ଅନୁଶୋଚନା କରିଛନ୍ତି ତାହା ବୁଝିପାରିବା ।
- ପିଲା ହେଲେ ମଧ୍ୟ ଅରୁଣ ମଧ୍ୟରେ କିପରି ଜାତୀୟ ପ୍ରେମ ଦେଖା ଦେଇଥିଲା ତାହା ଅନୁଭବ କରିବା ।
- ଅରୁଣ ଚରିତ୍ର ମାଧ୍ୟମରେ ଜନ୍ମମାଟିକୁ ସ୍ୱର୍ଗ ଠାରୁ ବଡ଼ ବୋଲି ଜାଣିବା ।

## ୨.୩ ଗାଳ୍ପିକଙ୍କ ପରିଚୟ

ଏ ଗଳ୍ପର ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି (୧୯୨୦-୧୯୯୧) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପ ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଲେଖକ । ତାଙ୍କ ଗଳ୍ପ ପରିସର ବୌଦ୍ଧଯୁଗର ଘଟଣାଠାରୁ ଆରମ୍ଭ କରି ଆଧୁନିକ ମଣିଷର ଜୀବନଧାରା ପର୍ଯ୍ୟନ୍ତ ପରିବ୍ୟାପ୍ତ । ତାଙ୍କ ରଚିତ ଗଳ୍ପ ପୁସ୍ତକଗୁଡ଼ିକ ହେଲା- କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ସବୁଜପତ୍ର ଓ ଧୂସର ଗୋଲାପ, ମହାନଗରୀର ରାତ୍ରି, ମରାଳର ମୃତ୍ୟୁ, ମାଂସର କୋଣାର୍କ, ଯଦୁବଂଶୀ ଓ ଅନ୍ୟାନ୍ୟଗଳ୍ପ । ସେ ମଧ୍ୟ ଅନେକ ପ୍ରସିଦ୍ଧ ଉପନ୍ୟାସର ସ୍ରଷ୍ଟା । ‘ଅନ୍ଧ ଦିଗନ୍ତ’, ‘ନୀଳଶୈଳ’ ଉପନ୍ୟାସ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଲାଭ କରିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀକୁ ନେଇ ସେ ରଚନା କରିଛନ୍ତି ଦୁଇଟି ଉପନ୍ୟାସ – ‘ଶତାବ୍ଦୀର ସୂର୍ଯ୍ୟ’ ଓ ‘କୁଳବୃଦ୍ଧ’ । ଏହା

ବ୍ୟତୀତ ସେ ବହୁ ପ୍ରବନ୍ଧ ତଥା ଆଲୋଚନା ଗ୍ରନ୍ଥ ରଚନା କରି ଆମ ଗଦ୍ୟ ଓ ସାହିତ୍ୟ ଆଲୋଚନାକୁ ସମୃଦ୍ଧ କରିଛନ୍ତି । "ପଥ ଓ ପୃଥିବୀ" ତାଙ୍କର ଆତ୍ମଜୀବନ ଚରିତ ।

## ୨.୪ ମୂଳ ବିଷୟ

ରାୟବାହାଦୁର୍ ସୋମନାଥ ମହାପାତ୍ର, ଆଇ.ପି. (ରିଟାୟାର୍ଡ୍), ସି.ବି.ଇ. ଓ ବି.ଇ., କେ.ସି.ଆଇ.ଇ.ଙ୍କ ଆଖିରେ ଛାଇ ନିଦ ଲାଗିଆସିଛି । ରାତି ସେତେବେଳକୁ ବାରଟା ପାଖାପାଖି । ହଠାତ୍ ଶଙ୍ଖ, ଘଣ୍ଟା ହୁଳହୁଳି ଓ ତୋପର ମିଳିତ ଧ୍ୱନିରେ ତାଙ୍କର ଛାଇ ନିଦ ଭାଙ୍ଗିଗଲା । ଆଖି ମଳିମଳି ସେ ବିଛଣା ଉପରେ ଉଠି ବସିଲେ । ରାତିର ଶାନ୍ତ, ନୀରବ ମୁହୂର୍ତ୍ତ "ଜୟ ସ୍ୱାଧୀନ ଭାରତ କୀ ଜୟ"ର ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇଉଠିଲା ।

ରାୟବାହାଦୁର ବିଛଣା ଛାଡ଼ି ଉଠିଲେ । ବାହାରେ କୋଳାହାଳ କ୍ରମେ ବଢୁଛି । ରାୟବାହାଦୁର ଗୋଟି ଗୋଟି କରି ଘରର ଝରକା କବାଟ ବନ୍ଦ କରି ଦେଲେ ।

ଝରକା କବାଟ ବନ୍ଦ କରି ସେ କୋଳାହଳ ରୁଦ୍ଧ କରି ହୁଏ ନାହିଁ । ରାୟବାହାଦୁର ଦୁଇ କାନରେ ଦୁଇଟି ଆଙ୍ଗୁଠି ଚାପି ଧରିଲେ, ତଥାପି ସେ କୋଳାହଳରୁ ନିଷ୍କୃତି ନାହିଁ । ବନ୍ଧୁକର ଗୁଳି ପରି ଜୟଧ୍ୱନିର ସେ ଶବ୍ଦ ଯେପରି ବୃଦ୍ଧ ରାୟବାହାଦୁରଙ୍କ ପ୍ରତ୍ୟେକ ଜୀର୍ଣ୍ଣ ଅସ୍ଥି ଖଣ୍ଡ ଚୂର୍ଣ୍ଣ କରିଦେଉଛି ।

ରାୟବାହାଦୁର କ୍ଷିପ୍ତ ପରି ଘରର ଝରକା କବାଟଗୁଡ଼ାକ ଖୋଲି ଦେଲେ । ବାହାରର କୋଳାହଳ ଝଡ଼ ପରି ଘର ଭିତରର ପ୍ରତ୍ୟେକ କୋଣ ଥରାଇ ଦେଇଗଲା ଯେପରି ।

ପଟୁଆରର ଅଗ୍ରଣୀ ତାଙ୍କର ପରଲୋକଗତ ଜ୍ୟେଷ୍ଠ ପୁତ୍ରର ପୁତ୍ର ବିଜୟ । ହାତରେ ତା'ର ସ୍ୱାଧୀନ ଭାରତର ଏକ ପ୍ରକାଣ୍ଡ ତ୍ରିରଙ୍ଗା ପତାକା ।

ରାୟବାହାଦୁର୍ ଝରକା ପାଖକୁ ଚାଲିଆସି କାନ୍ଥର ସୁଇଚ୍ ମାରି ଆଲୁଅ ଜଳାଇଲେ । ତା'ପରେ ତକିଆ ତଳୁ ଗୋଟାଏ ଚାବିଲେନ୍ଥା କାଢ଼ି ଘରର ଗୋଟାଏ କୋଣରେ ଡ୍ରୟାରଚେଷ୍ଟ'ର ଗୋଟାଏ ଡ୍ରୟାର ଫିଟାଇଲେ । ଏଇ ଡ୍ରୟାରଚେଷ୍ଟଟି ତାଙ୍କର ଏକାନ୍ତ ନିଜସ୍ୱ । ଏହାର ଚାବି ସେ ଭୁଲ୍‌ରେ ସୁଦ୍ଧା କାହା ହାତରେ ଦେଇନାହାନ୍ତି କେବେ ।

ରାୟବାହାଦୁର୍ ଡ୍ରୟାର ଭିତରୁ କାଢ଼ିଲେ ପରଲୋକଗତ ଅରୁଣର ଖଣ୍ଡେ ବହୁଦିନର ଫଟୋଗ୍ରାଫ୍ । ଗୋଟାଏ ଭେଲଭେଟ୍ ବାକ୍ସରେ ଅତି ଯତ୍ନରେ ଥିଲା ସେ ଫଟୋ ଖଣ୍ଡିକ ।

ଅରୁଣର ସେହି ପ୍ରତିଭାଦୀପ୍ତ ଆଦର୍ଶୋଜ୍ଜ୍ୱଳ ଚେହେରା । ପରିଧାନରେ ଅସହଯୋଗକାରୀ ସତ୍ୟାଗ୍ରହୀର ପୋଷାକ ।

ହଠାତ୍ ମନେ ହେଲା, ବିଦ୍ୟୁତ୍‌ର ଆଘାତରେ ରାୟବାହାଦୁର ଯେପରି ଟଳି ପଡ଼ିଲେ । ତାଙ୍କ କମ୍ପିତ ହାତରୁ ସେ ଫଟୋଟି ତଳେ ଖସିପଡ଼ିଲା ।



ଟିପ୍ପଣୀ

ମୁହୂର୍ତ୍ତକ  ଭିତରେ ପ୍ରକୃତିସ୍ଥ ହୋଇ ରାୟବାହାଦୁର୍ ଫଟୋଟି ତଳୁ ଉଠାଇ ନେଇ ପୁଣି ସେ ଭେଲ୍‌ଭେଟ୍ ବାକ୍ସ ଭିତରେ ରଖିଦେଲେ । ତା'ପରେ ଡ୍ରୟାର ଭିତରୁ କାଢ଼ିଲେ ଗୁଡ଼ାଏ ମେଡ଼ାଲ୍ ଆଉ ସନନ୍ଦପତ୍ର । ସନନ୍ଦପତ୍ରଗୁଡ଼ିକ ଉପରେ କେମିତି ଗୋଟାଏ ହଳଦିଆ ଆସ୍ତରଣ ମାଡ଼ିଗଲାଣି । ରାୟବାହାଦୁର୍ ମୂକ ପରି ଚାହିଁ ରହିଲେ ଏକଦା ବିଜୟୋଜ୍ଜ୍ୱଳ ସେଇ ପ୍ରାଣହୀନ ସ୍ମାରକଗୁଡ଼ିକୁ ।

ଗୋଟିଏ ସନନ୍ଦ ରାୟବାହାଦୁର କମ୍ପିତ ହାତରେ ପଢ଼ିବାକୁ ଲାଗିଲେ । ୧୯୨୩ ସାଲରେ ବ୍ରିଟିଶ ସମ୍ରାଟଙ୍କ ଦ୍ୱାରା ସେ ସନନ୍ଦ ପ୍ରଦତ୍ତ ହୋଇଥିଲା ଦରବାର ଉପଲକ୍ଷ୍ୟରେ । ସେଥିରେ ଲେଖାଅଛି... "ବ୍ରିଟିଶ ସିଂହାସନ ପ୍ରତି ଆପଣଙ୍କର ନିଷ୍ଠା ଏବଂ ଅନୁରକ୍ତି ମହାମହିମ ବ୍ରିଟିଶ ସମ୍ରାଟଙ୍କୁ ମୁଗ୍ଧ କରିଛି । ବ୍ରିଟିଶ ସିଂହାସନ ପ୍ରତି ଏ ଅତୁଳନୀୟ ଅନୁରକ୍ତି ପାଇଁ ଆପଣ ନିଜର..."

ରାୟବାହାଦୁର୍‌ଙ୍କ ଦୁଇଆଖି ଆଗରେ କିଏ ଯେମିତି ଟାଣି ଦେଇଥିଲା କୁହୁଡ଼ିର ଗୋଟିଏ ପର୍ଦ୍ଦା । ହାତରୁ ତାଙ୍କର ଖସିପଡ଼ିଲା ସେ ସନନ୍ଦପତ୍ର ।

X X X X

ସେ ଆଜିକି ପଚିଶ ବର୍ଷ ତଳେ ...

ଚଉରୀଚଉରାର ବିପ୍ଳବ ପରେ ଭାରତର ମନ୍ଥର ଜାତୀୟ ଆନ୍ଦୋଳନର ଜଡ଼ନାଡିକାରେ ଜାଗିଛି ଏକ ନୂତନ ସ୍ପନ୍ଦନ । ସନ୍ତ୍ରାସବାଦ ସେଦିନ ଭାରତର ଜାତୀୟ ଆନ୍ଦୋଳନରେ ଆଣି ଦେଇଛି ଏକ ନୂତନ ଆଭିଜାତ୍ୟ ।

ସେତେବେଳକୁ ପୁଲିସ୍‌ରେ ସେ ଜଣେ ଅସ୍ଥାୟୀ ଇନ୍‌ସ୍‌ପେକ୍ଟର ମାତ୍ର ।

X X X X

"ବନ୍ଦେ ମାତରମ୍ !

ସୁଜଳାଂ ସୁଫଳାଂ ମଳୟଜ ଶୀତଳାମ୍, ବନ୍ଦେ..."

ରାୟବାହାଦୁର୍ ଚମକି ପଡ଼ିଲେ । ଅରୁଣ କଣ୍ଠରେ ଏ "ବନ୍ଦେ ମାତରମ୍" ସଙ୍ଗୀତର ଆବୃତ୍ତି ଠିକ୍ ଏହିପରି ଶୁଭୁଥିଲା ।

ରାୟବାହାଦୁର୍ ଛୁଟିଗଲେ ଖୋଲା ଝରକା ପାଖକୁ । କ୍ରମେ "ବନ୍ଦେ ମାତରମ୍"ର ଐକତାନ ଗାନ ଅସ୍ପଷ୍ଟରୁ ଅସ୍ପଷ୍ଟତର ହୋଇ ଯାଉଛି ।

X X X X

ତା'ପରେ –

"ଅରୁଣ, ତୁମେ ଅନ୍ୟାୟ କରୁଛ । ବ୍ରିଟିଶ ସରକାରଙ୍କ ବିରୋଧରେ ତୁମର ଏ ଦ୍ରୋହାଚାର କେବଳ ଅନ୍ୟାୟ ନୁହେଁ ..."

"ମୋତେ କ୍ଷମା କରନ୍ତୁ । ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି – ଭାରତର ପବିତ୍ରତମ ଦାବି । ଆପଣ କ'ଣ ଭାରତୀୟ ନୁହନ୍ତି ବାପା, ନା ବ୍ରିଟିଶ ସରକାରଙ୍କ ଗୋଲାମି ଆପଣଙ୍କ ଦେହରୁ ..."

"ଅରୁଣ !" ଚିତ୍କାର କରି ଉଠିଲେ ସେଦିନ ଭାବୀ ଆଇ:ପି:ରାୟବାହାଦୁର୍, ସି.ବି.ଇ. ଓ ବି.ଇ., କେ.ସି. ଆଇ.ଇ...

"ଅରୁଣ ! ଏ ମୋର ଆଦେଶ !"

"ଅନ୍ୟାୟ ଆଦେଶ ମୁଁ ସ୍ୱୀକାର କରିବି ନାହିଁ କେବେ ।"

ରାୟବାହାଦୁର୍ କ୍ଷିପ୍ତପରି ଚାବୁକ୍‌ରେ ଆଘାତ କଲେ ଅରୁଣଙ୍କୁ ।

ଅରୁଣ ତଥାପି ଅବିଚଳିତ କଣ୍ଠରେ ଜବାବ ଦେଇଥିଲା, "ଆପଣ ଅନ୍ୟାୟ କରୁଛନ୍ତି ବାପା !"

ରାୟ ବାହାଦୁର୍‌ଙ୍କ ସ୍ତ୍ରୀ ହେମମାଳା ରନ୍ଧାଘର ଭିତରୁ ଉଠି ଆସି, ବାପ ପୁଅଙ୍କ ମଝିରେ ଠିଆ ହୋଇ ଅନୁଯୋଗର ସ୍ୱରରେ କହିଲେ- "ଏ କ'ଣ କରୁଚ ତୁମେ ?"

ରାୟବାହାଦୁର୍ ଚିତ୍କାର କରି ଉଠିଲେ – "ଯାଅ ତୁମେ ! ବାହାରର କଥା ନେଇ ମୁଣ୍ଡ ଖେଳେଇବାରେ ତୁମର କିଛି ଦରକାର ନାହିଁ । ଯାହାର ଦାନା ଖାଇ ମୁଁ ମଣିଷ, ତା'ର ନିମକ୍‌ହାରାମି ଅସମ୍ଭବ ।"

ରାୟବାହାଦୁର୍ ଆଦେଶ ଦେଲେ – "ଏଇ ମୁହୂର୍ତ୍ତରେ ତୁମେ ବାହାରିଯାଅ ଅରୁଣ । ତୁମେ ମୋର ତ୍ୟଜ୍ୟପୁତ୍ର ।"

ଅରୁଣ ସେଇଦିନୁ ଯାଇଛି; ଆଉ ଭୁଲରେ କେବେ ଫେରିନି ।

X X X X

ବାହାରେ କୋଳାହଳ ମୁହୂର୍ତ୍ତକ ପାଇଁ ବନ୍ଦ ହୋଇଯାଇଛି । ରାତିର ଲକ୍ଷ ଝିଙ୍କାରି କଣ୍ଠରେ ସେଇ ଝିଁ ଝିଁ ସ୍ୱରରେ ରାତିର ନୀରବ ମୁହୂର୍ତ୍ତଗୁଡ଼ିକ ଅନୁରଣିତ ହୋଇଉଠିଛି ।

ରାୟବାହାଦୁର୍ ଉତ୍‌କଣ୍ଠିତ ହୋଇ ଶୁଣୁଥିଲେ । ଅନେକ ରାତିରେ ଏମିତି ଶୁଣନ୍ତି; କେବେ କେବେ ଅଧରାତିରେ ଯଦି ନିଦ ଭାଙ୍ଗିଯାଏ ।

କୋଉଠି କିଏ ଯେପରି କାନ୍ଦୁଛି – ସଦ୍ୟ ବିଧବାର ବୁକୁଚିରା ସେ କାନ୍ଦ । ତାଙ୍କର ପୁତ୍ରବଧୂ ଅପର୍ଣ୍ଣା ଏମିତି ଦିନେ କାନ୍ଦିଥିଲା ।

ପୁଲିସ୍ ସାହେବର ହୁକୁମ – "ଦେଖ ମହାପାତ୍ର, ତୁମେ ଭାରି ପାରିବାର ଲୋକ । ଅନେକ ବଡ଼ ବଡ଼ କଥା ତୁମେ ଚଳେଇ ନେଇଛ । ଆଜି ଏକ ବିରାଟ ଜନତା ଆସୁଛି ସହରର ଥାନା, କଚେରୀ ଆକ୍ରମଣ କରିବା ପାଇଁ । ସେମାନଙ୍କୁ ସାଫ୍ କରିବାର ଦାୟିତ୍ୱ ତୁମର ।"

ରାୟବାହାଦୁର ନାଟକୀୟ ଭଙ୍ଗିରେ କୁର୍ଣ୍ଣିଶ୍ ଜଣାଇଥିଲେ ।

– ପୁଲିସ ଥାନା ଆଗରେ ବିରାଟ ଜନତା । ସମସ୍ତେ ନିରସ୍ତ୍ର । ସାମ୍‌ନାରେ ସେମାନଙ୍କର ସଶସ୍ତ୍ର ପୁଲିସ ବାହିନୀ । ବନ୍ଧୁକର ବାୟୋନେଟ୍‌ରେ ଖରାପଡ଼ି ଚକ୍ ଚକ୍ କରୁଛି ।

ରାୟବାହାଦୁର୍ ଚିତ୍କାର କରୁଥା'ନ୍ତି, "ହଟୋ ! ହଟୋ ଶାଲେ ଲୋକ୍ !"

ଜନତା କୁହାଟୁଥାଏ – "ବନ୍ଦେ ମାତରମ୍ !"

ଲାଠିଚାର୍ଜର ହୁକୁମ ଆସିଲା ।

ତଥାପି ଜନତା ପୃଷ୍ଠଭଙ୍ଗ ଦେଲା ନାହିଁ । ବିଶୃଙ୍ଖଳ ଜନତା ଭିତରେ କୁଆଡୁ ଅରୁଣ ଆସି ଚିତ୍କାର କରି ଉଠିଲା, "ଏ ଲାଠିମାଡ଼ ଅନ୍ୟାୟ; କିନ୍ତୁ ଆତ୍ମରକ୍ଷା ଅନ୍ୟାୟ ନୁହେଁ – ବନ୍ଦେ ମାତରମ୍ !"

ଝଞ୍ଜାକ୍ରାନ୍ତ ସମୁଦ୍ର ପରି ମୁହୂର୍ତ୍ତକ ମଧ୍ୟରେ ଜନତା ଭୀଷଣ ଭୟଙ୍କର ହୋଇ ଉଠିଲା ।

ସୋମନାଥ ହାତର ପିସ୍ତଲ ଉପରକୁ ଉଠାଇଲେ । ପିତା ପୁତ୍ର ଶେଷ ସାକ୍ଷାତ ।

ଅରୁଣ ଅବିଚଳିତ କଣ୍ଠରେ ନିର୍ଦ୍ଦେଶ ଦେଲା, "ଭୟ ନାହିଁ, ଭୟ ନାହିଁ ଭାଇମାନେ ! ଶ୍ରୀରାମଚନ୍ଦ୍ର କମଳ ନୟନର ନୀଳୋତ୍ପଳରେ କରିଥିଲେ ଦେବୀ ଆରାଧନା ! ଆମର –"

ଜନତାର କୁହାଟରେ ଶତସିଂହ ଗର୍ଜନ କରିଉଠିଲା । କେତେଜଣ ଏହା ଭିତରେ ଯାଇ ଫ୍ଲାଗଷ୍ଟାଫ୍ ଭାଙ୍ଗି ଉଡୁଥିବା ୟୁନିୟନ ଜାକ୍‌କୁ ଚିରି ଦେଲେଣି ।

ସୋମନାଥଙ୍କ ହାତରେ ପିସ୍ତଲ ଫୁଟିଲା । ହାୟ ଭଗବାନ ! ସେ ଚାହିଁଥିଲେ ଖାଲି ଫାଙ୍କା ଆଓ୍ୱାଜ କରିବାକୁ । କିନ୍ତୁ... କିନ୍ତୁ... ଅରୁଣର ରକ୍ତାକ୍ତ ଶବ ତଳେ ଖସିପଡ଼ିଲା ।

"ସାବାସ୍ ମହାପାତ୍ର ! ବ୍ରିଟିଶ ସମ୍ରାଟ ଏ ଅତୁଳନୀୟ କର୍ତ୍ତବ୍ୟନିଷ୍ଠାର ମହତ୍ତ୍ୱକୁ ଯଥାଯୋଗ୍ୟ ପୁରସ୍କୃତ କରିବେ ।"

ସେଦିନ ରାତିରେ ଅପର୍ଣ୍ଣାର ହାତରୁ କାଚ ଭାଙ୍ଗିଲାବେଳେ ... ଉଃ, ନାରାୟଣ ! ନାରାୟଣ !

ତା'ପରଦିନ ସୋମନାଥ ହେଲେ ଇନ୍‌ସପେକ୍ଟର ।

ତା'ପରେ ସେମାନାଥଙ୍କ ଘରକୁ ଅର୍ଥ ଆସିଛି, ପ୍ରତିପତ୍ତି ଆସିଛି, ମର୍ଯ୍ୟାଦା ଆସିଛି; କିନ୍ତୁ ମା' ଲକ୍ଷ୍ମୀ ନେଇଛନ୍ତି ଚିର ବିଦାୟ ।

ଜୀବନର ଗତ ଏ ପଚିଶ ବର୍ଷ ଭିତରେ ସେ ନିଜକୁ ନିଜେ କ୍ଷମା ଦେଇ ଆସିଛନ୍ତି – ଏ ପୁତ୍ରହତ୍ୟା, କର୍ତ୍ତବ୍ୟର ସାଧନା ନିର୍ମମ ହୋଇପାରେ; ମାତ୍ର ଅନ୍ୟାୟ ନୁହେଁ ।

ରାୟବାହାଦୁର୍ ହଠାତ୍ ଚମକି ଉଠିଲେ ଘର ଭିତରେ ଶଙ୍ଖଧ୍ୱନି ଶୁଣି । ହେମମାଳା ଦୋତାଲା ବାରଣ୍ଡାରେ କେତେବେଳେ ଗୋଟିଏ ତ୍ରିରଙ୍ଗା ପତାକା ଉଡ଼ାଇ, ପାଦ ତଳେ ତା'ର ଦୀପ ଜାଳି ଶଙ୍ଖଧ୍ୱନି କରୁଛନ୍ତି ।

ରାୟବାହାଦୁର୍ ପାଗଳ ପରି ଯାଇ ହେମମାଳାଙ୍କ ହାତରୁ ଶଙ୍ଖଟା ଛଡ଼େଇ ନେଇ କହିଲେ, "ଏ କ'ଣ କରୁଛ ତୁମେ ?"

ହେମମାଳା ଚିତ୍କାର କରିଉଠିଲେ, "ମୋତେ ଛୁଅଁନା, ଛୁଅଁନା ତୁମେ । ମୋ ଅରୁ ଫେରି ଆସିଛି ମୋ କୋଳକୁ ।"

ହେମମାଳା ଭୋ ଭୋ ହୋଇ କାନ୍ଦି ଉଠିଲେ । ଏମିତି କାନ୍ଦ ସେ କାନ୍ଦି ନାହାନ୍ତି ଗତ ପଚିଶ ବର୍ଷ ଭିତରେ କେବେ ।

ରାୟବାହାଦୁର୍‌ଙ୍କ ଦୁଇ ଆଖିରେ ମଧ୍ୟ ପାଣି ଜମି ଆସୁଥିଲା । ସେ ତ୍ରିରଙ୍ଗା ପତାକାକୁ କାଢ଼ି ଫିଙ୍ଗି ଦେଇ କହିଲେ, "ଯେଉଁ ୟୁନିୟନ୍ ଜାକ୍ ପାଇଁ ଅରୁକୁ ଖୁନ୍ କରିଛି, ସେ ପତାକାର ପତନ ଅସମ୍ଭବ ।"

ହେମମାଳା ଦର୍ପିତାର କଣ୍ଠରେ କହିଲେ, "ଯୋଉ ପତାକା ପାଇଁ ଅରୁ ପ୍ରାଣବଳି ଦେଇଛି, ସେ ପତାକା ଯୁଗେ ଯୁଗେ ରହିବ ଉନ୍ନତ ହୋଇ ।"

ହେମମାଳା ଆବେଗ ଓ ଉତ୍ତେଜନାରେ ତଳେ ମୂର୍ଚ୍ଛିତା ହୋଇ ପଡ଼ିଗଲେ । ରାୟବାହାଦୁର୍ ଭିତରକୁ ଯାଇ ଅନେକ ଦିନର ସାଇତା ସିଲ୍‌କର ଗୋଟିଏ ୟୁନିୟନ୍ ଜାକ୍ ପତାକା କାଢ଼ି ଉଡ଼ାଇଲେ ସେଇ ତ୍ରିରଙ୍ଗା ପତାକା ସ୍ଥାନରେ ।

ତା' ପରଦିନ ସକାଳ ।

ସାରା ରାତି ସୋମନାଥଙ୍କୁ ନିଦ ନାହିଁ । ଅତି ସତର୍କ ପ୍ରହରୀ ପରି ସେ ରାତି ଚେଇଁ ବସିଛନ୍ତି ସେଇ ୟୁନିୟନ୍ ଜାକ୍ ପତାକା ପାଖରେ । ତା' ତଳେ ହେମମାଳାଙ୍କର ଦୀପ କେତେବେଳଠୁ ନିଭିଯାଇଛି ।

ରାତି ସାରା ସ୍ୱାଧୀନତା ଉତ୍ସବରେ ମାତି ଘରକୁ ଫେରିଲା ବିଜୟ ।

ଘରେ ପାଦ ଦେଇ ଏ ବିଚିତ୍ର ଦୃଶ୍ୟରେ ସେ ସ୍ତମ୍ଭିତ ହୋଇଗଲା । ମୁହୂର୍ତ୍ତକରେ ଜଡ଼ତା କଟିଯିବା ପରେ ବିଜୟ ପଚାରିଲା-

"ଏ କ'ଣ ହେଉଛି ଜେଜେ ? ଆଜି ୟୁନିୟନ୍ ଜାକ୍..."

ରାୟବାହାଦୁର୍ କହିଲେ- "ଦୁନିଆ ନିମକ୍‌ହାରାମ ହୋଇପାରେ ବିଜୁ, କିନ୍ତୁ ମୁଁ ନୁହେଁ ।"

ବିଜୁ ଦୃଢ଼ କଣ୍ଠରେ ପ୍ରତିବାଦ କଲା- "ଏ ପତାକା ଏଠି ଉଡ଼ିପାରିବ ନାହିଁ ଜେଜେ !"

ରାୟବାହାଦୁର୍ କହିଲେ - "ଅଲ୍‌ବତ୍ ଉଡ଼ିବ, ମୁଁ ବଞ୍ଚିଥିବା ଯାଏ ଉଡ଼ିବ । ଏ ଘର ମୋର ।"

ପତାକାଟାକୁ ଝାମ୍ପି ଉଠାଇ ନେଇ ବିଜୟ କହିଲା - "ଏ ଦେଶ ଆମର । ବ୍ରିଟିଶ ଗୋଲାମ ପାଇଁ ସ୍ଥାନ ଏଠି ନାହିଁ ।"

ସୋମନାଥ ବିଜୟ ହାତରୁ ସେ ୟୁନିୟନ୍ ଜାକ୍‌କୁ ଛଡ଼ାଇ ନେବାକୁ ଲାଗିଲେ । ଅତି ଅସ୍ୱାଭାବିକ ଭାବରେ ସେ ହୋଇ ଉଠିଛନ୍ତି ହିଂସ୍ର ଓ ଉତ୍‌କ୍ଷିପ୍ତ ।

ବିଜୟ ହାତରେ ଠେଲି ଦେଲା ତାଙ୍କୁ । ସୋମନାଥ ଶିଡ଼ିରେ ଗଡ଼ି ଗଡ଼ି ପଡ଼ିଲେ ଯାଇ ତଳ ମହଲାର ଚଟାଣରେ । ମୁଣ୍ଡ ଓ କାନ ଫାଟି ଯେମିତି ରକ୍ତର ସୁଅ ଛୁଟିଲା ।

ବିଜୟ ତାଙ୍କ ଉପରେ ଝୁଙ୍କି ପଡ଼ି ଅପରାଧୀର କଣ୍ଠରେ ଡାକିଲା - "ଜେଜେ !"

ସୋମନାଥ କ୍ଷୀଣ କଣ୍ଠରେ କହିଲେ - "ତୋତେ ଆଶୀର୍ବାଦ କରୁଛି ବିଜୁ, ମୁଁ ବେଶ୍ ଶାନ୍ତିରେ ମରିପାରିବି ଏଥର । ଏହି ପତାକା ପାଇଁ ତୁ ତୋ ବୁଢ଼ା ଜେଜେକୁ ମଧ୍ୟ ଆଘାତ କରିଛୁ । ଅଥଚ ଭାବୁଚି, ଏ ପତାକା କଅଣ ? ଖଣ୍ଡେ ରଙ୍ଗିନ୍ କନା ... ରଙ୍ଗ ଛାଡ଼ିଯିବ ତା'ର । ତଥାପି ତୋର ପତାକାର ଜୟ ହେଉ । ହେମ ..."

ପାଟି ପଡ଼ିଗଲା । ଆଖି ଦୁଇଟା ଶେତା ହୋଇ ଆସୁଛି । ଦୁଇଜଣ ଚାକର ମୁମୂର୍ଷୁ ରାୟବାହାଦୁର୍‌ଙ୍କୁ ଟେକି ନେଇଗଲେ ଉପରକୁ ।

ବିଜୟ ପ୍ରାଣହୀନ ପାଷାଣ ପରି ଚାହିଁ ରହିଥାଏ ପ୍ରଭାତର ସୂର୍ଯ୍ୟୋଦୀପ୍ତ ଆକାଶ ଆଡ଼େ । ଭାଦ୍ରବ ଆକାଶର ମେଘହୀନ ସୁନୀଳ ପଟ୍ଟଭୂମିରେ ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଉଡୁଛି ଫର ଫର ହୋଇ ।

## ୨.୫ ଗଳ୍ପଟିକୁ ବୁଝିବା ପାଇଁ

ଗଳ୍ପଟି ତୁମକୁ ଭଲ ଲାଗିଲା । କାରଣ ଏଥିରେ ଗୋଟିଏ ବଳିଷ୍ଠ କଥାବସ୍ତୁ ଅଛି । ପ୍ରଭାବଶାଳୀ ଚରିତ୍ରମାନଙ୍କର ଜୀବନ୍ତ ବର୍ଣ୍ଣନା ରହିଛି ଆଉ ତା ସାଙ୍ଗକୁ ଲେଖକଙ୍କର ଉତ୍କଣ୍ଠାପୂର୍ଣ୍ଣ ବର୍ଣ୍ଣନା ଶୈଳୀ ବି ରହିଛି । ସେଥିପାଇଁ ଗଳ୍ପଟି ମନକୁ ଛୁଇଁଗଲା । ଏବେ ଗଳ୍ପର ଏହି ବୈଶିଷ୍ଟ୍ୟଗୁଡ଼ିକ ବିଷୟରେ କିଛି ଚର୍ଚ୍ଚା କରିବା ।

### କାହାଣୀ :

'ପତାକା ଉତ୍ତୋଳନ' ଗଳ୍ପଟି ଗୋଟିଏ ପାରିବାରିକ କାହାଣୀ, ମାତ୍ର ଏହି କାହାଣୀ ଗଢ଼ି ଉଠିଛି ଦେଶର ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମିରେ ।

ଇଂରେଜ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ ବେଳେ ଚଉରିଚଉରାଠାରେ ହିଂସା ଦେଖାଦେବାରୁ ଆନ୍ଦୋଳନକୁ ବନ୍ଦ କରାଗଲା । ଏଥିରେ ଅସନ୍ତୁଷ୍ଟ ହୋଇ କିଛି କ୍ରାନ୍ତିକାରୀ ତରୁଣ ଅସ୍ତ୍ର ଜରିଆରେ ଆନ୍ଦୋଳନ ଚଳାଇବାରୁ ଦେଶର ଯୁବକମାନଙ୍କ ମନରେ ତାହା ପ୍ରବଳ ଉତ୍ସାହ ଆଣିଦେଲା । ପୋଲିସ ସବ୍‌ଇନ୍‌ସପେକ୍ଟର ସୋମନାଥ ମହାପାତ୍ରଙ୍କ ପୁଅ ଅରୁଣ ଥିଲା ସେଥିମଧ୍ୟରୁ ଜଣେ । ସେମାନେ ବିଦେଶୀ ସରକାରଙ୍କୁ ଶାସ୍ତି ଦେବାପାଇଁ ଉଦ୍ୟମ କରୁଥାନ୍ତି । ବାପା ପୋଲିସ୍, ପୁଅ ସଂଗ୍ରାମୀ । ତେଣୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଛି । ସୋମନାଥ ମହାପାତ୍ର ଇଂରେଜ ସରକାରଙ୍କ ବେତନଭୋଗୀ କର୍ମଚାରୀ ତେଣୁ ସେ ଇଂରେଜ ସମର୍ଥକ, କିନ୍ତୁ ଅରୁଣ ଦେଶଭକ୍ତ ସ୍ୱାଧୀନତା ସଂଗ୍ରାମୀ ଭାବରେ ଇଂରେଜ ସରକାରଙ୍କ ବିରୋଧୀ । ତେଣୁ ସୋମନାଥ ମହାପାତ୍ର ପୁଅକୁ ଚୁପ୍ ରହିବା ପାଇଁ ବାଧ୍ୟ କରନ୍ତି । ଅରୁଣ ବାପାଙ୍କୁ ସମ୍ମାନ କରେ କିନ୍ତୁ ଦେଶର ସ୍ୱାଧୀନତାପାଇଁ ସେ ଜୀବନକୁ ପାଣି ଛଡ଼ାଇଥିବାରୁ ତାଙ୍କ ଆଦେଶ ପାଳନ କରିନାହିଁ, ଶେଷରେ ତ୍ୟଜ୍ୟପୁତ୍ର ହୋଇଛି । ବାପା, ମା, ଘର ଓ ପତ୍ନୀ ଅପର୍ଣ୍ଣାକୁ ଛାଡ଼ି ସେ ଚାଲି ଯାଇଛି ।

ସେଦିନ ଉତ୍ୟକ୍ତ ଜନତା ଥାନାରେ ଉଡୁଥିବା ଇଂଲଣ୍ଡ ପତାକା ବଦଳରେ ଭାରତର ଜାତୀୟ ପତାକା ଉଡ଼ାଇବା ପାଇଁ ଆଗେଇ ଆସୁଥାନ୍ତି । ଅରୁଣ ସେମାନଙ୍କ ନେତୃତ୍ୱ ନେଉଥାଏ । ସୋମନାଥଙ୍କ ହାତରେ ପିସ୍ତଲ ଫୁଟିଲା । ଅରୁଣ ସହିଦ ହେଲା । ବିଦ୍ରୋହକୁ ପଣ୍ଡ କରିଥିବାରୁ ସୋମନାଥ ମହାପାତ୍ରଙ୍କ ପଦୋନ୍ନତି ହେଲା । ସରକାରଙ୍କ ପ୍ରତି ତାଙ୍କର ନିଷ୍ଠା ଓ ଅନୁରକ୍ତି ଯୋଗୁଁ ସରକାର ତାଙ୍କୁ ପ୍ରଶଂସାପତ୍ର ଦେଲେ ରାୟବାହାଦୁର ପଦବୀ ।

ଅରୁଣର ବଳିଦାନ ବୃଥାଗଲା ନାହିଁ । ଦେଶ ସ୍ୱାଧୀନ ହେଲା । ସେତେବେଳକୁ ରାୟବାହାଦୁର ସୋମନାଥ ମହାପାତ୍ର ଚାକିରୀରୁ ଅବସର ନେଇସାରିଥିଲେ । ମଧ୍ୟରାତ୍ରରେ ଶଙ୍ଖ ଘଣ୍ଟା ହୁଳହୁଳି ଓ ସ୍ୱାଧୀନ ଭାରତର ଜୟଗାନରେ ତାଙ୍କର ନିଦ ଭାଙ୍ଗିଗଲା । ସେ ଦେଖିଲେ ବିରାଟ ପଟୁଆରରେ ଲୋକେ ଚାଲିଛନ୍ତି ।

ଟିପ୍ପଣୀ

ସବା ଆଗରେ ଶହୀଦ ଅରୁଣର ପୁଅ ତାଙ୍କ ନାତି ବିଜୟ ହାତରେ ତା'ର ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା । ଏ ଥିଲା ବାହାରର ଦୃଶ୍ୟ । ହଠାତ୍ ଘର ଭିତରୁ ଶଙ୍ଖଧ୍ୱନି ଶୁଣି ରାୟବାହାଦୁର ଚମକି ପଡ଼ିଲେ । ତାଙ୍କ ପତ୍ନୀ ଦୋତାଲା ବାରଣ୍ଡାରେ ତ୍ରିରଙ୍ଗା ଉଡ଼ାଇ, ତା ତଳେ ଦୀପ ଜାଳି ଶଙ୍ଖ ବଜାଉଛନ୍ତି । ସ୍ୱାଧୀନତାକୁ ସ୍ୱାଗତ କରୁଛନ୍ତି । ରାୟବାହାଦୁରଙ୍କ ଦେହ ସହିଲା ନାହିଁ । ସେ ରାଗିଯାଇ ତାହା ବନ୍ଦ କଲେ ଓ ଗୋଟିଏ ଇଂଲଣ୍ଡ ପତାକା ସେଠାରେ ଉଡ଼ାଇ ତାକୁ ରାତି ସାରା ଜଗିବସିଲେ ।

ରାତିସାରା ସ୍ୱାଧୀନତା ଉତ୍ସବରେ ମାତି ସକାଳେ ବିଜୟ ଘରକୁ ଫେରିଲା । ଜେଜେଙ୍କର ଏ ପ୍ରକାର କାର୍ଯ୍ୟଦେଖି ବିସ୍ମିତ ହେଲା । ସ୍ୱାଧୀନ ଭାରତରେ ଇଂଲଣ୍ଡ ପତାକା ଉଡ଼ାଇବା ହାସ୍ୟାସ୍ପଦ ଓ ଅବାନ୍ତର ହୋଇଥିବାରୁ ସେ ଜେଜେଙ୍କୁ ପ୍ରତିବାଦ କଲା । ଉତ୍ତରରେ ରାୟସାହେବ କହିଲେ ସେ ବଞ୍ଚିଥିବା ଯାଏଁ ଇଂଲଣ୍ଡର ପତାକା ଉଡ଼ାଇବେ । ବିଜୟ ପତାକା ଛଡ଼ାଇ ଦେବାକୁ ଉଦ୍ୟମ କରିବାରୁ ଦୁହିଁଙ୍କ ମଧ୍ୟରେ ସାମାନ୍ୟ ଠେଲାପେଲା ହେଲା । ସେଥିରେ ରାୟବାହାଦୁର ଭାରସାମ୍ୟ ହରାଇ ଶିଡ଼ି ପାହାଚରେ ଗଡ଼ିଗଡ଼ି ତଳେ ପଡ଼ିଲେ । ତାଙ୍କ ମୁଣ୍ଡ ଫାଟିଗଲା । ଯାହାକୁ ସେ ବିରୋଧ କରୁଥିଲେ ସ୍ୱାଧୀନ ଭାରତର ପତାକା ଫରଫର ହୋଇ ଉଡୁଥିଲା ଆକାଶରେ । ସ୍ୱାଧୀନତା ମାନବର ଜନ୍ମସିଦ୍ଧ ଅଧିକ - ତାଙ୍କ ପୁଅ ଅରୁଣର ଚିନ୍ତାଧାରା ସତ୍ୟ ହେଲା ।

## ଚରିତ୍ର :

'ପତାକା ଉତ୍ତୋଳନ' ଗଳ୍ପରେ ମୁଖ୍ୟ ଚରିତ୍ର ଅବସରପ୍ରାପ୍ତ ପୋଲିସ ଅଫିସର ରାୟବାହାଦୁର୍ ସୋମନାଥ ମହାପାତ୍ର । ତାଙ୍କୁ କେନ୍ଦ୍ର କରି ଆତଯାତ ହୋଇଛନ୍ତି ଅରୁଣ, ହେମମାଳା ଓ ବିଜୟ ପ୍ରଭୃତି । ରାୟବାହାଦୁରଙ୍କ ଚରିତ୍ରରେ ଏକାଧିକ ଗୁଣ ରହିଛି, ମାତ୍ର ସେଗୁଡ଼ିକୁ ଗ୍ରାସ କରିଛି ଗୋଟିଏ ମାତ୍ର ପୁଅ । ସେ ଜଣେ ବାପା । ଅରୁଣ ତାଙ୍କର ଏକମାତ୍ର ପୁଅ । କିନ୍ତୁ ପୁଅ ପ୍ରତି ଯେତିକି ସମ୍ବେଦନଶୀଳ ହେବା କଥା ତାହା ସେ ହୋଇନାହାନ୍ତି । ଠିକ୍ ସେମିତି ସେ ଭାରତୀୟ ହେଲେ ମଧ୍ୟ ଦେଶାତ୍ମବୋଧ ମଧ୍ୟ ତାଙ୍କର ନାହିଁ । ସେ ଇଂରେଜ ସରକାରଙ୍କ ଚାକିରିଆ । ତାଙ୍କର ଦାନା ଖାଇ ଜୀବନ ନିର୍ବାହ କରୁଛନ୍ତି ବୋଲି ସରକାରଙ୍କ ଅନୁଗତ ରହିଛନ୍ତି । ଏହି ଆନୁଗତ୍ୟ ତାଙ୍କର ଅନ୍ୟ ଦୁଇ ଭାବନାକୁ ଚାପି ଦେଇଛି । ତାଙ୍କର ସମସ୍ତ କାର୍ଯ୍ୟକଳାପ ମୂଳରେ ରହିଛି ଇଂରେଜ ଆନୁଗତ୍ୟ ।

ପଚିଶ ବର୍ଷ ତଳର କଥା । ପୁଅ ଅରୁଣ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲା । ରାୟବାହାଦୁର ତାକୁ ବାଟକୁ ଆଣିବା ପାଇଁ ଚେଷ୍ଟା କରିଛନ୍ତି । ସଂଗ୍ରାମ ବଦଳରେ ସମର୍ଥକ ହେବାପାଇଁ ପ୍ରବର୍ତ୍ତାଇଛନ୍ତି । ତାଙ୍କ ମତରେ ଇଂରେଜ ସରକାରଙ୍କ ଦାନାରେ ତାଙ୍କ ପରିବାର ପ୍ରତିପାଳିତ ହୁଏ । ତେଣୁ ତାଙ୍କ ପ୍ରତି ବିଦ୍ୱେଷୀ ଭାବ ଅନୁଚିତ । ଅରୁଣ ତାଙ୍କ କଥା ନ ମାନିବାରୁ ସେ ତାକୁ ତ୍ୟଜ୍ୟପୁତ୍ର କରିଛନ୍ତି । ପୁଅ ଅପେକ୍ଷା ତାଙ୍କ ନିକଟରେ ଆନୁଗତ୍ୟ ବଡ଼ । ସେଦିନ ଅରୁଣର ନେତୃତ୍ୱରେ ବିପ୍ଳବୀମାନେ ଥାନାରେ ଉଡୁଥିବା ବ୍ରିଟିଶ୍ ପତାକା ହଟାଇ ଭାରତୀୟ ପତାକା ଉଡ଼ାଇବା ପାଇଁ ଉଦ୍ୟମ କରୁଥିଲାବେଳେ ସେ ଗୁଳି ଚଳାଇଛନ୍ତି । ଫଳରେ ତାଙ୍କ ପୁଅ ସହିଦ ହୋଇଛି । ସରକାର ତାଙ୍କର ଏ ଆନୁଗତ୍ୟକୁ ପୁରସ୍କୃତ କର । ଚାକିରୀରେ ପଦୋନ୍ନତି ହେଲା । ସେ ଶୀର୍ଷରେ ପହଞ୍ଚିଲେ । ରାୟବାହାଦୁର ଉପାଧି ମଧ୍ୟ ମିଳିଥିଲା ।

**ଶବ୍ଦାର୍ଥ :**

କ୍ଷୁବ୍ଧ - ଅଶାନ୍ତ
କ୍ଷିପ୍ତ - ପାଗଳ
ପରଲୋକଗତ - ମୃତ
ଡ୍ରୟାର ଚେଷ୍ଟ - ଆଲମାରୀ
ଅସହଯୋଗକାରୀ- ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର କର୍ମୀ
ପ୍ରକୃତିସ୍ଥ - ସଚେତନ
ସନନ୍ଦ ପତ୍ର - ପ୍ରଶଂସାପତ୍ର
ମନ୍ଥର - ଧୀର, ନରମ
ଜଡ଼ - ଜୀବହୀନ
ନାଟିକା - ନାଡ଼ି
ସନ୍ତ୍ରାସବାଦ- ଦେଶ ବିରୋଧୀ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ
ଆଭିଜାତ୍ୟ-ଉଚ୍ଚବଂଶରେ ଜାତ
ଐକ୍ୟତାନ-ଏକ ସ୍ୱରରେ ଗାନ
ଦ୍ରୋହାଚାର-ବିରୋଧାଚରଣ
ନମକହାରାମି-କୃତଘ୍ନ / ଅକୃତଜ୍ଞ
ଗୋଲାମ-ଚାକର
ତ୍ୟଜ୍ୟପୁତ୍ର-ପୁତ୍ରକୁ ପରିତ୍ୟାଗ କରିବା
ପୁତ୍ରବଧୂ - ପୁଅର ସ୍ତ୍ରୀ

ଅରୁଣ ପ୍ରତି ତାଙ୍କର ଦୁର୍ବଳତା ଥିଲା । ବୋହୂ ଅପର୍ଣ୍ଣାର ବୈଧବ୍ୟ କାନ୍ଦଣା ତାଙ୍କୁ କଷ୍ଟ ଦିଏ । ଗୋଟିଏ ଭେଲଭେଟ ବାକ୍ସରେ ଅରୁଣର ଫଟୋ ରଖି ସେ ଲୁଚାଇ ଲୁଚାଇ ଦେଖୁଥିଲେ । କିନ୍ତୁ ଅରୁଣକୁ ମାରିଥିବାରୁ ସେ ଅନୁତାପ କରୁନଥିଲେ । ଭାବୁଥିଲେ ପୋଲିସ ଚାକିରୀ କରୁଥିବାରୁ ଥାନାକୁ ରକ୍ଷା କରିବା ଥିଲା ତାଙ୍କର କର୍ତ୍ତବ୍ୟ । କର୍ତ୍ତବ୍ୟ ପାଳନ କରି ସେ ପୁତ୍ରହତ୍ୟା କରିଛନ୍ତି । ଏହା ଅନ୍ୟାୟ ନୁହେଁ ।

ସେ ଜଣେ ଭାରତୀୟ, ଭାରତ ମାଟିରେ ଜନ୍ମ ନେଇ ତାହାରି ପାଣିପବନରେ ମଣିଷ ହୋଇଛନ୍ତି - ଏ ଭାବନା ରାୟବାହାଦୁରଙ୍କ ନ ଥିଲା । ଚାକିରୀ କାଳରେ ନଥିଲା କିନ୍ତୁ ଚାକରୀରୁ ଅବସର ପରେ ବିଦେଶୀଙ୍କ ପ୍ରତି ଅନ୍ଧ ମୋହ ତାଙ୍କର ତୁଟି ନଥିଲା । ଲୋକେ ମଧ୍ୟରାତ୍ରରେ ସ୍ୱାଧୀନତା ଉତ୍ସବ ପାଳନ କରୁଥିବା ଦେଖି ସେ ଖୁସି ହୋଇନାହାନ୍ତି । ସେ ଦୃଶ୍ୟ ତାଙ୍କୁ ଯନ୍ତ୍ରଣା ଦେଇଛି । ବନ୍ଦେ ମାତରମ୍ ଗୀତ ତାଙ୍କୁ ବିରକ୍ତି ଦେଇଛି । ଏପରିକି ପତ୍ନୀ ହେମମାଳା ତ୍ରିରଙ୍ଗା ଉଡ଼ାଇ ଶଙ୍ଖବଜାଇବାରୁ ସେ ତାହା ସହ୍ୟ କରିପାରି ନାହାନ୍ତି । ଇଂରେଜମାନଙ୍କ ପ୍ରତି ଏହା ଗୋଲାମି ନୁହେଁ ତ ଆଉ କ'ଣ । ତ୍ରିରଙ୍ଗା ଫିଙ୍ଗି  ସେଠାରେ ସେ ୟୁନିୟନ ଜ୍ୟାକ୍ ଉଡ଼ାଇଛନ୍ତି । ସକାଳେ ଯଦି ବିଜୟ ଏହାର ପ୍ରତିବାଦ କରିବାରୁ ସେ ହିଂସ୍ର ଓ ଉତ୍କ୍ଷିପ୍ତ ହୋଇଛନ୍ତି । ଠେଲାପେଲାରେ ସିଡ଼ିରୁ ପଡ଼ି ମୁମୂର୍ଷୁ ହେଲାପରେ ସେ ଅନୁଭବ କରିଛନ୍ତି ପତାକାର ଅର୍ଥ କ'ଣ ? ତାହା ଖଣ୍ଡେ ରଙ୍ଗୀନ୍ କନା ନୁହେଁ । ତାହା ଭାରତୀୟମାନଙ୍କ ହୃଦୟର ସ୍ୱପ୍ନ । ସବୁଠାରୁ ଊର୍ଦ୍ଧ୍ୱରେ ତାର ସ୍ଥାନ । ଏଇ କଥାଟିକୁ ଅରୁଣ ବୁଝାଇବାକୁ ଚାହିଁଥିଲା, କିନ୍ତୁ ସେ ବୁଝିପାରିନଥିଲେ । ପତାକା ଗୋଲାମୀର ସଙ୍କେତ ନୁହେଁ ଦେଶାତ୍ମବୋଧ ଓ ଦେଶପ୍ରୀତିର ପ୍ରତୀକ ।

ବିଦେଶୀ ଶାସନ ଭାରତୀୟମାନଙ୍କୁ କିଭଳି ଗୋଲାମ କରିଥିଲା, ରାୟବାହାଦୁର ଚରିତ୍ର ତାହାର ଗୋଟିଏ ଉଦାହରଣ ମାତ୍ର ।

## ବର୍ଣ୍ଣନା ଶୈଳୀ :

ବର୍ଣ୍ଣନା ଶୈଳୀ ଯୋଗୁଁ ଗଳ୍ପଟି ଆକର୍ଷଣୀୟ ହୁଏ । ଏହାର ଅଭାବରେ ଗଳ୍ପ ନିରସ ମନେହୁଏ । ପଢ଼ିବାପାଇଁ ଆଗ୍ରହ ଜନ୍ମେ ନାହିଁ ନଚେତ୍ ଅଧାରୁ ଆଗ୍ରହ ମରିଯାଏ । କିନ୍ତୁ 'ପତାକା ଉତ୍ତୋଳନ' ଗଳ୍ପର ବର୍ଣ୍ଣନାଶୈଳୀ ଚମତ୍କାର । ଏଥିପାଇଁ ଗଳ୍ପଟି ହୃଦୟକୁ ସ୍ପର୍ଶ କରେ ।

ଗଳ୍ପର କାହାଣୀ ଦୀର୍ଘ ପଚିଶ ବର୍ଷର ଘଟଣାକୁ ନେଇ । କିନ୍ତୁ ଗଳ୍ପରେ ସମୁଦାୟ ବର୍ଷର ବିବରଣୀ ଦିଆଯାଇ ନାହିଁ । ଏହା ଗଳ୍ପର ସୁଲକ୍ଷଣ ନୁହେଁ । ଗଳ୍ପ ଜୀବନର କେତୋଟି ମୁହୂର୍ତ୍ତକୁ ପ୍ରକାଶ କରିଥାଏ । ଏହି ଗଳ୍ପରେ ତାହା ପ୍ରୟୋଗ କରାଯାଇଥିବା  ଲକ୍ଷ୍ୟକରାଯାଏ । ୧୯୪୭ ମସିହା ୧୪ ତାରିଖ ମଧ୍ୟରାତ୍ରରୁ ୧୫ ତାରିଖ ସକାଳ ପର୍ଯ୍ୟନ୍ତ ଏ ଗଳ୍ପର ବର୍ଣ୍ଣନା । ରାତି ଅଧରେ ଲୋକଙ୍କର ଉତ୍ସବ ପାଳନରେ ରାୟ ସାହେବଙ୍କ ନିଦ ଭାଙ୍ଗିଯାଏ । ତାପରଦିନ ସକାଳେ ନାତି ସହ ଠେଲାପେଲାରେ ସେ ତଳେ ପଡ଼ି ମୂର୍ଚ୍ଛା ଯାନ୍ତି । ଏହାରି ଭିତରେ ସୁନ୍ଦର ଭାବରେ ତାଙ୍କ ଜୀବନର ଦୀର୍ଘ ପଚିଶ ବର୍ଷର ଅନୁଭୂତି ବର୍ଣ୍ଣିତ ହୋଇଛି ।

ଗଳ୍ପର ବର୍ଣ୍ଣନା ଶୈଳୀ ଏକ ପ୍ରକାର କୌଶଳ । ଏକ ପ୍ରକାର କଳା । ଏହି ଗଳ୍ପରେ ତାହା ରହିଥିବାରୁ ଗଳ୍ପ ମନକୁ ବାନ୍ଧି ପାରୁଛି । ରାୟବାହାଦୁରଙ୍କ  ପଚିଶବର୍ଷର  ଅନୁଭୂତି  ଭିତରୁ  ମୁଖ୍ୟ ମୁଖ୍ୟ ଘଟଣାକୁ ନିର୍ବାଚନ କରାଯାଇଛି । ସେଥିରୁ ଦୁଇଟି ହେଉଛି ଅତୀତର । ପୁତ୍ର ଅରୁଣ ସହ ତାଙ୍କର ଯୁକ୍ତି ଓ ତ୍ୟଜ୍ୟପୁତ୍ର ଆଦେଶ, ଥାନାରେ ଜାତୀୟ ପତାକା ଉଡ଼ାଇ ଉଦ୍ୟମ ଓ ରାୟବାହାଦୁରଙ୍କ ଗୁଳିରେ ତାର ମୃତ୍ୟୁ ।

### ଟିପ୍ପଣୀ

କୁର୍ଣ୍ଣିସ୍ - ସଲାମ

ବାୟୋନେଟ୍-ବନ୍ଧୁକ ଅଗରେ ଲାଗିଥିବା ଛୁରୀ

ପୃଷ୍ଠଭଙ୍ଗ- ଫେରିଯିବା, ପଳାୟନ

ଝଞ୍ଜାକ୍ରାନ୍ତ- ବାତ୍ୟାଗ୍ରସ୍ତ

ନୀଳୋତ୍ପଳ- ନୀଳପଦ୍ମ

କୁହାଟ-ସ୍ଲୋଗାନ୍, ହୁରି, ଡାକ

ଫ୍ଲାଗ୍ ଷ୍ଟାଫ - ପତାକା ପାଇଁ ସ୍ତର

ୟୁନିୟନ୍ ଜ୍ୟାକ୍ -ଇଂଲଣ୍ଡର ପତାକା

ସ୍ତମ୍ଭିତ - ଆଶ୍ଚର୍ଯ୍ୟ

ଖେତା - ଫିକା

ମୁମୂର୍ଷୁ - ମୃତ୍ୟୁର ନିକଟତର

ସୂର୍ଯ୍ୟୋଦୀପ୍ତ - ସୂର୍ଯ୍ୟ କିରଣରେ ଆଲୋକିତ

ପଟ୍ଟଭୂମି - ପୃଷ୍ଠଭୂମି, ପଛ ଆସ୍ତରଣ ବା ପରଦା

ବର୍ତ୍ତମାନର ଘଟଣାଗୁଡ଼ିକ ହେଲା – ରାତି ଅଧରେ ସ୍ୱାଧୀନତା ଉତ୍ସବର ପଟୁଆର, ରାୟବାହାଦୁରଙ୍କ ପ୍ରତିକ୍ରିୟା ଓ ଅରୁଣର ଫଟୋ ଦର୍ଶନ ସହ ବ୍ରିଟିଶ ସରକାର ଦେଇଥିବା ସନନ୍ଦ ପାଠ, ପତ୍ନୀ ହୋଇ ତାଙ୍କ ପତାକା ଉତ୍ତୋଳନର ପ୍ରତିବାଦରେ ରାୟବାହାଦୁରଙ୍କ ଇଂରେଜ ପତାକା ଉତ୍ତୋଳନ, ସକାଳେ ବିଜୟ ଜେଜେଙ୍କ କାର୍ଯ୍ୟର ବିରୋଧ ଓ ଜେଜେଙ୍କ ପତନ । ଏହି ଘଟଣାଗୁଡ଼ିକ ବର୍ଣ୍ଣନା କଲାବେଳେ ଲେଖକ ସତର୍କତାର ସହ ଉତ୍କଣ୍ଠାକୁ ଧ୍ୟାନ ଦେଇଛନ୍ତି । ବର୍ତ୍ତମାନ ସହ ଅତୀତର ଘଟଣାବଳୀକୁ ମିଶାଇ ବର୍ଣ୍ଣନା କରିଛନ୍ତି ।

ବର୍ଣ୍ଣନା କୌଶଳରେ ଭାଷାର ଭୂମିକା ଯଥେଷ୍ଟ । ପରିବେଶ, ଚରିତ୍ରର ମନୋଭାବ ସହ ଖାପଖୁଆଇ ଉପଯୁକ୍ତ ଭାଷା ବ୍ୟବହାର ଏ ଗଳ୍ପକୁ ସାର୍ଥକ କରେ । ଏହାର ଭାଷା ସଂକ୍ଷିପ୍ତ ଓ ଭାବବୋଧକ ।

ଘଟଣାର ଉପଯୁକ୍ତ ନିର୍ବାଚନ, ସେଗୁଡ଼ିକର ନାଟକୀୟ ସଜ୍ଜା ଓ ଉପଯୁକ୍ତ ଭାଷା ବ୍ୟବହାର ପତାକା ଉତ୍ତୋଳନ ଗଳ୍ପଟିକୁ ସରସ କରିଛି ।

## ୨.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ପାରିବାରିକ କାହାଣୀ ହେଲେ ବି ଭାରତର ସ୍ୱାଧୀନତା ସଂଗ୍ରାମ ପୃଷ୍ଠ ଭୂମିରେ 'ପତାକା ଉତ୍ତୋଳନ' ଗଳ୍ପଟି କିପରି ଗଢ଼ି ଉଠିଛି ବର୍ଣ୍ଣନା କର ।

II. ରାୟବାହାଦୁରଙ୍କ ଚରିତ୍ର ଚିତ୍ରଣ କର ।

III. ଉପଯୁକ୍ତ ବର୍ଣ୍ଣନା ଶୈଳୀ ଯୋଗୁଁ 'ପତାକା ଉତ୍ତୋଳନ' ଗଳ୍ପଟି କିପରି ଉଚ୍ଚକୋଟୀର ହୋଇପାରିଛି ବର୍ଣ୍ଣନା କର ।

IV. ପତାକା ଉତ୍ତୋଳନ ଗଳ୍ପରୁ ତୁମର ନିଜସ୍ୱ ଅନୁଭବ ବର୍ଣ୍ଣନା କର ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) ରାୟବାହାଦୁର ରାସ୍ତାରେ କ'ଣ ଦେଖିଲେ ?

ii) ରାୟବାହାଦୁର ଡ୍ରୟାରଭିତରୁ କ'ଣ କାଢ଼ିଲେ ?

iii) ସନନ୍ଦପତ୍ର ଉପରେ କ'ଣ ମାଡ଼ିଗଲାଣି ?

iv) ରାୟବାହାଦୁର କାହିଁକି ସନନ୍ଦ ପାଇଥିଲେ ?

v) ରାତିରେ ନୀରବ ମୁହୂର୍ତ୍ତରେ ରାୟବାହାଦୁର କଣ ଶୁଣିପାରନ୍ତି ?

vi) ଅରୁଣ କାହିଁକି ଘରକୁ ଫେରିଲା ନାହିଁ ?

vii) କାହାର ଦାନା, କାହାର ପାଣିପବନରେ ମଣିଷ ଆପଣ – ଏହା କିଏ କାହାକୁ କହନ୍ତି ?

viii) ପୁଲିସ ସାହେବର ହୁକୁମ କ'ଣ ଥିଲା ?

ix) ହେମମାଳା ଦୋତାଲା ବାରଣ୍ଡାରେ କ'ଣ କରିଥିଲେ ?





x) ରାୟବାହାଦୁର ରାତି ସାରା ଚେଇଁଲେ କାହିଁକି ?

xi) ସ୍ୱାଧୀନତା ଉତ୍ସବ ପାଳନ ଦେଖି ରାୟବାହାଦୁରଙ୍କ ପ୍ରତିକ୍ରିୟା କ'ଣ ହୋଇଥିଲା ?

xii) ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି ଭାରତର ପବିତ୍ରତମ ଦାବି - ଏହା କିଏ, କାହାକୁ, କାହିଁକି କହିଛି ?

xiii) ପୁତ୍ରହତ୍ୟାକୁ ରାୟବାହାଦୁର କର୍ତ୍ତବ୍ୟର ସାଧନା ବୋଲି କାହିଁକି ଭାବୁଥିଲେ ?

xiv) ରାୟବାହାଦୁରଙ୍କ ଘରୁ ମା ଲକ୍ଷ୍ମୀ ନେଇଛନ୍ତି ଚିରବିଦାୟ - ଏହାର ତାତ୍ପର୍ଯ୍ୟ କଣ ?

xv) ମୋ ଘରେ ବ୍ରିଟିଶ୍ ପତାକା ଉଡ଼ିବ - ରାୟବାହାଦୁରଙ୍କ ଏହି ଉକ୍ତିକୁ ବିଜୟ କାହିଁକି ବିରୋଧ କଲା ?

## ୨.୭ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) ରାତିରେ ଶାନ୍ତ ନୀରବ ମୁହୂର୍ତ୍ତ ..................... ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇଉଠିଲା ।

(ସ୍ୱାଧୀନ ଭାରତ କି ଜୟ, ମହାତ୍ମାଗାନ୍ଧୀ କି ଜୟ, ଇନ୍‌କିଲାବ ଜିନ୍ଦାବାଦ)

ଖ) ରାୟବାହାଦୁରଙ୍କ ପୁତ୍ରବଧୂ ............. ଏମିତି ଦିନେ କାନ୍ଦିଥିଲା ।

(ଋତୁପର୍ଣ୍ଣା, ଅପର୍ଣ୍ଣା, ସୁପର୍ଣ୍ଣା)

ଗ) ଅରୁଣ ପିନ୍ଧିଥିଲା ............... ପୋଷାକ ।

(ସତ୍ୟାଗ୍ରହୀ, ଏନ୍.ସି.ସି., ସାହେବୀ)

ଘ) ରାୟବାହାଦୁର କ୍ଷିପ୍ତପରି ଚାବୁକ୍‌ରେ ଆଘାତ କଲେ ................କୁ ।

(ବିଜୟ, ହେମମାଳା, ଅରୁଣ, ଅପର୍ଣ୍ଣା)

ଙ) ଏ ଦେଶ ଆମର, ବ୍ରିଟିଶ ................ ପାଇଁ ସ୍ଥାନ ଏଠି ନାହିଁ ।

(ସରକାର, ସାହେବ, ଗୋଲାମ)

## ୨.୮ ବିଷୟ ବୋଧଗତ ପ୍ରଶ୍ନର ଉତ୍ତରମାଳା

କ) ସ୍ୱାଧୀନ ଭାରତ କି ଜୟ (ଖ) ଅପର୍ଣ୍ଣା (ଗ) ସତ୍ୟାଗ୍ରହୀ

(ଘ) ଅରୁଣ (ଙ) ଗୋଲାମ

•••

# ୩

# ଗଣତାନ୍ତ୍ରିକ ଆଚରଣ

**ପ୍ରଫେସର ଡକ୍ଟର ସଦାଶିବ ମିଶ୍ର**

## ୩.୧ ଉପକ୍ରମ

ଅଗଷ୍ଟ ପନ୍ଦର ତାରିଖ ଆମ ଦେଶର ସ୍ୱାଧୀନତା ଦିବସ । ସେହିପରି ଜାନୁଆରୀ ଛବିଶ ମଧ୍ୟ ଆମର ଗୋଟିଏ ରାଷ୍ଟ୍ରୀୟ ପର୍ବ । ଏହାକୁ ଗଣତନ୍ତ୍ର ଦିବସ କୁହାଯାଏ । ଦେଶ ସ୍ୱାଧୀନ ହେବା ପରେ ଏହି ଦିନ ଆମର ସମ୍ବିଧାନ କାର୍ଯ୍ୟକାରୀ ହୋଇ ଗଣତାନ୍ତ୍ରିକ ଶାସନ ପ୍ରଚଳିତ ହୋଇଥିଲା । ଫଳରେ ଦେଶର ସାଧାରଣ ନାଗରିକମାନେ ଭୋଟ ଅଧିକାର ବଳରେ ସରକାର ଗଠନ କଲେ । ଏହି ବ୍ୟବସ୍ଥା ସବୁଠାରୁ ଆଧୁନିକ ଓ ସର୍ବୋତ୍ତମ । ତେବେ ଗଣତନ୍ତ୍ର କହିଲେ ଭୋଟ ଓ ଶାସନ-ବ୍ୟବସ୍ଥା ବ୍ୟତୀତ ଆହୁରି ବ୍ୟାପକ । ଆସ, ଏ ବିଷୟଟିକୁ ପଢ଼ି ଗଣତନ୍ତ୍ରର ନୂଆ ନୂଆ ଦିଗ ବିଷୟରେ ଜାଣିବା ।

## ୩.୨ ବିଷୟ ପଠନର ଉଦ୍ଦେଶ୍ୟ

ଏହି ଗଳ୍ପ ପଠନ ଦ୍ୱାରା ଆମେ

- ଗଣତନ୍ତ୍ର ଅର୍ଥ ବୁଝିବା ପାଇଁ ।
- ଗଣତନ୍ତ୍ର ଶାସନ କିପରି ହୁଏ ଜାଣିବା ।
- ଗଣତନ୍ତ୍ର ଶାସନ ଆରମ୍ଭ କେଉଁଠାରୁ ହେଲା ଜାଣିବା ।
- ଇଂଲଣ୍ଡର ଗଣତନ୍ତ୍ର ଓ ଭାରତର ଗଣତନ୍ତ୍ର ମଧ୍ୟରେ ତଫାତ୍ ଅନୁଭବ କରିବା ।
- ଇଂଲଣ୍ଡରେ ଲେଖକ ଡ. ସଦାଶିବ ମିଶ୍ରଙ୍କ ଅନୁଭୂତି ସମ୍ପର୍କରେ ଧାରଣା ଆଣିବା ।
- ଇଂଲଣ୍ଡର ବିଶ୍ୱବିଦ୍ୟାଳୟର ବିଦ୍ୟା ଅଧ୍ୟୟନ ଓ ଗବେଷଣା ସମ୍ପର୍କରେ ସୂଚନା ଲାଭ କରିବା ।

## ୩.୩ ଲେଖକଙ୍କ ପରିଚୟ

ଡକ୍ଟର ସଦାଶିବ ମିଶ୍ର (୧୯୧୧-୧୯୯୫) ଅର୍ଥନୀତିରେ ପ୍ରଫେସର ଓ ଭାରତରେ ଜଣେ ଅର୍ଥନୀତିଜ୍ଞ ଭାବରେ ସୁପରିଚିତ । ପୁରୀ ଜିଲ୍ଲା ବିଶ୍ୱନାଥପୁରରେ ଜନ୍ମିତ ଡକ୍ଟର ମିଶ୍ର ଥିଲେ ଗୋପବନ୍ଧୁ ପ୍ରତିଷ୍ଠିତ ସତ୍ୟବାଦୀ ସ୍କୁଲର ଛାତ୍ର । ବୃତ୍ତି ଲାଭ କରି ସେ ଅର୍ଥନୀତିରେ ଉଚ୍ଚତର ଗବେଷଣା ପାଇଁ ଇଂଲଣ୍ଡ ଯାଇଥିଲେ । ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ଜଣେ ଦକ୍ଷ ଶିକ୍ଷା-ପ୍ରଶାସକ ଭାବେ ତାଙ୍କର ଖ୍ୟାତି ଥିଲା । 'ଅର୍ଥ ଓ ଧର୍ମାନ୍ତର' ଏବଂ 'ମାତୃପୂଜା ମଣ୍ଡପ' ତାଙ୍କର ଦୁଇଟି ପ୍ରବନ୍ଧ ପୁସ୍ତକ । ଦ୍ୱିତୀୟ ପୁସ୍ତକଟିପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ମାର୍କିନ, ପରିକ୍ରମା ଶୀର୍ଷକ ତାଙ୍କର ଗୋଟିଏ ଭ୍ରମଣ କାହାଣୀ ପୁସ୍ତକ ଅଛି । ତାଙ୍କର ପ୍ରତ୍ୟେକ ରଚନା ସରସ ଓ ଭାବ ଉଦ୍ଦୀପକ ।

## ୩.୪ ମୂଳ ବିଷୟ

ଆଧୁନିକ ସଂସଦୀୟ ଗଣତନ୍ତ୍ରର ଜନନୀ ଗ୍ରେଟ୍ ବ୍ରିଟେନ୍ । ଇଂରେଜୀ ଶିକ୍ଷା ଲାଭ କରି, ବ୍ରିଟିଶ ଦର୍ଶନ ଏବଂ ଅନୁଷ୍ଠାନରେ ଦୀକ୍ଷିତ ହୋଇ, ଆମେ ସେହି ଧାରାରେ ସଂବିଧାନ ପ୍ରଣୟନ କଲୁ । କ୍ଲେମେଣ୍ଟ୍ ଆଟ୍‌ଲୀ ପ୍ରଧାନମନ୍ତ୍ରୀ ଥିଲାବେଳେ ଭାରତ ସ୍ୱାଧୀନତା ଲାଭ କରିଥିଲା । କେତେ ବର୍ଷ ପରେ, ସେ ପଟେଲ୍ ସ୍ମାରକୀ ବକ୍ତୃତା ଦେବାପାଇଁ ଭାରତକୁ ଆସିଥିଲେ । ଭାରତରେ ସଂସଦୀୟ ଗଣତନ୍ତ୍ର ସଫଳ ହୋଇଛି ବୋଲି ମତ ପ୍ରକାଶ କରିଥିଲେ । ମହାଯୁଦ୍ଧ ପରେ ସ୍ୱାଧୀନତା ଲାଭ କରିଥିବା ବହୁ ଦେଶରେ ରାଷ୍ଟ୍ରପତି ଶାସନ, ସାମରିକ ଶାସନ, ଏକଚ୍ଛତ୍ରଶାସନ ପ୍ରବର୍ତ୍ତିତ ହୋଇଯାଇଛି । ମାତ୍ର ଭାରତବର୍ଷ ତା'ର ସଂସଦୀୟ ଗଣତନ୍ତ୍ର ଅବ୍ୟାହତ ରଖିଛି । ଏହା ନିଶ୍ଚୟ ଆମର ରାଜନୈତିକ ଗୌରବ ।

ଏ ସଂବିଧାନର ବିଧିବିଧାନ ସହିତ କେତେକ ଆଚରଣ ବିଧି ମଧ୍ୟ ଜଡ଼ିତ । ଗଣତନ୍ତ୍ର କେବଳ ଏକ ଶାସନ ପ୍ରଣାଳୀ ନୁହେଁ – ଏହା ଏକ ସଂଯତ ସଭ୍ୟତା । ଏଥିରେ ଅଛି ନୈତିକ ସୌଜନ୍ୟ । କେତୋଟି ଉଦାହରଣରୁ ଏହା ସୁସ୍ପଷ୍ଟ ହୋଇପାରିବ ।

ଲଣ୍ଡନ ଡାଉନିଙ୍ଗ୍ ଷ୍ଟ୍ରୀଟ୍‌ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ । ସେ ଷ୍ଟ୍ରୀଟ୍‌ରେ ଅଛି ମାତ୍ର ଦୁଇଟି ସଦନ । ଦଶ ନମ୍ବରରେ ରହନ୍ତି ପ୍ରଧାନମନ୍ତ୍ରୀ; ଏଗାର ନମ୍ବରରେ ବିତ୍ତମନ୍ତ୍ରୀ (Chancellor of Exchequer) ଏଥିରୁ ସୁସ୍ପଷ୍ଟ ଯେ ବିତ୍ତମନ୍ତ୍ରୀଙ୍କ ଆସନ ମନ୍ତ୍ରୀମଣ୍ଡଳରେ ଦ୍ୱିତୀୟ । ମନ୍ତ୍ରୀମାନେ ପାର୍ଲିମେଣ୍ଟରେ ଯେଉଁଠାରେ ବସନ୍ତି, ତାକୁ କୁହାଯାଏ ଟ୍ରେଜେରୀ ବେଞ୍ଚ । ସାଧାରଣତଃ ପ୍ରଧାନମନ୍ତ୍ରୀ ନିଜ ହାତରେ କୌଣସି ବିଭାଗ ରଖନ୍ତି ନାହିଁ । ପାର୍ଲିମେଣ୍ଟରେ ଥରେ ପ୍ରଶ୍ନ ଉଠିଲା, ତେବେ ପ୍ରଧାନମନ୍ତ୍ରୀ ଦରମା ପାଇବେ କାହିଁକି ? ସେହିଦିନଠାରୁ କୁହାଗଲା, ପ୍ରଧାନମନ୍ତ୍ରୀ ଟ୍ରେଜେରୀର ପ୍ରଥମ ଲର୍ଡ଼ ଏବଂ ବିତ୍ତମନ୍ତ୍ରୀ ଦ୍ୱିତୀୟ ଲର୍ଡ଼ । ସମାଧାନ ହୋଇଗଲା ।

ଅଟଲୀ ପ୍ରଧାନମନ୍ତ୍ରୀ ଥିଲାବେଳେ ଡଲଟନ୍ (Hugh Dalton) ଥିଲେ ବିତ୍ତମନ୍ତ୍ରୀ । ଡଲଟନ୍ ଥିଲେ ଲଣ୍ଡନ ଅର୍ଥନୀତି ସ୍କୁଲରେ ଅଧ୍ୟାପକ । ସେ ରାଷ୍ଟ୍ରୀୟ ଆୟବ୍ୟୟ ସମ୍ବନ୍ଧରେ ବିଶେଷଜ୍ଞ । ସେ ଛାତ୍ରାବସ୍ଥାରୁ ସୋସାଲିଷ୍ଟ । ପାଠ ପଢ଼ିଲେ । ସୋସାଲିଷ୍ଟ ହେଲେ । ଯୋଗ୍ୟତା ହାସଲ କଲେ । ଲଣ୍ଡନ୍ ଅର୍ଥନୀତି ସ୍କୁଲରେ ଅଧ୍ୟାପକ ହେଲେ । ଶ୍ରମିକ ଦଳରେ ଯୋଗଦେଲେ । ନିର୍ବାଚନ ଲଢ଼ିଲେ । ୧୯୪୫ ମସିହା ନିର୍ବାଚନରେ ଜୟଯୁକ୍ତ ହେଲେ । ବିତ୍ତମନ୍ତ୍ରୀ ଭାବରେ ନିଯୁକ୍ତ ହେଲେ ।

୧୯୪୮ ମସିହା । ଏ ଲେଖକ ସେତେବେଳେ ଲଣ୍ଡନ୍ ଅର୍ଥନୀତି ସ୍କୁଲର ଛାତ୍ର । ସ୍କୁଲର ଜଣେ ଅଧ୍ୟାପକ ବିତ୍ତମନ୍ତ୍ରୀ । ଏଥିରେ ସ୍କୁଲର ଗୌରବ । ବଜେଟ୍ ଅଧିବେଶନ । ବିତ୍ତମନ୍ତ୍ରୀ ବଜେଟ୍ ଉପସ୍ଥାପନ କରିବେ । ସେଠାରେ ପାର୍ଲିମେଣ୍ଟ ଅଧିବେଶନ ବସେ ଅପରାହ୍ଣ ଚାରିଟାରେ । ସଭ୍ୟମାନେ ତାଙ୍କର ବୃତ୍ତି, ବ୍ୟବସାୟ ଶେଷକରି ପାର୍ଲିମେଣ୍ଟକୁ ଆସନ୍ତି । କିଛି ସମୟ ପୂର୍ବରୁ ଅନେକ ସଭ୍ୟ ଲବିରେ ବୁଲୁଛନ୍ତି । ଗଳ୍ପ କରୁଛନ୍ତି – ସେଥିରେ ଅଛନ୍ତି ଡଲ୍‌ଟନ୍ ।

ଲଣ୍ଡନରୁ ସନ୍ଧ୍ୟାରେ ତିନିଖଣ୍ଡ ସମ୍ବାଦପତ୍ର ପ୍ରକାଶିତ ହୁଏ – Evening News, Evening Standard, Star. କାଗଜର ପ୍ରତିନିଧିମାନେ ନାନା ପ୍ରଶ୍ନ ପଚାରୁଥାନ୍ତି । ଷ୍ଟାର ପ୍ରତିନିଧି ପଚାରିଲେ, "ଡକ୍‌ଟର ଡଲ୍‌ଟନ୍, ଏଥର ବଜେଟରେ କି ବୋଝ ପଡ଼ିବ ?" ଡକ୍‌ଟର ବଜେଟ୍‌କୁ ଫାଇଲ୍ ବ୍ୟାଗରେ କାଖରେ

ଜାକିଥାନ୍ତି । ଡଲ୍‌ଟନ୍ ଉତ୍ତର ଦେଲେ, "ଅପେକ୍ଷା କରନ୍ତୁ । ଘଣ୍ଟାକ ପରେ ଜାଣି ପାରିବେ ।" ଷ୍ଟାର୍ ପ୍ରତିନିଧି କହିଲେ, "କ'ଣ ଆଉ ବାକି ଅଛି ? ସେଇ ଧୂମପାନ ଏବଂ ମଦ୍ୟପାନ ଉପରେ ବୋଝ ବଢ଼ିବ ।" ଡଲ୍‌ଟନ୍ କହିଲେ, "ଯଦି ଆବଶ୍ୟକ ପଡ଼େ, କରିବାକୁ ହେବ ।"

କିଛି ସମୟ ପରେ ଡଲ୍‌ଟନ୍ ଏବଂ ଅନ୍ୟାନ୍ୟ ସଭ୍ୟମାନେ ସଦନରେ ପ୍ରବେଶ କଲେ । ଡଲ୍‌ଟନ୍ ବଜେଟ୍ ଉପସ୍ଥାପନ କଲେ । ଚର୍ଚ୍ଚିଲ୍ ସେତେବେଳେ ବିରୋଧୀ ଦଳର ନେତା । ଡଲ୍‌ଟନ୍ ପ୍ରାୟ ଅର୍ଦ୍ଧେକ ପଢ଼ିଛନ୍ତି, ଷ୍ଟାର୍ କାଗଜର ସାନ୍ଧ୍ୟ ସଂସ୍କରଣ ଖଣ୍ଡିଏ ସଦନ ଭିତରକୁ ଆସିଗଲା । ଚର୍ଚ୍ଚିଲ୍‌ଙ୍କ ପାଖରେ ପହଞ୍ଚିଗଲା । ସେ ଉଠି, ହାତ ଟେକି କାଗଜ ଖଣ୍ଡିକ ଦେଖାଇଲେ – "ସ୍ପୀକର୍ ମହାଶୟ, ଏ ସଦନର କୌଣସି ସଭ୍ୟ କିଛି ଜାଣିବା ପୂର୍ବରୁ, ବାହାରେ ସମସ୍ତେ ବଜେଟ୍‌ର ପ୍ରସ୍ତାବ ପାଇସାରିଲେଣି । ବିଅର୍ ଏବଂ ଧୂଆଁପତ୍ର ଉପରେ ଅତିରିକ୍ତ କର – Additional Taxation on Beer and Tobacco । ବଡ଼ ବଡ଼ ଅକ୍ଷରରେ ଶିରୋନାମା ଦିଆଯାଇଛି । ଚର୍ଚ୍ଚିଲ୍ ଉଠିଲାକ୍ଷଣି ଡଲ୍‌ଟନ୍ ବସି ପଡ଼ିଥିଲେ । ପୁଣି ଉଠି ଠିଆ ହେଲେ । କୌଣସି ପ୍ରକାର ବିଚଳିତ ନ ହୋଇ, ବଜେଟ୍‌ଟି ଶେଷ ପର୍ଯ୍ୟନ୍ତ ପଢ଼ିଗଲେ ।

କିଛିକ୍ଷଣ ପରେ ପୁଣି ଠିଆ ହୋଇ କହିଲେ, "ଷ୍ଟାର୍ ପ୍ରତିନିଧି ମୋତେ କହିଲେ, ଆଉ କଣ ଅଛି ? ସେଇ ଧୂମପାନ ଏବଂ ମଦ୍ୟପାନ ଉପରେ ତ ବୋଝ ପଡ଼ିବ । ମୁଁ କହିଲି, ଯଦି ଆବଶ୍ୟକ ପଡ଼େ, କରିବାକୁ ହେବ – ଏତିକି । ଜଣେ ଦାୟିତ୍ୱସମ୍ପନ୍ନ ମନ୍ତ୍ରୀଙ୍କ ପକ୍ଷରେ ଏପରି କହିବା ଉଚିତ ନଥିଲା । ମୁଁ ପ୍ରଧାନମନ୍ତ୍ରୀଙ୍କୁ ମୋର ଇସ୍ତଫା ପ୍ରଦାନ କରୁଛି ।" ଆଟ୍‌ଲୀ ଉଠି କହିଲେ, "ମୁଁ ଗଭୀର ଦୁଃଖର ସହିତ ଡକ୍‌ଟର ଡଲ୍‌ଟନ୍‌ଙ୍କ ଇସ୍ତଫା ଗ୍ରହଣ କରୁଛି ।" "ଏତିକିରେ ନାଟକର ସମାପ୍ତି ହେଲା । କୌଣସି ଆଲୋଚନା ହେଲା ନାହିଁ । ଡଲ୍‌ଟନ୍‌ଙ୍କ ରାଜନୀତିକ ଜୀବନରେ ଯବନିକା ପଡ଼ିଲା ।

ଲଣ୍ଡନ୍ ଅର୍ଥନୀତି ସ୍କୁଲରେ ଅନେକ ଡକ୍‌ଟରେଟ୍ ଛାତ୍ର । ଥରେ ଜଣେ ଇଂରେଜ ଛାତ୍ରବନ୍ଧୁ ଗୋଟିଏ ରବିବାର ଦିନ ତାଙ୍କ ଘରେ ମଧ୍ୟାହ୍ନ ଭୋଜନକୁ ନିମନ୍ତ୍ରଣ କଲେ । ତାଙ୍କ ଘରକୁ ଗଲି । ବନ୍ଧୁ ଜାଠଦଳର ସମର୍ଥକ । ଶ୍ରମିକ ସରକାରଙ୍କର କଟୁ ସମାଲୋଚନା କରନ୍ତି । ଯୁଦ୍ଧ ଶେଷ ହେବାର ତିନି ବର୍ଷ ହୋଇଥାଏ । ସବୁ ପଦାର୍ଥର ଅନଟନ । ବିଶେଷତଃ ଖାଦ୍ୟ ପଦାର୍ଥ । କୋଇଲା ଅଭାବ । ବିଦ୍ୟୁତ୍ ନିଅଣ୍ଟ । ମିଷ୍ଟର୍ ସିନ୍‌ୱେଲ୍ ବିଦ୍ୟୁତ ମନ୍ତ୍ରୀ । ଦିନରେ ଦୁଇଟାଠାରୁ ଛଅଟା ପର୍ଯ୍ୟନ୍ତ ବିଦ୍ୟୁତ୍ ହିଟର୍ ବ୍ୟବହାର ନ କରିବା ପାଇଁ ନିବେଦନ କରିଥାନ୍ତି । ଜାନୁଆରି ମାସ । ଭାରି ଶୀତ । ଘରେ ହିଟର୍ ଲାଗିଥାଏ । ବନ୍ଧୁ ସରକାରୀ ବ୍ୟବସ୍ଥାର ଘୋର ନିନ୍ଦା କରୁଥାନ୍ତି । ଘଣ୍ଟାରେ ଦୁଇଟା ବାଜିଲା । ହଠାତ୍ ଉଠିପଡ଼ିଲେ । "ସିନ୍‌ୱେଲ୍ ଆମକୁ ଟିକିଏ ଆରାମରେ ବସିବାକୁ ଦେବେ ନାହିଁ ।" ହିଟର୍ ବନ୍ଦ କରିଦେଲେ । ଏ ଗଣତାନ୍ତ୍ରିକ ଶୃଙ୍ଖଳା କେବେ ମୋର ପାସୋରି ଯିବନାହିଁ ।

ପାଶ୍ଚାତ୍ୟ ଦେଶମାନଙ୍କରେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ବର୍ଷ ଆରମ୍ଭରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥାଏ । କେଉଁ କେଉଁ ଅଧ୍ୟାପକ କେଉଁ ତାରିଖରେ, କେଉଁ ବିଷୟରେ ଅଧ୍ୟାପନା କରିବେ, ସେ ସବୁ ଉଲ୍ଲେଖ କରାଯାଇଥାଏ । ସେ ବିଷୟରେ ସହାୟକ ପୁସ୍ତକ ଏବଂ ଗବେଷଣା ପତ୍ରିକା ନିର୍ଦ୍ଦେଶିତ ହୋଇଥାଏ । ଏଥିରେ କିଛି ପରିବର୍ତ୍ତନ ହୁଏ ନାହିଁ । ଦିନ, ତାରିଖ, ସମୟ, ବିଷୟ-ନିର୍ଘଣ୍ଟ ସବୁ ନିର୍ଦ୍ଧାରିତ ହୋଇଥାଏ । ଲଣ୍ଡନ ଅର୍ଥନୀତି ସ୍କୁଲର ପ୍ରତିଷ୍ଠାତା ସିଡ୍‌ନି ୱେବ୍ । ତାଙ୍କର ଦେହାନ୍ତ ହୋଇଗଲା । ଏ ଲେଖକ ସେତେବେଳେ

ଏହି ସ୍କୁଲର ଛାତ୍ର । ସ୍କୁଲକୁ ଆସି ଦେଖିଲି, ନୋଟିସ୍ ବୋର୍ଡ଼ରେ ଲେଖାଯାଇଛି - "ଆମ ଅନୁଷ୍ଠାନର ପ୍ରତିଷ୍ଠାତା ସିଡ୍‌ନି ୱେବ୍‌ଙ୍କର ଗତକାଲି ପରଲୋକ ହୋଇଯାଇଛି । ଆଜି ସନ୍ଧ୍ୟାରେ ଚାରିଟାବେଳେ ଏକ ନମ୍ବର ପ୍ରଶସ୍ତ ପ୍ରକୋଷ୍ଠରେ ଶୋକସଭା ଅନୁଷ୍ଠିତ ହେବ । ଯାହାଙ୍କର କ୍ଲାସ ନାହିଁ, ସେମାନଙ୍କୁ ଯୋଗଦେବା ଲାଗି ଅନୁରୋଧ କରାଯାଉଛି ।" ଆଶ୍ଚର୍ଯ୍ୟ ଲାଗିଲା । ଦିନେ ଦୁଇଦିନ ଛୁଟି ହେବା ତ ଦୂରର କଥା - ଗୋଟିଏ ହେଲେ ଘଣ୍ଟାର ଶିକ୍ଷା କାର୍ଯ୍ୟକ୍ରମ ସ୍ଥଗିତ ହେଲା ନାହିଁ ।

ଡକ୍‌ଟରେଟ୍ କରୁଥିବା ଛାତ୍ରମାନେ ତାଙ୍କର ଇଚ୍ଛା ଏବଂ ଆବଶ୍ୟକତା ଅନୁଯାୟୀ ଯେକୌଣସି ଲେକ୍‌ଚର ଶ୍ରେଣୀରେ ଯୋଗ ଦେଇ ପାରନ୍ତି । ହାରଲର୍ଡ଼ ଲାସ୍କି ରାଜନୀତି ବିଜ୍ଞାନର ପ୍ରଖ୍ୟାତ ଅଧ୍ୟାପକ । ତାଙ୍କର ଅନେକ ଲେକ୍‌ଚର୍ ଶ୍ରେଣୀରେ ମୁଁ ଯୋଗ ଦେଇଛି । 'ଆଧୁନିକ ଗଣତନ୍ତ୍ର' ବିଷୟରେ ତାଙ୍କର ତିନିଗୋଟି ଲେକ୍‌ଚର୍ ଦେବାଲାଗି ନିର୍ଘଣ୍ଟ କରାଯାଇଛି । ଦିନ, ସମୟ, ତାରିଖ ନିର୍ଦ୍ଧାରିତ ହୋଇଛି । ସେ ତିନୋଟିରେ ମୁଁ ଉପସ୍ଥିତ ହୋଇଛି । ଦେଖିଛି, କେତେ ଜଣ ମନ୍ତ୍ରୀ, ପୂର୍ବରୁ ଅନୁମତି ନେଇ ଏ ଲେକ୍‌ଚର୍ ଶ୍ରେଣୀରେ ଯୋଗ ଦେଉଛନ୍ତି । ସେମାନଙ୍କ ଲାଗି ବସିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ । ଛାତ୍ରମାନଙ୍କ ସାଙ୍ଗରେ ବସନ୍ତି । ତାଙ୍କୁ ଅଭ୍ୟର୍ଥନା କରାଯାଏ ନାହିଁ । କେହି ତାଙ୍କୁ ଲକ୍ଷ୍ୟ କରନ୍ତି ନାହିଁ । ଗଣତାନ୍ତ୍ରିକ ପରିବେଶରେ ଏହାର ସାର୍ଥକତା ମୁଁ ଅନୁଭବ କରିଥିଲି ।

ସେତେବେଳେ ଇଂଲଣ୍ଡରେ ସବୁ ଅନଟନ; ବିଶେଷତଃ ଖାଦ୍ୟ ଏବଂ ପରିଧାନ । ଏଥିପାଇଁ ପଡ଼ି କୁପନ୍‌ର ବ୍ୟବସ୍ଥା କରାଯାଇଥିଲା । ରୋଟି, ମାଂସ, ଦୁଧ, ଅଣ୍ଡା, ଚିନି-ପ୍ରତ୍ୟେକଟି ପାଇଁ ପୃଥକ କୁପନ । ସପ୍ତାହରେ ମାତ୍ର ସାତଗୋଟି ଅଣ୍ଡା ଆଉ ତିନି ବୋତଲ ଦୁଧ । କୁପନ ନଦେଲେ ଦୋକାନରୁ ଜିନିଷ ମିଳିବ ନାହିଁ । ସବୁ ପ୍ରକାର ପରିଧାନ ପାଇଁ ଗୋଟିଏ ପ୍ରକାର କୁପନ । ଆଠଟି ଦେଲେ ହଳେ ଜୋତା; ବାରଟି ଦେଲେ ଗୋଟିଏ ସୁଟ୍; ଦୁଇଟି ଦେଲେ ହଳେ ମୋଜା ଇତ୍ୟାଦି । ପ୍ରତି ତିନିମାସରେ ବିଭାଗୀୟ କର୍ମଚାରୀ ଆସି ଘରେ ତିନିମାସ ପାଇଁ କୁପନ ଦେଇ ଯାଆନ୍ତି । ଅଫିସକୁ ଯିବା ଆବଶ୍ୟକ ହୁଏ ନାହିଁ । ଧନୀ ଦରିଦ୍ର ମଧ୍ୟରେ ପାର୍ଥକ୍ୟ ନାହିଁ । ସମସ୍ତଙ୍କ ପାଇଁ ସମାନ ସଂଖ୍ୟାର କୁପନ । ଏଇଥିରେ ପର୍ଯ୍ୟବସିତ ଗଣତାନ୍ତ୍ରିକ ସମାଜ । ଲୋକଙ୍କୁ କ, ଖ, ଗ ଶ୍ରେଣୀରେ ବିଭକ୍ତ କରାଯାଏ ନାହିଁ ।

କୌଣସି ରେସ୍ତରାଁକୁ ଖାଇବା ପାଇଁ ଗଲେ, ଅଢ଼େଇ ଶିଲିଂରୁ ଅଧିକ ମୂଲ୍ୟର ଖାଦ୍ୟ ମିଳିବ ନାହିଁ । (ଏବେ ଶିଲିଂ ଉଠିଗଲାଣି । ପାଉଣ୍ଡକ ଏକ ଶତ ପେନ୍‌ସ କରାଯାଇଛି ।) ଖାଦ୍ୟ ଅନଟନ । ସେଥିପାଇଁ ପଡ଼ିର ଏ ବ୍ୟବସ୍ଥା । ପାତର ଅନ୍ତର କରାଯିବା କୌଣସି ସ୍ଥାନରେ ଦେଖିନାହିଁ । ଅଢ଼େଇ ଶିଲିଂ ପାଖ ହୋଇ ଆସିଲେ, ପରିବେଷିକା ସଂକେତ ଦେଇଯିବେ । ଏହିଟି ଗଣତନ୍ତ୍ରର ମୂଳ ବିଚାର । କେହି କେଉଁଠାରେ ଅଧିକ ମୂଲ୍ୟର ଖାଦ୍ୟ ମାଗିଲେ ନାହିଁ । ଏ ଶୃଙ୍ଖଳା ଲୋକଙ୍କ ଉପରେ ଲଦି ଦିଆଯାଇନାହିଁ । ଏ ଶୃଙ୍ଖଳାରେ ସମସ୍ତେ ଅଭ୍ୟସ୍ତ ।

ଲଣ୍ଡନରେ ଗୋଟିଏ ଉପନିର୍ବାଚନ ହେଉଥାଏ । ନିର୍ବାଚନ ସଭାକୁ ଯାଇଥିଲି । ଶ୍ରମିକ ଦଳ ପକ୍ଷରୁ ଏ ସଭାର ଆୟୋଜନ । ଡକ୍ଟର ମିସେସ୍ ସମରସ୍କିଲ୍ ଏଥିରେ ପୌରୋହିତ୍ୟ କରୁଥିଲେ । ସେ ଶ୍ରମିକ ମନ୍ତ୍ରି ମଣ୍ଡଳରେ ଜଣେ ସଦସ୍ୟା । ଦୁଇ ବର୍ଷ ମଧ୍ୟରେ ଶ୍ରମିକ ସରକାର କ'ଣ କରିଛନ୍ତି, ସେ ସବୁ ବର୍ଣ୍ଣନା

ଟିପ୍ପଣୀ

**ଶବ୍ଦାର୍ଥ :**

ସୋସାଲିଷ୍ଟ - ସମାଜବାଦୀ

ଯବନିକା - ଶେଷହେବା

ଅନଟନ - ଅଭାବ

ଲେକ୍‌ଚର୍ - ଭାଷଣ,

ଅନାବିଳ - ସ୍ୱଚ୍ଛ, ପରିଷ୍କାର

କରିଗଲେ । ବିରୋଧୀ ଦଳଙ୍କ ବିଷୟରେ ପଦେହେଲେ ତର୍ଜମା କଲେ ନାହିଁ । ତାଙ୍କର ବକ୍ତୃତା ଦେବାର ଶୈଳୀ ଚମତ୍କାର । ମଝିରେ ମଝିରେ କେହି କେହି ପ୍ରଶ୍ନ ପଚାରୁଥାନ୍ତି । ସଙ୍ଗେ ସଙ୍ଗେ ମିଳେ ମନକୁ ପାଇଲା ଭଳି ଉତ୍ତର ।

ଶ୍ରମିକ ସରକାର ବ୍ରିଟେନ୍‌ରେ ସାମାଜିକ ନିରାପତ୍ତା ପାଇଁ ବ୍ୟବସ୍ଥା କରିଥାନ୍ତି । ଯୁଦ୍ଧ କାଳ ମଧ୍ୟରେ ଲଣ୍ଡନ୍ ଅର୍ଥନୀତି ସ୍କୁଲର ନିର୍ଦ୍ଦେଶକ ଉଇଲିଅମ୍ ବେଭେରିଜ୍ ଏ ଯୋଜନା ପ୍ରଣୟନ କରିଥିଲେ । ସରକାର ଏହା ଗ୍ରହଣ କରିଥିଲେ । ସରକାରୀ ବ୍ୟବସ୍ଥାରେ ଥିଲା, ଯାହାଙ୍କର ଗୋଟିକରୁ ଅଧିକ ଶିଶୁ ସନ୍ତାନ ଅଛନ୍ତି, ତାଙ୍କୁ ପ୍ରତ୍ୟେକଟି ଅଧିକ ସନ୍ତାନ ପାଇଁ ପୁଷ୍ଟିକର ଖାଦ୍ୟ ନିମନ୍ତେ ସପ୍ତାହକୁ ଦୁଇ ଶିଲିଂ ଲେଖାଏଁ ଦିଆଯିବ । ସଭାରେ ପ୍ରଶ୍ନ ହେଲା, ଧନୀ ଲୋକଙ୍କୁ ଏ ସାହାଯ୍ୟ ଦିଆଯିବ କାହିଁକି ? ଉତ୍ତର ମିଳିଲା, ଧନୀ ଲୋକମାନେ ଠିକ୍ ଏହି କଥା କହୁଛନ୍ତି । ଯାହାଙ୍କର ଅଭାବ ତାଙ୍କୁ ଦିଅ– ଆମର ଲୋଡ଼ା ନାହିଁ; ଆମେ ମାଗୁ ନାହୁଁ; ଆମକୁ ନେବା ପାଇଁ ବାଧ କରୁଛ କାହିଁକି ? ସରକାରଙ୍କ ଦୃଷ୍ଟିରେ ସମସ୍ତ ଶିଶୁ ସମାନ । ସମସ୍ତେ ଏଥିପାଇଁ ହକ୍‌ଦାର । ଧନୀ ଲୋକେ ନହେଲେ, ଏ ସହାୟତା ଅଭାବଗ୍ରସ୍ତ ଲୋକଙ୍କ ପାଇଁ ରିଲିଫ୍ ସାହାଯ୍ୟ ପରି ଜଣାଯିବ । ସମାଜର ନୈତିକ ମାନ ଭାଙ୍ଗିଯିବ । ଯଥାର୍ଥରେ ଗଣତାନ୍ତ୍ରିକ ଚେତନା । ସଭାରେ କୌଣସି ଉତ୍ତେଜନା ନାହିଁ, ଗଣ୍ଡଗୋଳ ନାହିଁ ।

କିଛି ଦିନ ପରେ ଖଣ୍ଡିଏ ଛାପା ଚିଠି ମୋ ପାଖକୁ ଆସିଲା । ସେଥିରେ ଲେଖାଅଛି, ମୋର ନାମ ଏବଂ ଭୋଟର ନମ୍ବର । ଭୋଟ କେନ୍ଦ୍ରକୁ ରାସ୍ତା ନିର୍ଦ୍ଦେଶ କରାଯାଇଛି । ପ୍ରାର୍ଥୀଙ୍କର ନାମ ଦିଆଯାଇଛି । ଯୋଗ୍ୟତା ଲେଖାଯାଇଛି । ଫଟୋ ଚିତ୍ର ମଧ୍ୟ ଅଛି । ଦଳର ସଂକ୍ଷିପ୍ତ ନିର୍ବାଚନ ଇସ୍ତାହାର ମଧ୍ୟ ସନ୍ନିବିଷ୍ଟ ହୋଇଛି । ଆଶ୍ଚର୍ଯ୍ୟ ଲାଗିଲା । ମୁଁ କିପରି ଭୋଟର୍ ହେଲି ? ପରେ ଜାଣିଲି, ବିଲାତରେ ଛଅ ମାସ ବାସିନ୍ଦା ହେଲେ ଭୋଟ୍ ଦେବାର ଅଧିକାର ହୁଏ । ମାତ୍ର କେବେ, କିପରି ମୋ ନାମ ଭୋଟ ତାଲିକାରେ ଅନ୍ତର୍ଭୁକ୍ତ ହେଲା, କଳ୍ପନା କରିପାରିଲି ନାହିଁ । ବୋଧହୁଏ, ପ୍ରତି ତିନି ମାସରେ ଯେଉଁ ପଡ଼ି କୁପନ ଦିଆଯାଉଛି, ସେଥିଲାଗି ସରକାରୀ ଖାତାରେ ମୋର ନାମ, ଠିକଣା ଲିପିବଦ୍ଧ କରାଯାଇଥିବ ।

ନିର୍ଦ୍ଦିଷ୍ଟ ଦିନ ଭୋଟ୍ କେନ୍ଦ୍ରକୁ ଗଲି । ସେଠାରେ ଚାରିଜଣ ମହିଳା ବସିଛନ୍ତି । ମୋର ନାମ ଏବଂ ନମ୍ବର ପଚାରିଲେ । ଘର ଭିତରକୁ ବାଟ ଦେଖାଇଦେଲେ । ପ୍ରାର୍ଥୀମାନଙ୍କୁ ସେଠାରେ କୌଣସି ସଂକେତ ଚିହ୍ନ ଦିଆଯାଇ ନାହିଁ । ବିଲାତରେ କେହି ନିରକ୍ଷର ନାହାନ୍ତି । ସମସ୍ତେ ପ୍ରାର୍ଥୀଙ୍କର ନାମ ପଢ଼ି ପାରିବେ । ସଙ୍କେତର ଆବଶ୍ୟକତା ନାହିଁ ।

ଭୋଟ କେନ୍ଦ୍ରରେ ଅଳ୍ପ ଲୋକ, ଭିଡ଼ ନାହିଁ । ପାଟି ତୁଣ୍ଡ ନାହିଁ । ଭିତରେ ଭୋଟ ଦେଇ ବାହାରି ଆସିଲି । ଜଣେ ମହିଳା କହିଲେ, ଧନ୍ୟବାଦ ! ମୁଁ ୧୯୪୬ ମସିହା ସେପ୍‌ଟେମ୍ବର ମାସରେ ଭାରତ ଛାଡ଼ିଥିଲି–ସ୍ୱାଧୀନତା ପୂର୍ବରୁ । ସେ ଦିନ ଲଣ୍ଡନ୍‌ରେ ଭୋଟ ଦେଇ ଫେରିଲାବେଳେ ମୋର ମାନସପଟରେ ଗୋଟିଏ ଚିତ୍ର ଆଙ୍କି ହୋଇ ଯାଇଥିଲା – ଭାରତକୁ ଫେରିଲେ, ଏହିପରି ଶାନ୍ତ, ଶିଷ୍ଟ, ସଂଯତ ପରିବେଶ ମଧ୍ୟରେ ଦେଖିବି ନିର୍ବାଚନ ସଭା; ଆଉ ସେହିପରି ଅନାବିଳ ପରିବେଶ ମଧ୍ୟରେ ଭୋଟକେନ୍ଦ୍ରରେ ଭୋଟ ଦେଇ ଉପଲବ୍ଧି କରିବି ଗଣତନ୍ତ୍ରର ସାର୍ଥକତା ।

## ୩.୫ ପ୍ରବନ୍ଧଟିକୁ ବୁଝିବା ପାଇଁ

ସାଧାରଣତଃ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ପ୍ରବନ୍ଧ ତିନୋଟି ପର୍ଯ୍ୟାୟରେ ରଚିତ ହୋଇଥାଏ, ଯଥା - ଉପକ୍ରମ, ବିଷୟବସ୍ତୁ ଓ ଉପସଂହାର । ଏହି ତିନୋଟି ପର୍ଯ୍ୟାୟ ନେଇ ତୁମେ ପଢ଼ିଥିବା ପ୍ରବନ୍ଧର ବିଷୟକୁ ବୁଝିବା ।

ସଂସଦୀୟ ଗଣତନ୍ତ୍ରର ସଫଳତା ଇଂଲଣ୍ଡରେ ଦେଖିବାକୁ ମିଳେ । ସାରା ବିଶ୍ୱକୁ ଏହି ବ୍ୟବସ୍ଥା ଇଂଲଣ୍ଡ ସଭ୍ୟତାର ଅବଦାନ । ସେଥିପାଇଁ ଇଂଲଣ୍ଡକୁ ସଂସଦୀୟ ଗଣତନ୍ତ୍ରର ଜନନୀ ବୋଲି କୁହାଯାଇଥାଏ । ଆମ ଦେଶ ଭାରତ ଦୀର୍ଘ ଦୁଇଶହ ବର୍ଷ ଇଂରେଜ ଶାସନାଧୀନ ଥିବାରୁ ସ୍ୱାଭାବିକ ଭାବରେ ଇଂରାଜୀ ଶିକ୍ଷା, ସଭ୍ୟତା ଓ ସଂସ୍କୃତି ସହ ପରିଚିତ ହୋଇଥିଲା । ଦେଶ ସ୍ୱାଧୀନ ହେବାପରେ ରାଜତନ୍ତ୍ର ଶାସନ, ଏକଛତ୍ର ଶାସନ ବା ସାମରିକ ଶାସନ ପରିବର୍ତ୍ତେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଗ୍ରହଣ କରିଥିଲା । ସେଥିପାଇଁ ସମ୍ବିଧାନ ପ୍ରଣୟନ କରାଗଲା ଓ ତାହାକୁ ଆଧାରକରି ରାଷ୍ଟ୍ର ପରିଚାଳିତ ହେଲା । ଆମ ସହିତ ସ୍ୱାଧୀନ ହୋଇଥିବା ପାଖ ପଡ଼ୋଶୀ ଦେଶମାନଙ୍କରେ ନାନା ବିଶୃଙ୍ଖଳା ଦେଖା ଦେଇଛି । ମାତ୍ର ଭାରତ ଗଣତନ୍ତ୍ରର ଗାରିମାକୁ ବଜାୟ ରଖିଛି । ଆମପାଇଁ ଏହା ଗୋଟିଏ ଗୌରବର ବିଷୟ । ଇଂଲଣ୍ଡର ପ୍ରଧାନମନ୍ତ୍ରୀ ପଦରେ କ୍ଲେମେଣ୍ଟ ଆଟଲୀ ଥିଲାବେଳେ ଭାରତ ସ୍ୱାଧୀନ ହୋଇଥିଲା । ପରବର୍ତ୍ତୀ ସମୟରେ ସେ ଭାରତ ଆସି ଭାଷଣ ପ୍ରସଙ୍ଗରେ ଆମ ଦେଶର ଶାସନ ବ୍ୟବସ୍ଥା ଓ ସଂସଦୀୟ ଗଣତନ୍ତ୍ରର ସଫଳତାକୁ ପ୍ରଶଂସା କରିଥିଲେ ।

ଲେଖକଙ୍କ ମତରେ ଗଣତନ୍ତ୍ର ପ୍ରକୃତରେ ଗୋଟିଏ ସଭ୍ୟତମ ଶାସନ ବ୍ୟବସ୍ଥା । ଏଥିରେ ଆଇନ ବ୍ୟବସ୍ଥା ଅନୁଯାୟୀ ଶାସନ ପରିଚାଳିତ ହୁଏ । କୌଣସି ବ୍ୟକ୍ତିର ମନ ବା ଇଚ୍ଛା ଅନୁସାରେ ଶାସନ ଚାଲେ ନାହିଁ । ଏଥିପାଇଁ ସମ୍ବିଧାନ ଓ ଅନେକ ଆଇନ ପ୍ରଣୟନ କରାଯାଇଛି । ଏହାବ୍ୟତୀତ କେତେଗୁଡ଼ିଏ ଶୃଙ୍ଖଳିତ ଆଚରଣ ମଧ୍ୟ ଗଣତନ୍ତ୍ରର ମୂଳାଧାର ଭାବରେ ରହିଛି । ଏଗୁଡ଼ିକ ଅତି ସରଳ ଓ ସାମାନ୍ୟ । ସାଧାରଣ ଶିଷ୍ଟାଚାର, ନୈତିକ ସୌଜନ୍ୟ ଭଳି ମାନବ ସଭ୍ୟତାର ଶାଶ୍ୱତ ଗୁଣାବଳୀ ଗଣତନ୍ତ୍ରକୁ ଅଧିକ ଫଳପ୍ରଦ କରିଥାଏ । ଏହା ପୁଣି କେବଳ ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କଠାରୁ ଆଶା କରାଯାଏ ତା ନୁହେଁ, ସାଧାରଣ ନାଗରିକମାନଙ୍କଠାରୁ ମଧ୍ୟ ଆଶା କରାଯାଏ ।

**ବିଷୟବସ୍ତୁ :** ଉପକ୍ରମ ଅଂଶରେ ଯେଉଁ ଗଣତାନ୍ତ୍ରିକ ଆଚରଣ ପ୍ରସଙ୍ଗ ଉତ୍‌ଥାପିତ ହେଲା, ତାହାର କେତୋଟି ଉଦାହରଣ ଲେଖକ ନିଜ ଇଂଲଣ୍ଡ ଅନୁଭୂତିରୁ ପ୍ରଦାନ କରିଛନ୍ତି । (କ) ସଂସଦରେ (ଖ) ସାମାଜିକ ଜୀବନରେ (ଗ) ଶିକ୍ଷାନୁଷ୍ଠାନରେ (ଘ) ନିର୍ବାଚନ ସଭା ଓ (ଙ) ଭୋଟଦାନ ବ୍ୟବସ୍ଥାରେ ସେହି ଆଚରଣର ପ୍ରତିଫଳନ ଦର୍ଶାଇ ଲେଖକ ତାଙ୍କ ବକ୍ତବ୍ୟକୁ ବଳିଷ୍ଠ କରିଛନ୍ତି ।

(କ) ବଜେଟ ଅଧିବେଶନ ବସିବାର ଅବ୍ୟବହିତ ପୂର୍ବରୁ ଅର୍ଥମନ୍ତ୍ରୀ ଡଲଟନ୍ ଓ ଅନ୍ୟ ସଦସ୍ୟମାନେ ସଂସଦ ଭବନ ବାହାରେ ଖୁସି ଗପ୍ପରେ ବ୍ୟସ୍ତ ଥିଲେ । ଗପ୍ପ ଛନ୍ଦରେ କେହି ସାମ୍ବାଦିକ କହିଥିଲେ, ଧୂମପାନ ଏବଂ ମଦ୍ୟପାନ ଉପରେ ଟିକସ ବଢ଼ିପାରେ । କଥା ଲହସରେ ଅର୍ଥମନ୍ତ୍ରୀଙ୍କ ପାଟିରୁ ବାହାରିଗଲା, 'ଯଦି ଆବଶ୍ୟକ ପଡ଼େ କରିବାକୁ ହେବ ।' କଥା ସେଇଠି ସରିଲା । ଅଧିବେଶନ ଆରମ୍ଭ ହୋଇଯିବାରୁ ସମସ୍ତ ସଦସ୍ୟ ଓ ମନ୍ତ୍ରୀ ଭିତରକୁ ଚାଲିଗଲେ । ଡଲଟନ୍ ବଜେଟ ଆଗତ କରୁଥିବାବେଳେ ହଠାତ୍ ବିରୋଧୀ ଦଳ

ନେତା ହାତରେ ଖଣ୍ଡିଏ ଖବର କାଗଜ ଦେଖାଇ ବାଚସ୍ପତି ମହୋଦୟଙ୍କୁ କହିଲେ, ସଂସଦର ସଭ୍ୟମାନେ କିଛି ଜାଣିବା ପୂର୍ବରୁ, ବାହାରେ ସମସ୍ତେ ବଜେଟ୍ ପ୍ରସ୍ତାବ ପାଇସାରିଲେଣି । ବିଅର ଓ ଧୂଆଁପତ୍ର ଉପରେ ଅତିରିକ୍ତ କର ।'

ବିରୋଧୀ ନେତା ଚର୍ଚ୍ଚିଲ କହିବା ଦେଖି ଶିଷ୍ଟାଚାର ରଖି ଅର୍ଥମନ୍ତ୍ରୀ ଡଲ୍‌ଟନ୍ ବସିପଡ଼ିଥିଲେ । ସେ ପୁଣି ଠିଆହୋଇ ଅବିଚଳିତ ଭାବରେ ବଜେଟ୍ ପ୍ରସ୍ତାବ ପଢ଼ିଲେ । ତାହା ଶେଷ ହେବା ପରେ ଚର୍ଚ୍ଚିଲଙ୍କ ଅଭିଯୋଗର ଉତ୍ତର ଦେଇ ସାମ୍ବାଦିକଙ୍କ ସହ ତାଙ୍କର ଆଳାପ ବିଷୟରେ କହିଲେ । ଶେଷରେ କହିଲେ, ଜଣେ ଦାୟିତ୍ୱ ସମ୍ପନ୍ନ ମନ୍ତ୍ରୀଙ୍କ ପକ୍ଷରେ ଏପରି କହିବା ଉଚିତ ନଥିଲା । ତାପରେ ସେ ମନ୍ତ୍ରୀପଦରୁ ଇସ୍ତାଫା ଦେଇଥିଲେ । ଇସ୍ତଫା ଦେବା ତାଙ୍କର ଗଣତାନ୍ତ୍ରିକ ଆଚରଣ । ସରକାର ଯାହାକିଛି ପଦକ୍ଷେପ ନେବେ ପ୍ରଥମେ ସଂସଦରେ ତାହା ଗୃହୀତ ହେବା ବାଞ୍ଛନୀୟ । ପରୋକ୍ଷରେ ହେଲେ ମଧ୍ୟ ଡଲ୍‌ଟନ୍ ସଂସଦର ଗାରିମା ନଷ୍ଟ କରିବା କଥା ଅନୁଭବ କରି ତ୍ୟାଗପତ୍ର ଦେଇଥିଲେ । ସେ ଆଉ ରାଜନୀତିକୁ ମଧ୍ୟ ଫେରିଲେ ନାହିଁ ।

(ଖ) ସାମାଜିକ କ୍ଷେତ୍ରରେ ଗଣତାନ୍ତ୍ରିକ ଆଚରଣର ଦୁଇଟି ଅଭିଜ୍ଞତା ପ୍ରଦାନ କରିଛନ୍ତି ଲେଖକ । ଜଣେ ସହପାଠୀଙ୍କ ନିମନ୍ତ୍ରଣ ରକ୍ଷାକରି ସେ ମଧ୍ୟାହ୍ନ ଭୋଜନ ପାଇଁ ଯାଇଥିଲେ । ଦେଶରେ ବିଦ୍ୟୁତ୍ ଶକ୍ତିର ସଂକଟ ଦେଖାଦେଇ ଥାଏ । ଶକ୍ତି ବଞ୍ଚାଇବା ପାଇଁ ମନ୍ତ୍ରୀ ସିନ୍‌ୱେଲ ଦିନ ଦୁଇଟାରୁ ଛଅଟା ପର୍ଯ୍ୟନ୍ତ ରୁମ୍ ହିଟର ବ୍ୟବହାର ନ କରିବା ପାଇଁ ଲୋକଙ୍କୁ ନିବେଦନ କରିଥାନ୍ତି । ଶୀତ ପ୍ରବଳ ହେଉଥିବାରୁ ଲେଖକ ଖାଇ ବସିଥିବା କୋଠରୀରେ ମଧ୍ୟ ହିଟର ଲାଗିଥାଏ । ବନ୍ଧୁ ଏ ନିୟମର ଘୋର ବିରୋଧ କରୁଥିଲେ ମଧ୍ୟ ଘଣ୍ଟାରେ ଯେମିତି ଦୁଇଟା ବାଜିଲା ସେ ଉଠିପଡ଼ି ହିଟର ବନ୍ଦ କରିଦେଲେ । ଧରପଗଡ଼, ତଲାସୀ ନଥାଇ ମଧ୍ୟ ଲୋକେ ସ୍ୱତଃ ପ୍ରବୃତ୍ତ ଭାବରେ ସରକାରଙ୍କୁ ସହଯୋଗ କରିଛନ୍ତି । ବିରୋଧ କରୁଥିଲେ ମଧ୍ୟ ବିରୋଧୀ ମତକୁ ସମ୍ମାନ ଦେଇଛନ୍ତି । ଅନ୍ୟମତ ପ୍ରତି ସହନଶୀଳ ହୋଇ ବିଚାର କରବା ଓ ସମ୍ମାନ ପ୍ରଦାନ କରିବା ଉତ୍ତମ ଗଣତାନ୍ତ୍ରିକ ଆଚରଣ ।

ସମାଜରେ ଥିବା ଧନୀ-ଦରିଦ୍ରର ପାର୍ଥକ୍ୟକୁ ଗଣତାନ୍ତ୍ରିକ ଆଚରଣ ଦ୍ୱାରା ବଦଳାଇ ସମାନତା ଅଣାଯାଇପାରେ ଏହା ଲେଖକ ଅନୁଭବ କରିଛନ୍ତି । ବିଶ୍ୱଯୁଦ୍ଧ ପରବର୍ତ୍ତୀ ଇଂଲଣ୍ଡ ଆର୍ଥିକ ସଂକଟ ଦେଇ ଗତି କରୁଥାଏ । ସେଥିପାଇଁ ପଡ଼ି କୁପନ୍‌ର ବ୍ୟବସ୍ଥା କରାଯାଇଥିଲା । ଲୋକଙ୍କୁ କ,ଖ,ଗ ଶ୍ରେଣୀରେ ବିଭକ୍ତ ନ କରି ସମସ୍ତଙ୍କ ପାଇଁ ସମାନ କୁପନ୍ ବ୍ୟବସ୍ଥା କରାଗଲା । ଉଦାହରଣ ସ୍ୱରୂପ ହୋଟେଲରେ ଖାଇଲେ ଅଢ଼େଇ ଶିଲିଂରୁ ଅଧିକ ମୂଲ୍ୟର ଖାଦ୍ୟ ମିଳିବ ନାହିଁ । କେହି ଅଧିକ ମୂଲ୍ୟର ଖାଦ୍ୟ ମାଗୁ ନଥାନ୍ତି । କି ଏହାକୁ ଲଦିଲା ଭଳି ଅନୁଭବ କରୁନଥାନ୍ତି । ସମସ୍ତ ନାଗରିକ ସମାନ - ସମସ୍ତଙ୍କ ପାଇଁ ନିୟମ ମଧ୍ୟ ସମାନ । ଏହା ଗଣତନ୍ତ୍ରର ମୂଳ କଥା ।

(ଗ) ନୀତି ବା ନିୟମ ନିର୍ଦ୍ଧାରିତ ହେଲାପରେ ତାହାକୁ ଯେକୌଣସି ପରିସ୍ଥିତିରେ ପାଳନ କରିବାକୁ ଶିଖିବା ଗଣତନ୍ତ୍ରର ଆଉ ଗୋଟିଏ ସୁନ୍ଦର ଆଚରଣ । ଲେଖକ ଲଣ୍ଡନ ଅର୍ଥନୀତି ସ୍କୁଲର ଗବେଷଣା କଲାବେଳେ ସେ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କ ପରଲୋକ ହେଲା । ଅନୁଷ୍ଠାନର କାର୍ଯ୍ୟସୂଚୀ ଶିକ୍ଷାବର୍ଷ ଆରମ୍ଭରୁ ଧାର୍ଯ୍ୟ ହୋଇଥିବାରୁ ସେଥିରେ କୌଣସି ପରିବର୍ତ୍ତନ କରାଗଲା ନାହିଁ କି ସେଦିନ ଛୁଟି ମଧ୍ୟ ଘୋଷିତ ହେଲା ନାହିଁ । ପାଠପଢ଼ା ଯଥାବିଧି ଚାଲିଲା । ସନ୍ଧ୍ୟାରେ ଶୋକସଭା ଅନୁଷ୍ଠିତ ହେଲା ଓ ଯେଉଁମାନଙ୍କର ସେହି ସମୟରେ ଅନ୍ୟ କୌଣସି କାର୍ଯ୍ୟବ୍ୟସ୍ତତା ନାହିଁ କେବଳ ସେହିମାନଙ୍କୁ ସଭାରେ ଯୋଗଦେବାପାଇଁ

ଅନୁରୋଧ କରାଗଲା । ନିୟମ ପାଳନରେ ସମସ୍ତେ ଅଭ୍ୟସ୍ତ । ଶିକ୍ଷାନୁଷ୍ଠାନରେ ଗଣତାନ୍ତ୍ରିକ ଆଚରଣର ଆଉ ଗୋଟିଏ ବିଶେଷ ଅଭିଜ୍ଞତା ଲେଖକ ବ୍ୟକ୍ତ କରିଛନ୍ତି । ରାଜନୀତି ବିଜ୍ଞାନର ପ୍ରଖ୍ୟାତ ପ୍ରଫେସର ଲାସ୍କି ଯେଉଁ ପିରିୟଡ଼ରେ 'ଆଧୁନିକ ଗଣତନ୍ତ୍ର' ବିଷୟରେ ପାଠ ପଢ଼ାନ୍ତି, ସେଦିନ ଇଂଲଣ୍ଡର କେତେଜଣ ମନ୍ତ୍ରୀ ଅନୁମତି ନେଇ କ୍ଲାସରେ ଆସି ବସିଥାନ୍ତି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଏ ନାହିଁ । ଛାତ୍ରମାନଙ୍କ ସାଙ୍ଗରେ ସମାନ ବେଞ୍ଚରେ ସେମାନେ ବସନ୍ତି । ତାଙ୍କୁ ଅନୁଷ୍ଠାନ ମଧ୍ୟକୁ ଅଭ୍ୟର୍ଥନା କରି ଅଣାଯାଏ ନାହିଁ କି କେହି ତାଙ୍କୁ ମଧ୍ୟ ଲକ୍ଷ୍ୟ କରନ୍ତି ନାହିଁ ।

(ଘ) ନିର୍ବାଚନ ସଭାରେ ମଧ୍ୟ ଶିଷ୍ଟ ଆଚରଣ ଲେଖକ ଲକ୍ଷ୍ୟ କରିଛନ୍ତି । ଶ୍ରମିକ ସରକାରଙ୍କ ଜଣେ ମନ୍ତ୍ରୀ ତାଙ୍କ ଭାଷଣରେ ସରକାର କ'ଣ କରୁଛନ୍ତି ତାହା ବର୍ଣ୍ଣନା କରୁଥାନ୍ତି । ବିରୋଧୀ ଦଳ ବିଷୟରେ ପଦେ ହେଲେ ମନ୍ତବ୍ୟ ଦେଲେ ନାହିଁ । କେହି ଜଣେ ଶ୍ରୋତା ଧନୀମାନଙ୍କୁ କାହିଁକି ଗରିବଙ୍କ ସୁବିଧା ଦିଆଯାଉଛି ବୋଲି ପଚାରିବାରୁ ମନ୍ତ୍ରୀ ମହୋଦୟ ବୁଝାଇ ଦେଲେ ଯେ ସରକାରଙ୍କ ଦୃଷ୍ଟିରେ ସମସ୍ତେ ସମାନ । ସମସ୍ତେ ସମାନ ଭାବରେ ସରକାରୀ ସାହାଯ୍ୟ ପାଇଁ ହକ୍‌ଦାର । ଧନୀ ଲୋକେ ନ ଦେଲେ ଏ ସହାୟତା ଅଭାବୀଙ୍କୁ ରିଲିଫ ସାହାଯ୍ୟ ପରି ଜଣାଯିବ । ସେମାନଙ୍କ ମନରେ ଗୌଣ ଭାବ ଆସିବ । ଫଳରେ ସମାଜର ନୈତିକ ମାନ ନଷ୍ଟ ହେବ । ଏହା ଜାତି ପାଇଁ କ୍ଷତିକାରକ ।

(ଙ) ପରିଶେଷରେ ଲେଖକ ଇଂଲଣ୍ଡର ଭୋଟ ବ୍ୟବସ୍ଥାର ସରଳତା ବର୍ଣ୍ଣନା କରିଛନ୍ତି । ଲେଖକ ଭାରତୀୟ ପୁଣି ଗବେଷଣା ପାଇଁ ଇଂଲଣ୍ଡରେ ଅଛନ୍ତି । ତଥାପି ତାଙ୍କୁ ଆଶ୍ଚର୍ଯ୍ୟ କରି ଦିନେ ଡାକରେ ତାଙ୍କ ପାଖକୁ ଗୋଟିଏ ଭୋଟ ପତ୍ର ଆସିଲା । ସେଥିରେ ତାଙ୍କର ନାମ, ଭୋଟର ସଂଖ୍ୟା ସହ ପ୍ରାର୍ଥୀଙ୍କ ନାମ, ଯୋଗ୍ୟତା, ଦଳର ସଂକ୍ଷିପ୍ତ ନିର୍ବାଚନୀ ଇସ୍ତାହାର ସହ ଭୋଟ କେନ୍ଦ୍ରର ରାସ୍ତା ନିର୍ଦ୍ଦେଶ ମଧ୍ୟ ଥିଲା । ଲେଖକ ଜାଣିଲେ ଇଂଲଣ୍ଡନର ଛଅମାସ ରହିଲେ ଆପେ ଆପେ ଭୋଟର ତାଲିକାରେ ନାମ ଯୋଡ଼ି ହୋଇଯାଏ । ଲେଖକ ଭୋଟ ଦେବାକୁ ଗଲେ । ସେଠାରେ ଭିଡ଼ ନଥିଲା କି ଗହଳି ନଥିଲା । ଭୋଟ କାଗଜରେ ପ୍ରାର୍ଥୀଙ୍କ ନାମ ଥିଲା ଚିହ୍ନ ନଥିଲା, କାରଣ ନାଗରିକମାନେ ଶିକ୍ଷିତ, ସେମାନେ ପ୍ରାର୍ଥୀଙ୍କ ନାମ ପଢ଼ି ଭୋଟ ଦେଇପାରିବେ । ଭୋଟ ଦାନର ଏ ସରଳ ପ୍ରକ୍ରିୟା ମଧ୍ୟ ଗୋଟିଏ ସଭ୍ୟ ଦେଶର ଗଣତାନ୍ତ୍ରିକ ଆଚରଣ ।

**ଉପସଂହାର:** ପ୍ରବନ୍ଧର ଉପସଂହାର ଅଂଶଟି ଅତି ସଂକ୍ଷିପ୍ତ । ଲେଖକ ଆକସ୍ମିକ ଭାବେ ପ୍ରବନ୍ଧକୁ ଶେଷ କରିଛନ୍ତି । ଲେଖକ ଇଂଲଣ୍ଡରେ ଥିଲାବେଳେ ଭାରତ ସ୍ୱାଧୀନ ହୋଇଥିଲା । ଦେଶ ଗଣତାନ୍ତ୍ରିକ ଶାସନ ପଦ୍ଧତି ମଧ୍ୟ ଗ୍ରହଣ କରିଥିଲା । ତେଣୁ ଇଂଲଣ୍ଡରେ ଗଣତାନ୍ତ୍ରିକ ଆଚରଣ ସମ୍ପର୍କରେ ତାଙ୍କର ଯେଉଁ ଅଭିଜ୍ଞତା ହୋଇଥିଲା ସେଥିରୁ ସେ ସ୍ୱପ୍ନ ଦେଖିଥିଲେ ଯେ ଭାରତକୁ ଫେରି ସେ ସଂସଦଠାରୁ ଆରମ୍ଭକରି ସାଧାରଣ ଜନଜୀବନରେ ମଧ୍ୟ ଏଭଳି ଶୃଙ୍ଖଳିତ ଆଚରଣ ଦେଖିବାକୁ ପାଇବେ । ଏଭଳି ସକାରାତ୍ମକ ଭାବ ନେଇ ପ୍ରବନ୍ଧ ସମାପ୍ତ ହୋଇଛି ।

## ୩.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ଗଣତନ୍ତ୍ର କେବେଳ ଏକ ଶାସନ ପ୍ରଣାଳୀ ନୁହେଁ, ଏହା ଏକ ସଂଯତ ସଭ୍ୟତା । ଏଥିରେ ଅଛି ନୈତିକ ସୌଜନ୍ୟ - ଲେଖକଙ୍କ ଏହି ଉକ୍ତିର ପ୍ରମାଣ ଦିଅ ।

II. ଇଂଲଣ୍ଡ ରହଣି କାଳରେ ଲେଖକଙ୍କ ଅଭିଜ୍ଞତା ବର୍ଣ୍ଣନା କର ।

III. ଇଂଲଣ୍ଡରେ ଭୋଟ ଦେବାର ବ୍ୟବସ୍ଥା ସମ୍ପର୍କରେ ଲେଖକଙ୍କ ଅଭିଜ୍ଞତା ପ୍ରଦାନ କର ।

IV. ଇଂଲଣ୍ଡ ଅର୍ଥନୀତି ସ୍କୁଲରେ ଗବେଷଣା କରିବା ସମୟର ଲେଖକଙ୍କ ଅନୁଭୂତି ସମ୍ପର୍କରେ ଆଲୋଚନା କର ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) ଭାରତର ରାଜନୀତିକ ଗୌରବ କ'ଣ ?
ii) କେଉଁଟି ମାନବ ସଭ୍ୟତାର ଶାଶ୍ୱତ ଗୁଣ ?
iii) ଭାରତ ସଂସଦୀୟ ଗଣତନ୍ତ୍ର କେଉଁଠାରୁ ଗ୍ରହଣ କରିଛି ?
iv) ଇଂଲଣ୍ଡରେ କେତେ ମାସ ରହିଲେ ଭୋଟ ଅଧିକାର ମିଳେ ?
v) ପାର୍ଲିଆମେଣ୍ଟରେ ଚର୍ଚ୍ଚିଲ ଠିଆ ହେବାରୁ ଅର୍ଥମନ୍ତ୍ରୀ ବସିଲେ କାହିଁକି ?
vi) ଅର୍ଥନୀତି ସ୍କୁଲରେ ଶୋକସଭା ସନ୍ଧ୍ୟାରେ ହେଲା କାହିଁକି ?
vii) ବ୍ରିଟିଶ ଦର୍ଶନ ଓ ଅନୁଷ୍ଠାନ କ'ଣ ?
viii) ଇଂଲଣ୍ଡରେ ଭୋଟ କାଗଜରେ ଦଳୀୟ ଚିହ୍ନ ନଥାଏ କାହିଁକି ?
ix) ଅର୍ଥମନ୍ତ୍ରୀ ଇସ୍ତଫା କାହିଁକି ଦେଲେ ?
x) ସହପାଠୀ ବନ୍ଧୁଙ୍କ କେଉଁ ଆଚରଣରେ ଲେଖକ ଖୁସି ହେଲେ ?
xi) ମନ୍ତ୍ରୀଙ୍କ ଭୋଟ ପ୍ରଚାର ଲେଖକଙ୍କୁ କାହିଁକି ଭଲ ଲାଗିଲା ?
xii) ଲେଖକ କ'ଣ ସ୍ୱପ୍ନ ଦେଖିଥିଲେ ?

## ୩.୭ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) ଲଣ୍ଡନ ................ ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ।
(ଡାଉନିଙ୍ଗ ଷ୍ଟ୍ରୀଟ, ପାର୍କ ଷ୍ଟ୍ରୀଟ୍, ମଲ୍ ଷ୍ଟ୍ରୀଟ୍)

ଖ) ମନ୍ତ୍ରୀମାନେ ପାର୍ଲିଆମେଣ୍ଟରେ ଯେଉଁଠାରେ ବସନ୍ତି ତାକୁ ............... କୁହାଯାଏ ।
(ଟ୍ରେଜେରୀ ବେଞ୍ଚ, ମନ୍ତ୍ରୀ ସଦନ, ସାଧାରଣ ସଦନ)

ଗ) ଅଟ୍‌ଲୀ ପ୍ରଧାନମନ୍ତ୍ରୀ ଥିଲାବେଳେ ................... ଥିଲେ ବିତ୍ତମନ୍ତ୍ରୀ ।
(ଡଲ୍‌ଟନ୍, ଚର୍ଚ୍ଚିଲ, ସିନ୍‌ୱେଲ)

ଘ) ଲଣ୍ଡନରୁ ସଂଧ୍ୟାରେ ............ ଖଣ୍ଡ ସମ୍ବାଦପତ୍ର ପ୍ରକାଶିତ ହୁଏ ।
(୨ଖଣ୍ଡ, ୩ଖଣ୍ଡ, ୭ଖଣ୍ଡ)

ଙ) .................. ରାଜନୀତି ବିଜ୍ଞାନର ପ୍ରଖ୍ୟାତ ଅଧ୍ୟାପକ ଥିଲେ ।
(ଚର୍ଚ୍ଚିଲ, ହାରଲ୍‌ଡ ଲାସ୍କି, ଅଟ୍‌ଲି, ଡଲ୍‌ଟନ୍)

## ୩.୮ ବିଷୟ ବୋଧଗତ ପ୍ରଶ୍ନର ଉତ୍ତରମାଳା

କ) ଡାଉନିଙ୍ଗ ଷ୍ଟ୍ରୀଟ ଖ) ଟ୍ରେଜେରୀ ବେଞ୍ଚ ଗ)ଡଲ୍‌ଟନ୍
ଘ) ୩ଖଣ୍ଡ ଙ) ହାରଲ୍‌ଡ ଲାସ୍କି

# ୪

# ଭୂତମାନେ କଅଣ କରନ୍ତି

**ପ୍ରଫେସର ଡକ୍ଟର ଗଣେଶ୍ୱର ମିଶ୍ର**

## ୪.୧ ଉପକ୍ରମ

ଭୂତମାନେ ସତରେ ଥାଆନ୍ତୁ କି ନଥାନ୍ତୁ କିନ୍ତୁ ଭୂତ ଗପ ଅଛି । ସେମାନଙ୍କୁ ନେଇ କେତେ ଯେ କଥା ଉପକଥା ରହିଛି, ତାରଇୟତ୍ତା ନାହିଁ । ଭୂତକଥା ଶୁଣିବାକୁ ସମସ୍ତେ କାନ ଡେରିଥାନ୍ତି । ଶୁଣିଲେ ମନ ଉଚ୍ଚାଟ ହୁଏ । ଆବେଗ ଓ ଉତ୍କଣ୍ଠାରେ ମନ ସତେଜ ହୁଏ । ଏଡ଼େ ସୁନ୍ଦର ମନୋରଞ୍ଜନ କରେ ଯେ ନିଦ ଲାଗୁଥିଲେ ଭାଙ୍ଗିଯାଏ । ଏଭଳି ଏକ ପରିସ୍ଥିତିରେ ସୁନ୍ଦର ବର୍ଣ୍ଣନା ମିଳେ ଏହି ରଚନାଟିରୁ । ଆସ ପଢ଼ିବା ।

## ୪.୨ ଗଳ୍ପ ପଠନର ଉଦ୍ଦେଶ୍ୟ

ଏହି ଗଳ୍ପ ପଠନ ଦ୍ୱାରା ଆମେ

- ଭୂତ ବିଷୟରେ ଜାଣିବା ।
- ଭୂତମାନଙ୍କର କାର୍ଯ୍ୟକଳାପ ଗଳ୍ପର ଚରିତ୍ର ମାଧ୍ୟମରେ ଅନୁଭବ କରିବା ।
- ଭୂତ ସମ୍ପର୍କରେ ଗଳ୍ପର ଚରିତ୍ରଗୁଡ଼ିକର ଅନୁଭୂତି ସମ୍ପର୍କରେ ଜାଣିବା ।
- ଭୂତ ପ୍ରତି ଲୋକଙ୍କର ବିଶ୍ୱାସ ସମ୍ପର୍କରେ ସୂଚନା ଲାଭ କରିବା ।

## ୪.୩ ଗାଳ୍ପିକଙ୍କ ପରିଚୟ

ଇଂରାଜୀ ସାହିତ୍ୟର ପ୍ରଫେସର ଗଣେଶ୍ୱର ମିଶ୍ର (୧୯୪୨) ଉପନ୍ୟାସ, ଗଳ୍ପ ଫିଚର, ଅନୁବାଦ, କବିତା ଓ ଶିଶୁସାହିତ୍ୟ ରଚନାରେ ଜଣେ ସଫଳ ବ୍ୟକ୍ତି । 'ସାମୁଦ୍ରିକ', 'ଆରୋହୀ', 'ନେତା', 'ସକାଳର ମୁହଁ' ପ୍ରଭୃତି ତାଙ୍କର ଚର୍ଚ୍ଚିତ ଉପନ୍ୟାସ । 'ସକାଳର ମୁହଁ' ଉପନ୍ୟାସଟି ଇଂରାଜୀରେ ଅନୁବାଦ ହୋଇ ପ୍ରସିଦ୍ଧି ଲାଭ କରିଛି । ଏହା ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । ତାଙ୍କ ରଚିତ ଭ୍ରମଣପୁସ୍ତକ ହେଲା- 'ସମୁଦ୍ର ସେପାରେ', 'ନିଜ ଦେଶ ଓ ଅନ୍ୟ ଦେଶ', 'ନୂତନ ମାଟିର ସ୍ୱର୍ଶ' ଇତ୍ୟାଦି । ବର୍ତ୍ତମାନ ସେ ଦୈନିକ ଖବର କାଗଜ 'ପ୍ରମେୟ'ର ସମ୍ପାଦନା କରୁଛନ୍ତି ।

## ୪.୪ ମୂଳ ବିଷୟ

ଓଡ଼ିଶାର କୌଣସ ଗୋଟିଏ କ୍ଷୁଦ୍ର ସହରରୁ ଆମେ ଆସୁଥାଉ ଭୁବନେଶ୍ୱର ଅଭିମୁଖେ । କାର୍‌ରେ ମୁଁ, ମୋର ଜଣେ ସହକର୍ମୀ ଅଧ୍ୟାପକ, କୌଣସି ପ୍ରାଇଭେଟ୍ କଲେଜର ଅଧ୍ୟକ୍ଷ ଓ ସର୍ବୋପରି, ଅଭିଜ୍ଞ, ଟୋପିପରିହିତ ଡ୍ରାଇଭର । ଗାଡ଼ି ଚାଲିଥାଏ ଦ୍ରୁତ ଗତିରେ । ରାସ୍ତା ନିର୍ଜନ । କିଛି କିଛି ଦୂରତାରେ ମଫସଲି ବଜାର ସେମାନଙ୍କ ଆଲୋକିତ କୋଳାହଳ ଓ ମଳିନ ଖପରୁଲି ଘରସବୁ । ସମୟ ରାତି ଏଗାରଟା ।

ଅଧ୍ୟକ୍ଷ କହିଲେ, 'ସମସ୍ତେ ଚୁପ୍‌ଚାପ୍ ବସିଲେ କାହିଁକି ? କିଛି କହନ୍ତୁ ।'

ମୋର ସହକର୍ମୀ କ୍ଷୀଣ ସ୍ୱରରେ ଉତ୍ତର ଦେଲେ, ମୁଁ ଆଜି ଭୀଷଣ ଟାୟାର୍ଡ୍ । ରାତି ପାଞ୍ଚଟାରୁ ଉଠିଛି ।' ସେ ତାଙ୍କ ଉକ୍ତିର ସତ୍ୟତା ପ୍ରମାଣ କରିବାକୁ ଅବିଳମ୍ବେ ଆଖିବୁଜି ଢୁଳାଇବାକୁ ଲାଗିଲେ ।

ଅଧ୍ୟକ୍ଷ ମୋତେ ଚାହିଁଲେ । ମୁଁ କହିଲି, 'ମୁଁ ଆଜ୍ଞା ଢୁଳାଏ ନାହିଁ । ଟ୍ରେନ ବା କାର୍‌ରେ ଗଲାବେଳେ ମୋତେ କେବେ ନିଦ ଲାଗେ ନାହିଁ ।'

ସେ ଆଶ୍ୱସ୍ତ ହେଲେ । ବାହାରକୁ ଆଙ୍ଗୁଠି ଦେଖାଇ କହିଲେ, 'ହେଇ ଠିକ୍ ଏଇଠି ... ଏକ ବରଗଛ ତଳେ । ଗଲାବର୍ଷ କଥା ।'

ମୁଁ ଉତ୍ସାହରେ ଅଧ୍ୟକ୍ଷଙ୍କ ମୁହଁକୁ ଚାହିଁଲି । କାର୍ ଭିତରର ଅନ୍ଧାରରେ ତାଙ୍କ ମୁହଁ ହଠାତ୍ ରହସ୍ୟମୟ ହୋଇ ଉଠିଥିଲା । ସେ କହୁଥିଲେ, 'ଅନେକ ସମୟରେ ବେଶୀ ରାତିରେ ମୁଁ କଟକ ଫେରେ । ଥରେ ନୁହେଁ ଦି'ଥର ନୁହେଁ, ଚାରି ପାଞ୍ଚ ଥର ଦେଖିଲି – କଳାବୁର୍ଖାପିନ୍ଧା ସ୍ତ୍ରୀ ଲୋକ ଜଣେ ସେଇ ଗୋଟିଏ ଜାଗାରେ ଠିଆ ହୋଇ କାର୍‌ରେ ଯିବାପାଇଁ ହାତ ଦେଖାଉଛି ।'

'ଆପଣ ଗାଡ଼ି ଅଟକାଇଲେ ?' ମୁଁ ପଚାରିଲି ।

ସେ ହସି ହସି କହିଲେ, 'କିଏ ଲୋକ ନଜାଣି କେମିତି ଗାଡ଼ି ଅଟକାଇଥାନ୍ତି ? ମୁଁ ଏମିତି ଲୋକଟିଏ ଦେଖିବା ପରେ ପରେ ଏ ଅଞ୍ଚଳରେ ଭୟଙ୍କର ଡକାୟତି ହୋଇଥିଲା । ଜଣେ ଚାଷୀନେତା ସେଇ ଡକାୟତିରେ ଧରା ପଡ଼ିଥିଲେ ।

କିଛି ସମୟ ନୀରବତା । ଦୁଇ ପାଖରେ ଗତିଶୀଳ ଧାନବିଲ, ଗଛ ଓ କେଉଁଠି କେମିତି କେତେଜଣ ଗାଉଁଲି ମଣିଷ । କେଉଁଠି ଜଣେ ବୁଢ଼ା କାର୍‌କୁ ଦେଖି ହାତ ଦେଖାଇଲା । ହୁଏତ ତାର ଆଉରି ଆଗକୁ ଯିବାର ଅଛି, ତେଣୁ ସେ ଆମର ସାହାଯ୍ୟ ଚାହେଁ, କିମ୍ବା ... ! ମୁଁ ଓ ଅଧ୍ୟକ୍ଷ ସେ ବୁଢ଼ା ବିଷୟ ଆଲୋଚନା କଲୁନାହିଁ ।

'ଆପଣ ଭୂତରେ ବିଶ୍ୱାସ କରନ୍ତି ?' ମୁଁ ପଚାରିଲି । ହଠାତ୍ ଏଇ ଗୁରୁତର ପ୍ରଶ୍ନଟି କାହିଁକି ମୋ ସମ୍ମୁଖରେ ଠିଆ ହେଲା, କହିବା କଠିନ । ତେବେ ସେଇ ବୁର୍ଖାପିନ୍ଧା ସ୍ତ୍ରୀ ଲୋକ ଓ ରାସ୍ତା କଡ଼ରେ କାର୍ ଦେଖି ହାତ ଦେଖାଉଥିବା ବୁଢ଼ାଟି ହୁଏତ ମୋତେ ଭୂତ ମନେ ପକାଇ ଦେଲେ ।

ଅଧ୍ୟକ୍ଷ କହିଲେ, 'ବିଶ୍ୱାସ କରିବି କ'ଣ, ନିଜ ଆଖିରେ ଦେଖିଛି ଅନେକ ଥର ।' ତାଙ୍କ କଣ୍ଠରେ ଅଧ୍ୟକ୍ଷସୁଲଭ ଦୃଢ଼ତା ।

'ଆଖିରେ ଦେଖିଛନ୍ତି ?' ମୁଁ କଥାଟାକୁ ଲଘୁ କରିବାକୁ କହିଲି, 'ଆପଣଙ୍କ ମନର ଭ୍ରମ ହୋଇପାରେ ।'

ସେ କହିଲେ, 'ହଁ– ହୋଇପାରେ । କିନ୍ତୁ ଦୁବ, ରକ୍ତଲଗା ଚାଉଳ ଶୂନ୍ୟରୁ ପଡ଼ିବା ଦେଖିଛି । – ପରେ ସେ ସବୁ ନିଆଁରେ ଅନ୍ୟମାନଙ୍କ ସାମ୍ନାରେ ପୋଡ଼ିଛି । ଜିନିଷଗୁଡ଼ାକ ଧରିବା, ଦେଖିବା, ପୋଡ଼ିବା – ଏ ସବୁକୁ ମନର ଭ୍ରମ ବୋଲି ଆପଣ କହିବେ ?'

ଟୋପିପରିହିତ ଡ୍ରାଇଭର ଏଇ ସମୟରେ ଏକ ଅସ୍ପଷ୍ଟ ଶବ୍ଦ କଲେ । ସେ ଯେ ଅଧ୍ୟକ୍ଷଙ୍କ କଥା ଶୁଣୁଛନ୍ତି, ତାହା ମୁଁ ଏଯାଏଁ ଜାଣି ନଥିଲି । ମୋ ସହକର୍ମୀ ଅବଶ୍ୟ ଆଉ ଢୁଳାଉ ନଥିଲେ, ଗଭୀର ନିଦ୍ରାରେ ଶୋଇ ସାରିଥିଲେ ।

ମୁଁ ପରାଜିତ ସ୍ୱରରେ କହିଲି, 'କେବେ ଦେଖିଲେ ଆଜ୍ଞା ?'

ସେ କହିଲେ, 'ଏଇ ପାଞ୍ଚ ଛଅ ଦିନ ତଳର କଥା କହୁଛି । ହଠାତ୍ ଆମ ଲାଇବ୍ରେରୀ ପିଅନ ଆକୁଳି ମରିଗଲା । ବୁଢ଼ା ହୋଇ ଯାଇଥିଲା, ହାର୍ଣ୍ଣିଆ ଅପରେସନ୍ ହୋଇଥିଲା, ଏଣେ ହାର୍ଟ-ଟ୍ରବ୍‌ଲ୍ ବି ଥିଲା । ହଠାତ୍ ଲାଇବ୍ରେରୀରେ ଫେଣ୍ଟ୍ ହୋଇଗଲା । ତାକୁ ଡାକ୍ତରଖାନାକୁ ନବାର ବ୍ୟବସ୍ଥା କଲୁ । ବାଟରେ ବିଚରା ଚାଲିଗଲା ।'

ତା ପରେ ? ଏଥର ପ୍ରଶ୍ନ କଲେ ମୋର ସହକର୍ମୀ । ଏହା ଭିତରେ ସେ କେତେବେଳେ ଉଠି ସାରିଥିଲେ ।

ଅଧ୍ୟକ୍ଷ କହିଲେ, 'ତା'ପରେ ଆଉ କ'ଣ ? ମୁଁ ହିଁ ତା ଶବରେ ଫୁଲମାଳ ଦେଲି, ହାତରୁ ଟଙ୍କା ଦେଇ ଶବସଂସ୍କାର ଆୟୋଜନ କଲି । ସବୁ ସାରି କ୍ୱାଟରସ୍‌କୁ ଫେରୁ ଫେରୁ ସଞ୍ଜ ।' ସେ ଟିକିଏ ଚୁପ୍ ରହିଲେ । ହଠାତ୍ ଯେମିତି ସ୍ୱର ବଦଳାଇ ଆରମ୍ଭ କଲେ, 'ହଠାତ୍ ସେ ଦିନ ରାତିରେ ମୋ କ୍ୱାଟରସ୍‌ର ଲାଇଟ୍‌ସବୁ କଟିଗଲା । ରାତିରେ ଆଉ ଲାଇଟ୍ ଆସିବାର ଆଶା ନଥାଏ । ଘରେ ପିଲାପିଲି ନଥାନ୍ତି । ଯେଉଁ ପିଅନ ସେ କ୍ୱାଟରସ୍‌ରେ ଶୁଏ, ସେ ବି ଯାଇଥାଏ ଗାଁ'କୁ । ଏକୁଟିଆ କ'ଣ କରିବି ? ମନଟା ବି ଭଲ ନଥାଏ । ବାହାର ବାରଣ୍ଡାରେ ଆରାମ ଚେୟାର ପକାଇ ବସି ରହିଲି ।'

ଏଇଠାରେ ସେ ସିଗାରେଟ୍ ଲଗାଇବା ପାଇଁ କିଛି ସମୟ ଅଟକିଲେ । ତା'ପରେ କହିଲେ, 'ଆରାମ ଚେୟାର ଉପରେ ବସି ବସି ସିଗାରେଟ୍ ଟାଣୁଥାଏ । ମୋ କ୍ୱାଟରସ୍‌ର ସାମନାରେ ଲାଇବ୍ରେରୀ । ମୋତେ ଦିଶୁଥାଏ, ଆକୁଳି ଲାଇବ୍ରେରୀ ରୁମ୍‌ରେ ବସିଛି, ଗୋଡ଼ ଘୋଷାରି ଘୋଷାରି ଏପଟ ସେପଟ ହେଉଛି, ବହିସବୁ ଥାକରେ ସଜାଡ଼ି ରଖୁଛି ।'

ପୁଣି କିଛି ସମୟ ନୀରବତା ।

ଆକୁଳିକୁ ଜୀବନରେ କେବେ ଦେଖି ନଥିଲେ ବି ମନେ ହେଉଥିଲା, ଯେମିତି ନିଛାଟିଆ କୌଣସି ଲାଇବ୍ରେରୀ ରୁମ୍‌ରେ ବୁଢ଼ାଟିଏ ପାଦ ଘୋଷାରି ଘୋଷାରି ଚାଲୁଥିବାର ମୁଁ ଦେଖି ପାରୁଛି ! କାହାର ଚେହେରା ମୋତେ ଏମିତି ଦିଶିଯାଉଛି, କେଜାଣି ! ଅଧ୍ୟକ୍ଷ କହୁଥିଲେ, 'ସେତେବେଳେ ଦଶମ ଶ୍ରେଣୀରେ ପଢୁଥାଏ । ଜାନକାଦେଇପୁର ଷ୍ଟେସନ ନିକଟରେ ଭାର୍ଗବୀ ନଈ କୂଳରେ ଆମର ଗାଁ । ଦିନେ ରାତିରେ-ରାତି ଦଶଟା ହେବ ନା କ'ଣ- ଚନ୍ଦନପୁର ହାଟରୁ ମାଛ ନେଇ ଫେରୁଛି । ଶସ୍ତାରେ ମାଛ ପାଇଥିବାରୁ ମନ ଖୁସି ଅଛି । ଦେଖିଲି- ଆଗରୁ ନଈଆଡୁ ଗୋଟିଏ ବେତା ଆସ୍ତେ ଆସ୍ତେ ଉପରକୁ ଉଠି ଉଠି ଆସୁଛି । ଟିକିଏ ଆଶ୍ଚର୍ଯ୍ୟ ହେଲା ବେତାଟା ଆସୁଛି, ମଣିଷ କାହିଁ ? ଭାବିଲି, ମନର ଭ୍ରମ ହୋଇପାରେ । ହଠାତ୍ ବେତାଟା କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା, ଧଳାଲୁଗା ପିନ୍ଧା ମାଇପିଟିଏ ଚାଲିଛି । ସଫା ଜହ୍ନ ଆଲୁଅ ପଡ଼ିଥାଏ । ମୋତେ କାହିଁକି ଟିକିଏ ଡର ଡର ଲାଗୁଥାଏ । କେତେଜଣ କୁଲି ରେଲ୍ ଲାଇନ୍ ଉପରେ ବସିଥିଲେ, ଦୈବାତ୍ ମତେ ଦେଖିଲେ । ପଚାରିଲେ, 'ବାବୁ, ଏତେ ରାତିରେ କୁଆଡ଼େ ବାହାରିଛ ? ଏଇ ଆଗ ଗଛରେ ଗୋଟେ ବଦ୍‌ମାସ୍ ଅଛି । ଆଉ ଏମିତି ଆସିବ ନାହିଁ । ହଉ ଚାଲ, ତୁମକୁ ଘରେ ଛାଡ଼ି ଦେଇ ଆସିବୁ ।'

ଆଉ ଥରେ ଆଇ.ଏ. ରେଜଲ୍ଟ୍ ଖବର କାଗଜରେ ବାହାରିବାର ଥାଏ । ରାତି ଆସାନସୋଲ ଟ୍ରେନ୍‌ରେ ଖବର କାଗଜ ଆସିଥିବ ବୋଲି ମୁଁ ଓ ମୋର ଜଣେ ସାଙ୍ଗ ଷ୍ଟେସନକୁ ଆସିଥାଉ । ଖବର କାଗଜ ତ ଆସିଲା ନାହିଁ, ରାତି ଦୁଇଟାରେ ଘରକୁ ଫେରିବା କଥା । ମୋ ସାଙ୍ଗ ସାଇକେଲ ଚଳାଉଥାଏ । ମୁଁ ପଛରେ ବସିଥାଏ । କେତେବାଟ ଫେରିବା ପରେ ଦେଖିଲି, ଆମର କିଛି ଆଗରେ ନିଆଁ ହୁଳା ପରି କିଛି ଗୋଟିଏ ଘୂରି ଘୂରି ଚାଲିଛି । ଆମେ ଯେତେ ଯେତେ ଗାଁ ପାଖକୁ ଆସୁଥାଉ, ନିଆଁ ହୁଳାଟା ସେତିକି ସେତିକି ଆଗକୁ ଆଗକୁ ଘୁଞ୍ଚି ଯାଉଥାଏ ।

ମୋ ସାଙ୍ଗ ମୋତେ କହିଲା, 'ହେଇ ଦେଖୁଚୁ, ଆଗରେ ଏଇଟା କ'ଣ ?' ମୁଁ ନିଆଁ ହୁଳାଟା ଠିକ୍ ଦେଖୁଥାଏ, କିନ୍ତୁ ତାକୁ ସାହସ ଦେବାପାଇଁ କହିଲି, 'କାହିଁମ କ'ଣ ? ତୁ କାହିଁକି ଡରୁଛୁ ? ମୁଁ ତ ତୋଠାରୁ ବୟସରେ ବଡ଼, ଯାହା ହେଲେ ବୁଝିବିନି ?' କିନ୍ତୁ ମୋ ସାଙ୍ଗ ଶେଷରେ ନର୍ଭସ୍ ହୋଇଗଲା । ଗାଁ ମୁଣ୍ଡ ଦେଉଳରେ ସାଇକେଲଟା ଭୁସ୍ କରି ଲଗାଇଦେଲା । ସେଇ ଶବ୍ଦରେ ଦେଉଳ ପାଖ ଘରୁ ଜଣେ ଦି'ଜଣ ଉଠି ପଡ଼ିଲେ । ଆମକୁ ନେଇ ଘରେ ପହଞ୍ଚାଇ ଦେଲେ ।'

'ଆପଣଙ୍କର ବହୁତ ସାହସ !' ମୁଁ ମନ୍ତବ୍ୟ ଦେଲି ।

ଅଧ୍ୟକ୍ଷ ମହୋଦୟ ମୋ କଥା ନଶୁଣି ଆଉ ଗୋଟିଏ ଗପ ଆରମ୍ଭ କଲେ, 'ଥରେ ମୋର ବହୁତ ସକାଳୁ ଉଠିବାର ଥାଏ । କଥା କ'ଣ କି ଗୋଟିଏ ଜମିର ସୀମା ସମ୍ପର୍କରେ ବିବାଦ ହୋଇଥାଏ । ସେ ଦିନ ସକାଳୁ ଉଠିଲେ ଜମିର ମାପଚୁପ କରାଇବି । ପୁଣି ଟ୍ରେଜେରୀରୁ କୌଣସି ଜରୁରୀ କାମ ପାଇଁ ବିଲ୍ ଦେଇ ଟଙ୍କା ଆଣିବାର ଥାଏ । ସେ ଜମିର ସୀମା ସମ୍ପର୍କରେ ମୁଁ ସେତେ ପର୍ଟିକୁଲାର୍ ନଥିଲି । କିନ୍ତୁ ବୋଉ ପୂର୍ବଦିନ ସଞ୍ଜରେ ରାଗି କହିଥାନ୍ତି, ବାପା ଥିଲେ ଆଜି ସେ ଅମୁକ ଲୋକ ଆମ ଜମିରୁ ଖଣ୍ଡେ ଦଖଲ କରିଯାଇନଥାନ୍ତା ।

'ପାହାନ୍ତାଟାରୁ ଅନୁଭବ କଲି, କେହିଜଣେ ମୋତେ ହଲେଇ ଦେଇ ଡାକୁଛି, କିରେ ଶୋଇଛୁ କ'ଣ, ଉଠ୍ । ଉଠୁନୁ । ମୁଁ ଜାଣି ପାରିଲି ନାହିଁ, କିଏ ଏମିତି ଡାକୁଛି । ଘାଲେଇ ଶୋଇଥାଏ । ପୁଣି ଥରେ ସେମିତି କେହି ଡାକିଲା – ଏଥର ଆଉରି ଜୋରରେ, କିରେ ଉଠିଲୁ ? ଡାକୁଛି ପରା ! ଏଥର ବାଧ ହୋଇ ଉଠିଲି । ନିତ୍ୟକର୍ମ ସାରି ଜମି ମାପିବା ପାଇଁ ଗଲି ।'

'ଆପଣଙ୍କ ବାପା ସେମିତି ଡାକିଲେ ବୋଲି ଆପଣ ଭାବୁଛନ୍ତି ?' – ମୁଁ ପଚାରିଚିଲି ।

ସେ କହିଲେ, 'ସେମିତି କହିପାରୁନାହିଁ । ବାପାଙ୍କ ସ୍ୱର ଶୁଣିବା ପାଇଁ ମୁଁ ତ ପ୍ରସ୍ତୁତ ନଥିଲି । ତେଣୁ ହୁଏତ ସ୍ୱରଟା ଧରି ପାରିଲି ନାହିଁ । କିନ୍ତୁ ନିଶ୍ଚୟ କେହି ଜଣେ ମୋତେ ଡାକିଛି ।'

ମୋ ସହକର୍ମୀ ଏ ଯାଏଁ ପ୍ରାୟ ଚୁପ୍ ରହିଥିଲେ । ବଡ଼ ପାଟିରେ ଆରମ୍ଭ କଲେ – 'ନାଇଁ ସ୍ପିରିଟ୍ ବୋଲି କିଛି ଅଛି । ବହୁତ ପ୍ରମାଣ ମିଳିଲାଣି ।'

ମୁଁ ପଚାରିଲି, 'କିନ୍ତୁ ଭୂତ ବା ସ୍ପିରିଟ୍ ବା ଯାହା କହନ୍ତୁ, ସେମାନେ ଗାଁଆରେ ରହିବାକୁ ପ୍ରିଫର୍ କରନ୍ତି କାହିଁକି ? ସହରରେ ତ ବେଶୀ ଭୂତ ବାହାରିବା ଦେଖାଯାଏ ନାହିଁ ।'

ମୋ ସହକର୍ମୀ କହିଲେ – 'ହୁଏତ ଗାଁ'ର ବାତାବରଣ ସେମାନଙ୍କ ପାଇଁ ସୁ୍ୟଟେବ୍‌ଲ୍ ହେଉଥିବ ।'

ଅଧ୍ୟକ୍ଷ ଗମ୍ଭୀର ଦିଶୁଥିଲେ – ଭୂତମାନଙ୍କୁ ଆଖିରେ ଦେଖିଥିବା ବ୍ୟକ୍ତି ଗମ୍ଭୀର ଦିଶିବା ସ୍ୱାଭାବିକ ! କହିଲେ, 'ନାଇଁ, ସହରରେ ବି ତ ଭୂତ ଅନେକ ସମୟରେ ଦେଖାଯାଏ । ମୋର ଜଣେ ଭିଣୋଇ ବରହମ୍ପୁରରେ ଗୋଟିଏ ପୁରୁଣା କୋଠା ଘର କିଣିଥିଲେ । ବରହମପୁରରେ ବି.ଏ. ପଢ଼ିବାବେଳେ ସେଇଘରେ ମୁଁ ରହୁଥିଲି । ଅନେକ ଥର ଦେଖିଛି– ଶୂନ୍ୟରୁ ଦୁବ, ରକ୍ତଲଗା ଚାଉଳ ଘରେ ପଡ଼େ । ଥରେ ମୋ ନାନୀର ମାସକର ଝିଅଟିକୁ କିଏ ଗୋଟିଏ ଜାଗାରେ ପକେଇ ଦେଇଥିଲା । କେତେଥର ଦେଖିଛି, ଧଳା ମଣିଷଟିଏ ଏଇ ମୁହୂର୍ତ୍ତରେ ପାଖରେ ଠିଆ ହୋଇଛି, ଆଉ ମୁହୂର୍ତ୍ତରେ ନାହିଁ ।'

'ଏବେ ବି କ'ଣ ସେ ଘରେ ସେମିତି ଦୁବ, ରକ୍ତଲଗା ଚାଉଳ ପଡୁଛି ?' – ମୁଁ ପଚାରିଲି ।

ସେ କହିଲେ, 'ନାଇଁ, ଗୋଟିଏ ଫେମସ୍ ଗୁଣିଆ ଆସି କ'ଣ ମନ୍ତ୍ର କଲା ପରେ ଆଉ ସେମିତି ହୋଇନାହିଁ ।'

ଏହା ଭିତରେ ଆମେ କଟକର ନିକଟବର୍ତ୍ତୀ ହୋଇ ସାରିଥିଲୁ । ଲେଭେଲ କ୍ରସିଂ ପାଖରେ କାର୍ କେତେ ମିନିଟ ପାଇଁ ଅଟକିଲା । ସେଇଠି ଅଧ୍ୟକ୍ଷ ଶେଷ ଗପଟି କହିଲେ –

'ସ୍କୁଲରେ ପଢୁଥାଏ, ଆମ ଗାଁଆରୁ ମାମୁଁ ଗାଁଆକୁ ବାହାରିଲି । – ବାଟ ଭୁଲି ଚିହ୍ନା ହିଡ଼ ଛାଡ଼ି ଅଚିହ୍ନା ହିଡ଼ରେ ପଶିଲି । ହଠାତ୍ କିଆବୁଦା ପାଖରେ ଦେଖିଲି, ଲଙ୍ଗଳା ମାଇପିଟିଏ ମୋ ଆଗରେ ଠିଆ ହୋଇଛି । ଚମକିପଡ଼ି ପଛକୁ ଘୁଞ୍ଚି ଆସିଲି । ମାଇପିଟି ମଝିରେ ମଝିରେ ମୁଣ୍ଡ ହଲାଉ ଥାଏ । କିଛି ସମୟ ପରେ ସାହସକରି ପାଖକୁ ଗଲି । ଦେଖିଲି, ଗୋଟିଏ ମାଇପିର ଶବକୁ ବିଲୁଆମାନେ ଝିଙ୍କା ଓଟରା କରିବାରୁ ଦୂରରୁ ସେମିତି ଦେଖାଯାଉଛି । ପରେ ଜାଣିଲି, ସେ ଗାଁଆରେ ହଇଜା ଲାଗିଥିଲା । ଲୋକେ ମଲା ମଣିଷସବୁ ବିଲରେ ସେମିତି ଶୁଆଇ ଦେଇ ଯାଉଥିଲେ ।'

କଟକରେ ଅଧ୍ୟକ୍ଷ କାର୍‌ରୁ ଓହ୍ଲାଇ ଗଲେ । ଓହ୍ଲାଇ ଯିବା ଆଗରୁ ତାଙ୍କ ଘର ସାମ୍ନାରେ ଆମକୁ କହିଲେ, 'ରାତିରେ କାର୍‌ରେ ଆସିବାବେଳେ ଟିକିଏ ଗପି ଗପି ଆସିବା ଭଲ । ସମସ୍ତେ ଘୁମାଇଲେ ଡ୍ରାଇଭରକୁ ବି ନିଦ ମାଡ଼ି ପାରେ ।'

ରାତି ଗୋଟାଏ ହୋଇଥିଲେ ବି ମୁଁ, ମୋର ସହକର୍ମୀ ଓ ଟୋପିପରିହିତ ଡ୍ରାଇଭର ବେଶ୍ ସତେଜ ଥିଲୁ ।

କଟକରୁ ଭୁବନେଶ୍ୱର ଆସିବାବେଳେ ସେଇ ଭୂତମାନେ ହିଁ ଆମକୁ ଆଲୋଚନା ପାଇଁ ଯୋଗାଇ ଦେଇଥିଲେ ପ୍ରଚୁର ଖୋରାକ ।

## ୪.୫ ଗଳ୍ପଟିକୁ ବୁଝିବା ପାଇଁ

ବିଷୟଟି ତୁମକୁ ଗପ ଭଳି ମଜା ଲାଗିଥିବ । କିନ୍ତୁ ଏହା ଗଳ୍ପ ନୁହେଁ । ପ୍ରବନ୍ଧ ମଧ୍ୟ ନୁହେଁ । ଗଦ୍ୟର ଏହା ଏକ ସ୍ୱତନ୍ତ୍ର ରୂପ । ସମ୍ବାଦପତ୍ର ଓ ପତ୍ରପତ୍ରିକାର ବିକଶିତ କଳେବର ଜରିଆରେ ଗଦ୍ୟର ନୂଆ ନୂଆ ରୂପ ଜନ୍ମନେଇ ଲକ୍ଷ ଲକ୍ଷ ପାଠକଙ୍କ ହୃଦୟରେ ଆସନ ପାତିଛି । ସମ୍ପାଦକୀୟ ଅଗ୍ରଲେଖ, ସ୍ତମ୍ଭକାରିତା, ଫିଚର୍ ପ୍ରଭୃତି ସେଥିମଧ୍ୟରୁ ଅନ୍ୟତମ । ସ୍ତମ୍ଭ ରଚନାରେ ଲେଖକଙ୍କ ଦୃଷ୍ଟିଭଙ୍ଗୀ ଓ ଉପସ୍ଥାପନା କୌଶଳ

ଫଳରେ ତାଙ୍କର ତୁଚ୍ଛ ଅତିତୁଚ୍ଛ ଅନୁଭୂତି ମଧ୍ୟ ଅସାଧାରଣ ହୋଇଉଠେ । ଏଥିରେ ଥାଏ ରୋଚକ ବିଷୟ ସାଙ୍ଗକୁ ଜନ-ମନ-ସ୍ପର୍ଶୀ ଭାଷା ଓ ଆବେଦନ । ପଠିତ ରଚନାରେ ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଇ ପାରେ ।

ଲେଖକ କାର୍‌ରେ ବିଳମ୍ବିତ ରାତିରେ ଭୁବନେଶ୍ୱର ଫେରୁଥାନ୍ତି । କାର୍ ଡ୍ରାଇଭର ବ୍ୟତୀତ ତାଙ୍କ ସହଯାତ୍ରୀ ଥିଲେ ଆଉ ଦୁଇଜଣ । ଜଣେ ତାଙ୍କର ସହକର୍ମୀ ଅଧ୍ୟାପକ ଓ ଆର ଜଣକ କୌଣସି କଲେଜର ଅଧ୍ୟକ୍ଷ । ଅଧ୍ୟକ୍ଷ ମହାଶୟ ଭାରି ଗପୁଡ଼ି । ସେ ପ୍ରଥମେ ସମସ୍ତଙ୍କୁ ଗପସପ କରିବା ପାଇଁ ଅନୁରୋଧ କରିଥିଲେ । ମାତ୍ର ସମସ୍ତେ ଚୁପ୍‌ଚାପ୍ ରହିବା ଦେଖି ସେ ତୁରନ୍ତ ଗୋଟିଏ ବରଗଛକୁ ଦେଖାଇ ତାଙ୍କର ଅଭିଜ୍ଞତା ବଖାଣିଲେ । କହିଲେ, କଳା ବୁର୍ଖାପିନ୍ଧା ମହିଳା ଜଣେ ଚାରି ପାଞ୍ଚଥର ତାଙ୍କ କାର୍‌ରେ ଯିବା ପାଇଁ ହାତଟେକି ଅଟକାଉଥିଲା । ସେ ଗାଡ଼ି ଅଟକାଇଲେ ନାହିଁ । ଏହାର ଅଳ୍ପଦିନ ପରେ ସେଠାରେ ଗୋଟିଏ ବଡ଼ ଧରଣର ଚୋରି ହୋଇଥିଲା । ଗପଟି ଗୋଟିଏ ଅପରାଧ କାହାଣୀ । ଡକାୟତ ଜଣେ ବୁର୍ଖାପିନ୍ଧା ସ୍ତ୍ରୀଲୋକ ବେଶରେ ଗାଡ଼ି ଅଟକାଇ ଲୁଣ୍ଠନ କରିଛି । କିନ୍ତୁ ଏ ଘଟଣା ଲେଖକଙ୍କ ମନରେ ଅଲକ୍ଷରେ ଏତେ ପ୍ରଭାବ ପକାଇଲା ଯେ ଭୂତମାନେ ମନେ ପଡ଼ିଗଲେ । ଅର୍ଥାତ୍ ବେଶ୍ ହେତୁବାଦୀ ମନେ ହେଉଥିଲେ ବି ଲେଖକଙ୍କ ମନରେ ଭୂତ ମାନଙ୍କ ବିଷୟରେ ଜାଣିବାର ତୀବ୍ର ଆଗ୍ରହ ରହିଛି । ସେ ଅଧ୍ୟକ୍ଷଙ୍କ ନିକଟରେ ତାହା ପ୍ରକାଶ କଲେ । ଅଧ୍ୟକ୍ଷଙ୍କୁ ଗପିବାପାଇଁ ସତେ ଯେମିତି ଖାସା ବିଷୟଟିଏ ମିଳିଗଲା ! ତାପରେ ସେ ଲଗାତାର ପାଞ୍ଚଟି ନିଜ ଅଭିଜ୍ଞତାରୁ ଭୂତଗପ କହି ସମସ୍ତଙ୍କୁ ଉଚ୍ଚାଟ କରିଦେଇଥିଲେ । ଗପଗୁଡ଼ିକ ଥିଲା ଚାରି ପାଞ୍ଚଦିନ ତଳ ଘଟଣାରୁ ଆରମ୍ଭ କରି ତାଙ୍କ ପିଲାଦିନ, ହାଇସ୍କୁଲ ଓ କଲେଜ ଛାତ୍ର ବେଳର ଅନୁଭୂତି । କଲେଜ ଲାଇବ୍ରେରୀ ପିଅନ ଆକୁଳିର ମୃତ୍ୟୁହେବା ପରେ ରାତିରେ ଲାଇବ୍ରେରୀ ଭିତର ବହି ସାଇତୁ ଥିବାର ଦୃଶ୍ୟ, ବଜାରରୁ ମାଛନେଇ ଫେରିଲାବେଳେ ପ୍ରଥମେ ଟୋକେଇ ଓ ପରେ ଧଳାଲୁଗା ପିନ୍ଧା ମାଇପଲୋକ ଦେଖିବା, ଆଉଥରେ ରାତି ଅଧରେ ସାଇକେଲରେ ଫେରିଲାବେଳେ ନିଆଁହୁଳା ଘୂରୁଥିବା ଦେଖି ସାଇକେଲ୍‌ରୁ ପଡ଼ିଯିବା, ବାପାଙ୍କ ପ୍ରେତାତ୍ମା ତାଙ୍କୁ ନିଦରୁ ଉଠାଇବା, ଭିଣୋଇଙ୍କ ଘରେ ଥିଲାବେଳେ ଶୂନ୍ୟରୁ ଦୁବ, ରକ୍ତଲଗା ଚାଉଳ ପଡ଼ିବା, ପିଲାଦିନେ ବିଲ ଭିତରେ ଉଲଗ୍ନ ନାରୀର ଶବ ଦେଖିବା ଥିଲା ତାଙ୍କର ଗୋଟିଏ ଗୋଟିଏ ଆତ୍ମ ଅନୁଭୂତି ମୂଳକ କାହାଣୀ । ପ୍ରତ୍ୟେକ କାହାଣୀକୁ ତର୍ଜମା କରେ ତାହା ମୋ ମନର ଭ୍ରମ ଜଣାପଡୁଥିଲେ ବି ଲେଖକ ଓ ତାଙ୍କ ସହଯାତ୍ରୀମାନେ ସେସବୁ ବିଶ୍ୱାସ କରନ୍ତି ଓ ପ୍ରଭାବିତ ହୋଇଛନ୍ତି । କଟକରେ ଓହ୍ଲାଇ ବିଦାୟ ନେଲାବେଳେ ଅଧ୍ୟକ୍ଷ ମହାଶୟ କହି ଦେଇଥିଲେ । ତାଙ୍କ କାହାଣୀ ପେଡ଼ି ଖୋଲିବାର ଉଦ୍ଦେଶ୍ୟ । ତାଙ୍କ ମତରେ ରାତିରେ କାର୍‌ରେ ଆସିବାବେଳେ ଟିକିଏ ଗପି ଗପି ଆସିବା ଭଲ । ସମସ୍ତେ ଢୁଳାଇଲେ ଡ୍ରାଇଭରକୁ ନିଦ ମାଡ଼ିପାରେ । ସତରେ ରାତି ଯଥେଷ୍ଟ ହେଇଥିଲେ ବି ଭୂତଗପ ଶୁଣି ଡ୍ରାଇଭର ସମେତ ସମସ୍ତେ ବେଶ୍ ସତେଜ ଥିଲେ । ଅଧ୍ୟକ୍ଷ ଓହ୍ଲାଇଗଲାପରେ ସେମାନେ ଭୁବନେଶ୍ୱର ପର୍ଯ୍ୟନ୍ତ ଭୂତ ବିଷୟରେ ଚର୍ଚ୍ଚା କରିଥିଲେ । ସମସ୍ତଙ୍କୁ ସତେଜ ରଖିବା ପାଇଁ ଭୂତଗପ ଥିଲା ସର୍ବୋତ୍ତମ ଖୋରାକ । ଲେଖକଙ୍କ ଜୀବନ୍ତବର୍ଣ୍ଣନା ଓ ଯାଦୁକରୀ ଉପସ୍ଥାପନା ଯୋଗୁଁ ଆଲୋଚ୍ୟ ବିଷୟଟି ଚମତ୍କାର ଓ ସରସ ହୋଇପାରଛି ।

**ଶବ୍ଦାର୍ଥ**

ବୁର୍ଖା-ମୁସଲମାନ ମହିଳାଙ୍କ ଆପାଦମସ୍ତକ ଆବୃତ କରୁଥିବା ପୋଷାକ

ଫେଣ୍ଟ - ଅଚେତ

ସୁଟେବଲ-ଆଦୃତ ହେବାଭଳି

## ୪.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ଛୋଟ, ସାଧାରଣ ଅନୁଭୂତି କିଭଳି ଲେଖକଙ୍କ ଯାଦୁକରୀ ସ୍ପର୍ଶରେ ଅସାଧାରଣ ହୋଇପାରିଛି ବର୍ଣ୍ଣନା କର ।

II. ଭୂତମାନେ ମନର ଭ୍ରମ ହେଲେ ବି ଭୂତଗପ ଆମର ମନୋରଞ୍ଜନ କରିଛନ୍ତି – ପଠିତ ରଚନା ଅବଲମ୍ବନରେ ଆଲୋଚନା କର ।

III. ଭୂତ ଗଳ୍ପରୁ ଆମେ କି ପ୍ରକାର ଶିକ୍ଷା ଲାଭ କଲେ ଆଲୋଚନା କର ।

IV. ଭୂତ ଗଳ୍ପରୁ ଗାଳ୍ପିକଙ୍କ ଆଭିମୁଖ୍ୟର ପରିଚୟ ଦିଅ ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) ଅଧ୍ୟକ୍ଷ ଯେଉଁ ଆକୁଳିର କଥା କହୁଥିଲେ ସେ କିଏ ?

ii) ଅଧ୍ୟକ୍ଷ ମହାଶୟ କେଉଁ ସ୍ୱଭାବର ?

iii) ଲେଖକଙ୍କ ସହକର୍ମୀ ଅଧ୍ୟାପକ ସ୍ପିରିଟ୍ ଅଛି କହିବାରୁ କ'ଣ ଜଣାପଡ଼ିଲା ?

iv) ଗାଁର ବାତାବରଣ କାହାପାଇଁ ଅନୁକୂଳ ?

v) ବୁର୍ଖାପିନ୍ଧା ମହିଳା ଦେଖାଯିବାପରେ ସେଠାରେ କ'ଣ ହେଲା ?

vi) ଅଧ୍ୟକ୍ଷ ପାହାନ୍ତାରେ କ'ଣ ଅନୁଭବ କଲେ ?

vii) ରାତି ଗୋଟାଏ ବେଳେ ମଧ ଡ୍ରାଇଭର, ଲେଖକ ଓ ସହକର୍ମୀ ସତେଜ ଥିଲେ କାହିଁକି ?

viii) ବିଦାୟ ବେଳେ ଅଧ୍ୟକ୍ଷ କ'ଣ କହିଲେ ?

ix) 'ମୋତେ ଭୂତ ମନେ ପକାଇ ଦେଲେ' – ଲେଖକଙ୍କ ବକ୍ତବ୍ୟର ଅର୍ଥ କ'ଣ ?

x) ଡ୍ରାଇଭର ଅସ୍ପଷ୍ଟ ଶବ୍ଦ ଉଚ୍ଚାରଣ କଲା କାହିଁକି ?

xi) ସହରରେ ଭୂତ ଥିବାର ପ୍ରମାଣ ଅଧ୍ୟକ୍ଷ କେମିତି ଦେଲେ ?

xii) ଅଧ୍ୟକ୍ଷ ମହାଶୟ ସ୍ତ୍ରୀ ଲୋକର ଶବ ଦେଖିଲେ କେମିତି ?

## ୪.୭ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) କାର୍‌ରେ ସମୁଦାୟ ...............ଜଣ ବସିଥିଲେ ?

(ଜଣେ, ଦୁଇଜଣ, ତିନି ଜଣ, ଚାରିଜଣ)

ଖ) କାର୍‌ରେ .................. ଢୁଳାଇଲେ ?

(ଅଧ୍ୟକ୍ଷ, ଲେଖକ, ସହକର୍ମୀ ଅଧ୍ୟାପକ, ଡ୍ରାଇଭର)

ଗ) ଭୂତଙ୍କୁ ଆଖିରେ ଦେଖିଥିବା ବ୍ୟକ୍ତି ............. ଦିଶିବା ସ୍ୱାଭାବିକ ?

(ଭୟଭୀତ, ଅଚେତ, ଗମ୍ଭୀର, ଉତ୍ତେଜିତ)

ଘ) ଡ୍ରାଇଭର ................. ପିନ୍ଧିଥିଲା ?

(ଜୋତା, ବେଲ୍ଟ, ଟୋପି, ଧୋତି)

ଙ) ଜାନକୀଦେଇପୁର ଷ୍ଟେସନ ନିକଟରେ ......... ନଈ କୂଳରେ ଆମ ଗାଁ ।

(ଭାର୍ଗବୀ, ଦୟା, କାଣୀ, କୁଆଖାଇ)

## ୪.୮ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର ମାଳା

କ) ଚାରିଜଣ (ଖ) ସହକର୍ମୀ ଅଧ୍ୟାପକ (ଗ) ଗମ୍ଭୀର

(ଘ) ଟୋପି (ଙ) ଭାର୍ଗବୀ

# ୫
# ମଣିଷ

**ପ୍ରଫେସର ଭୁବନେଶ୍ୱର ବେହେରା**

## ୫.୧ ଉପକ୍ରମ

ଜଣେ କବି ଲେଖିଥିଲେ- 'କଟକ ସହର, ବଡ଼ ମହରଗ, ମଣିଷ ତ ସେଠି ଗୋଟିଏ ନହିଁ ।' ଏହାର ଅର୍ଥ କ'ଣ ? ହଜାର ହଜାର ଜନସଂଖ୍ୟା ବିଶିଷ୍ଟ ସହରରେ କବିଙ୍କୁ ମଣିଷ ଦେଖାଯାଉନାହାନ୍ତି ? ନା ଠିକ୍ ତାହା ନୁହେଁ । ପ୍ରକୃତରେ କବି ଯେଉଁଳି ମଣିଷ ଖୋଜୁଛନ୍ତି ବା ମଣିଷ ବୋଲି ଯାହାକୁ ବିବେଚନା କରନ୍ତି ଜନତା ଭିତରେ ସେଭଳି କେହି ନାହାନ୍ତି । ସାଧାରଣତଃ ହାତଗୋଡ଼ ଥାଇ ପୋଷାକ ପିନ୍ଧିଥିବା ସମସ୍ତଙ୍କୁ ମଣିଷ ବୋଲି କୁହାଯାଏ, କିନ୍ତୁ ପ୍ରକୃତ ମଣିଷ ଚିହ୍ନିବା ପାଇଁ ଆଉ କିଛି ଚେଷ୍ଟା ଦରକାର, ଯାହାକି ଏହି ଗଦ୍ୟ ଲେଖାଟିରେ ଦେଖାଯାଏ ।

## ୫.୨ ଗଳ୍ପ ପଠନର ଉଦ୍ଦେଶ୍ୟ

ମଣିଷକୁ ଉତ୍ତମ ରୂପେ ଚିହ୍ନିବା ପାଇଁ ଲେଖକ ଉଦ୍ୟମ କରିଛନ୍ତି । ପଶୁ, ମଟରଗାଡ଼ି ଇତ୍ୟାଦି ଠାରୁ ମଣିଷ କେଉଁ ଗୁଣରେ ଭିନ୍ନ ତାହା ଆମକୁ ଜଣାଇବା ପାଇଁ ଏବଂ ମଣିଷର ପ୍ରକୃତ ସ୍ୱରୂପ ଜାଣିବା ପାଇଁ ଏହି ଗଳ୍ପ ଦ୍ୱାରା ଗାଳ୍ପିକ ଆମ ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି । ଏ ସଂସାରରେ ମଣିଷ ବିଭିନ୍ନ ରୂପରେ ଅଭିନୟ କଲେ ମଧ୍ୟ ମଣିଷ ଭିତରେ ଥିବା ଆତ୍ମାପୁରୁଷ ହିଁ ମଣିଷର ପ୍ରକୃତ ପରିଚୟ, ଏହା ମଧ୍ୟ ଗାଳ୍ପିକ ସୂଚନାତ୍ମକ ଭାବେ କହିଛନ୍ତି । ଏହି ଗଳ୍ପ ପଠନ ଦ୍ୱାରା ଆମେ ଜାଣିବାର ସୁଯୋଗ ପାଇବା ଯେ ପ୍ରକୃତରେ ମଣିଷ କିଏ ।

## ୫.୩ ଗାଳ୍ପିକଙ୍କ ପରିଚୟ

ଭୁବନେଶ୍ୱର ବେହେରା (୧୯୧୬-୨୦୦୧) ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଜଣେ ଉଚ୍ଚକୋଟୀର ତଥା ଜନପ୍ରିୟ ଗଦ୍ୟ ଲେଖକ । କଳାହାଣ୍ଡି କାଶିବାହାଲଠାରେ ତାଙ୍କର ଜନ୍ମ । ବୃତ୍ତିରେ ସେ ଇଞ୍ଜିନିୟର । ସେ ରାଉରକେଲା ସ୍ଥିତ ରିଜିଓନାଲ୍ ଇଞ୍ଜିନିୟରିଂ କଲେଜର (ବର୍ତ୍ତମାନ ଏନ୍.ଆଇ.ଟି.) ଅଧ୍ୟକ୍ଷ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ସମ୍ମାନ ଜନକ ୟୁନିଅନ୍ ପବ୍ଲିକ୍ ସର୍ଭିସ୍ କମିଶନ୍‌ର ସେ ସଦସ୍ୟ ମଧ୍ୟ ଥିଲେ । ତାଙ୍କର ସାହିତ୍ୟ ସାଧନା ଦୁଇ ଦିଗରେ ଗତି କରୁଥିଲା । ଗଳ୍ପ ଓ ରମ୍ୟରଚନାରେ ସେ ଥିଲେ ସିଦ୍ଧହସ୍ତ । ତାଙ୍କର ପୁସ୍ତକଗୁଡ଼ିକ ମଧ୍ୟରେ ଶୁଣ ପରୀକ୍ଷ, କଥା ଓ ଲଥା, ସହାବସ୍ଥାନ, ଫର ଫର ଉଡ଼େ, କହ ମନ୍ତ୍ରୀବର ପ୍ରଭୃତି ଖୁବ୍ ପ୍ରସିଦ୍ଧ । 'ଶୁଣ ପରୀକ୍ଷ' ଗ୍ରନ୍ଥ ପାଇଁ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ଭାରତ ସରକାରଙ୍କ ତରଫରୁ ପଶ୍ଚିମ ଆଫ୍ରିକା ଗସ୍ତ କରି ସେ ସେଠାକାର ଅନୁଭୂତିକୁ ବର୍ଣ୍ଣନା କରିଛନ୍ତି 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି' ପୁସ୍ତକରେ । ତାଙ୍କ ରଚିତ 'ଗାଁର ଡାକ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଲାଭ କରିଥିଲେ ।

## ୫.୪ ମୂଳ ବିଷୟ

ମଣିଷ ଏକ ଅଦ୍ଭୁତ ଜନ୍ତୁ ଏବଂ ସାଧାରଣତଃ ସେ ଦେଖିବାକୁ ଗୋଟାଏ ଥୁଣ୍ଟାଗଛ ପରି । ସାମାନ୍ୟ କେତେକ ପ୍ରାଣୀଙ୍କୁ ଛାଡ଼ିଦେଲେ ସୃଷ୍ଟିର ସମସ୍ତ ପ୍ରାଣୀ ବିନମ୍ରତାର ସହ ହାମୁଡ଼େଇ ଚାଲୁଥିଲାବେଳେ ମଣିଷ ଆକାଶକୁ ଫଣାଟେକି ଚାଲେ ଓ 'ମୁଁ-ମୁଁ' ବୋଲି ଗରଜୁଥାଏ । କୌଣସି ନିରୀହ ପ୍ରାଣୀ ଏପରି ଜନ୍ତୁକୁ ଗୋଟିଏ ଥୁଣ୍ଟାଗଛ ବୋଲି ଭାବି ତା'ର ଅତି ନିକଟକୁ ଚାଲିଗଲେ ବିପଦର ଆଶଙ୍କା ରହିଥିବା ଦୃଷ୍ଟିରୁ ମଣିଷକୁ ଉତ୍ତମରୂପେ ଚିହ୍ନାଇଦେବା ଉଦ୍ଦେଶ୍ୟରେ ଇତିପୂର୍ବେ ତା'ର ଅବୟବ ସମୂହର ବର୍ଣ୍ଣନା କରାଯାଇଥିଲା । ମଣିଷକୁ ଭଲକରି ନ ଜାଣିବା ପର୍ଯ୍ୟନ୍ତ ହୁସିଆର ହୋଇ ଚଳିବା ନିମନ୍ତେ ସମସ୍ତଙ୍କୁ ଯଥାବିଧି ସତର୍କ ମଧ୍ୟ କରିଦିଆଯାଇଥିଲା । ବିଶେଷ ପର୍ଯ୍ୟାଲୋଚନା କଲେ କିନ୍ତୁ ଦେଖିବାକୁ ମିଳେ ଯେ ସାମାନ୍ୟ କେତୋଟି ଅବୟବ ସମ୍ୟକ୍ ନିରୀକ୍ଷଣ ଦ୍ୱାରା କୌଣସି ପ୍ରାଣୀକୁ ଯଥାର୍ଥ ରୂପରେ ଚିହ୍ନିବା ଆଶା କେବଳ ଯେ ବିଡ଼ମ୍ବନା ତା' ନୁହେଁ, ସେପରି ବିଶ୍ୱାସ ଭ୍ରମ ଏବଂ ପ୍ରମାଦପୂର୍ଣ୍ଣ ମଧ୍ୟ ।

ଶୁଣିବାକୁ ମିଳେ ଯେ, କେହି ଜଣେ ଭଦ୍ରଲୋକ ହାତୀର ଗୋଡ଼କୁ ଛୁଇଁ ହାତୀ ଦେଖିବାକୁ ଖମ୍ବ ପରି କହିଦେଲେ । ଆଉ ଜଣେ ହାତୀର କାନ ଆଉଁସି ହାତୀ କୁଲା ପରି କହିଲାବେଳକୁ, ଶୁଣ୍ଢ ସାଉଁଳିଥିବା ଆଉ ଜଣେ ଭଦ୍ରଲୋକ ହାତୀ ଅଜଗର ସାପ ପରି ବୋଲି ଜିଦ୍ ଧରି ବସିଲେ । କହିବା ବାହୁଲ୍ୟ ଯେ, ଏତଦ୍ୱାରା ସେ ସମସ୍ତଙ୍କ ମଧ୍ୟରେ ଅଯଥା କଳହର ସୂତ୍ରପାତ ହୋଇଥିଲା । କେବଳ କେତେକ ଅବୟବକୁ ନିରେଖି କୌଣସି ପ୍ରାଣୀକୁ ମଣିଷ ବୋଲି କହିଦେଲେ ସେପରି ଅବସ୍ଥାର ପୁନରାବୃତ୍ତି ଯେ ନହେବ, ସେକଥା କିଏ କହିବ । ତେଣୁ ଏହା ସୁନିଶ୍ଚିତ ଯେ, ମଣିଷକୁ ନିର୍ଭୁଲ୍ ରୂପରେ ଚିହ୍ନିବା ନିମନ୍ତେ କେବଳ ତା'ର ବାହ୍ୟରୂପକୁ ନ ଦେଖି ତା'ର ଅନ୍ତରର ସ୍ୱରୂପକୁ ମଧ୍ୟ ନିରୀକ୍ଷଣ କରିବାକୁ ପଡ଼ିବ ।

ଜ୍ଞାନୀମାନେ କହନ୍ତି ଯେ, ଏ ସଂସାର ଗୋଟିଏ ଖେଳଘର ଓ ତହିଁରେ ସମସ୍ତେ ନାନା ରକମର ଖେଳ ଖେଳୁଛନ୍ତି;- କେବେ ଦଳ ଦଳ ହୋଇ ଅଥବା କେବେ ବ୍ୟକ୍ତିଗତ ଭାବରେ । ଏମାନଙ୍କ ମତ ଯେ, କେତେକ ଖେଳାଳି ହାରଜିତ୍‌କୁ ସମାନ ଆଖିରେ ଦେଖି, ଖେଳର ନିୟମକାନୁନ୍ ମାନି ଖେଳୁଥିବାବେଳେ କୌଣସିମତେ ଜିଣିବା ଉଦ୍ଦେଶ୍ୟ ନେଇ ଖେଳୁଥିବା ଅନ୍ୟ କେହି ଖେଳାଳି ଅନ୍ୟମାନଙ୍କର ଗୋଡ଼ ଟାଣିବାରେ ଲାଗିଯାଉଛନ୍ତି । ଭଲ ହେଉ ଅଥବା ମନ୍ଦ ହେଉ, ଏସବୁ କିନ୍ତୁ ଗୋଟିଏ ଗୋଟିଏ ଖେଳ ।

ଆଉ କେହି ଜ୍ଞାନୀ କହନ୍ତି ଯେ, ଏ ସଂସାର ଗୋଟିଏ ରଙ୍ଗମଞ୍ଚ ଓ ସେ ମଞ୍ଚରେ ସମସ୍ତେ ଅଭିନୟ କରିଚାଲିଛନ୍ତି- କିଏ ନାୟକ, କିଏ ନାୟିକା, କିଏ ଖଳନାୟକ, କିଏ ମୃତ ସୈନିକ ଭାବରେ; କିଏ ଅବା ଖାଲି ନେପଥ୍ୟରେ କୋଳାହଳ କରୁଛି । ସେମାନଙ୍କ ମତ ଯେ, ଏହି ଅଭିନେତା ଓ ଅଭିନେତ୍ରୀମାନେ ନିଜ ନିଜ ଅଭିନୟ ଯଥାସମୟରେ ଶେଷକରି ସେମାନଙ୍କ ପୂର୍ବ-ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କୁ ବାହୁଡ଼ିଯିବେ । କେବଳ ଫାଇନାଲ୍ ଖେଳ ତଥା ସର୍ବଶେଷ ନାଟକ ଅଭିନୀତ ହେବା ପୂର୍ବରୁ ଏହି ଖେଳାଳି ଏବଂ ଅଭିନେତା-ଅଭିନେତ୍ରୀଦଳ କ୍ଷଣିକ ବିଶ୍ରାମ ନିମନ୍ତେ ନିଜ ନିଜ ଘର ବୋଲାଉଥିବା ପାନ୍ଥନିବାସମାନଙ୍କୁ କିଛି ସମୟ ପାଇଁ ଯାହା ଫେରିଆସନ୍ତି ।





ଖେଳ ଖେଳିବାପାଇଁ ଏ ଖେଳାଳିମାନେ ଅଥବା ଅଭିନୟ କରିବା ନିମନ୍ତେ ଏ ନାଟୁଆ ଦଳ କେଉଁଠୁ ଆସିଥିଲେ ଓ ଖେଳ କିମ୍ବା ଅଭିନୟ ସରିଲାପରେ ସେମାନେ ଠିକ୍ କେଉଁଠିକି ବାହୁଡ଼ିଯିବେ, ସେ ବିଷୟରେ ଏଥିରେ କୌଣସି ନିର୍ଦ୍ଦିଷ୍ଟ ଇଙ୍ଗିତ ନଥିଲେ ମଧ୍ୟ, ଏ ଉକ୍ତିମାନଙ୍କରୁ ମଣିଷ ସମ୍ବନ୍ଧରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳେ । ସମସ୍ତେ ଯଦି ଅଭିନୟ କରୁଛନ୍ତି, ତେବେ ଯିଏ କିରିକିରି ହସି ଦାନ୍ତ ଦେଖାଉଛି, ଯିଏ ବିରାଟ ପ୍ରାସାଦର କୋଠରୀ ଭିତରେ ଥିବା ଗଦି ଏବଂ ତକିଆରେ ଥନ୍ତଲ ପେଟ ଲଦି ମୁଣ୍ଡ ଟୁଙ୍ଗାରୁଛି, ଯିଏ ଆଖି ତରାଟି ବାହାସ୍ଫୋଟ ମାରି ନିଶ ମୋଡୁଛି, ଯିଏ ହାତ ପତାଇ ଭିକ ମାଗୁଛି, ଯିଏ ମନ୍ତ୍ରୀ ହୋଇ ଫୁଲମାଳ ପିନ୍ଧି ମୁରୁକି ହସୁଛି, ଅଥବା ଯିଏ ଯୁବନେତା ବନି ଠିଆ-ଠାଣି ଦେଖାଉଛି, ସେ ସମସ୍ତେ ନାଟକର ଗୋଟିଏ ଗୋଟିଏ ଚରିତ୍ର । ନିଜ ନିଜ ଭୂମିକା ଉପଯୋଗୀ ବେଶ ପିନ୍ଧି ଅଭିନୟ କରିଚାଲିଛନ୍ତି । ସେମାନେ ଯେପରି ଦିଶୁଛନ୍ତି, ହୁଏତ ପ୍ରକୃତରେ ସେପରି ନୁହନ୍ତି । ଯିଏ ବାହାର ଦେଖାଣିଆ ହସୁଛି, ହୋଇପାରେ ସିଏ ଭିତରେ ଭିତରେ କାନ୍ଦୁଛି । ଯିଏ ରାଜା ଦୁର୍ଯ୍ୟୋଧନ ଅଥବା ଗନ୍ଧର୍ବ ଚିତ୍ରସେନ ସାଜିଛି, ତା' ଘରେ ହୁଏତ ଖାଇବାପାଇଁ ପଖାଳ ଗଣ୍ଡିଏ ନାହିଁ ।

ଏଥିରୁ ସନ୍ଦେହ ଜନ୍ମେ, ଯେ ମଣିଷ ପରି ଦିଶୁଛି ସେ ପ୍ରକୃତରେ ମଣିଷ ନ ହୋଇ ମଣିଷ ପରି ଅଭିନୟ କରୁଥିବା ଅନ୍ୟ କୌଣସି ଜନ୍ତୁ ମଧ୍ୟ ହୋଇପାରେ । ମଣିଷ ଯେ ବେଳେବେଳେ ଅନ୍ୟ ଜନ୍ତୁମାନଙ୍କ ପରି ବ୍ୟବହାର କରେ, ସେ କଥା ମଧ୍ୟ ଜଣାଶୁଣା । ସେଥିପାଇଁ କୌଣସି କୌଣସି ମଣିଷକୁ ଅନ୍ୟ ମଣିଷମାନେ ବଳଦ, ଗଧ, ମାଙ୍କଡ଼, ବେଙ୍ଗଠାରୁ ଆରମ୍ଭ କରି ପୁରୁଷସିଂହ, ପୁରୁଷବ୍ୟାଘ୍ର, ଏପରିକି କୁକୁର, ଘୁଷୁରି ବୋଲି ସମ୍ବୋଧନ କରିଥାନ୍ତି । ଏହା ମଧ୍ୟ ନିଶ୍ଚିତ ଯେ ମଣିଷ ନିଜ ଦେହରେ ଶିଙ୍ଗ ଓ ଲାଞ୍ଜ ଖଞ୍ଜି ହାମୁଡ଼େଇ ଚାଲି ସହଜରେ ଅନ୍ୟ କୌଣସି ଜନ୍ତୁ ପରି ଅଭିନୟ କରିପାରେ; ମହାଦେବଙ୍କ ନନ୍ଦୀ ବନିପାରେ, ସୁଗ୍ରୀବ ଓ ହନୁମାନ ହୋଇପାରେ, ଜାମ୍ବବାନ ସାଜିପାରେ । ତେଣୁ କେବଳ ଅବୟବ ଦେଖି କୌଣସି ଜନ୍ତୁକୁ ମଣିଷ ବୋଲି ନିଶ୍ଚିତଭାବେ କହିଦେବା ଭ୍ରମାତ୍ମକ ହେବ ।

ବେଶ-ଭୂଷାକୁ କେହି କେହି ଅଙ୍ଗର ଆବରଣ ରୂପରେ ଅଙ୍ଗୀ ବୋଲି କହନ୍ତି । ସ୍ଥଳବିଶେଷରେ ଅଙ୍ଗୀକୁ ଖୋଳ ଅଥବା ଖୋଳପା ବୋଲି ମଧ୍ୟ କୁହାଯାଏ । ଅବୟବସମୂହ ଅଙ୍ଗର ବାହ୍ୟରୂପ ପ୍ରକାଶ କରୁଥିବାରୁ ସେସବୁକୁ ମଧ୍ୟ ଏକ ଆବରଣ ରୂପରେ ଖୋଳପା ବୋଲି କୁହାଯାଇପାରେ । ଚିଙ୍ଗୁଡ଼ିର ଖୋଳପା ଭିତରେ ଚିଙ୍ଗୁଡ଼ି ଏବଂ ସାପକାତି ଭିତରେ ସାପ ଯେପରି ଜଡ଼ିରହିଥାଏ, ମନେହୁଏ ଯେ ଅବୟବରୂପୀ ଖୋଳପାର ଆବରଣ ତଳେ ପ୍ରକୃତ ପ୍ରାଣୀ ସେପରି ଛପିରହିଥାଏ । ତେଣୁ କୌଣସି ପ୍ରାଣୀକୁ ଉତ୍ତମ ରୂପେ ଚିହ୍ନିବାକୁ ହେଲେ ଏହି ଖୋଳପା ଭିତରକୁ ଉଙ୍କିମାରିବା ଏକାନ୍ତ ପ୍ରୟୋଜନ ।

ନିର୍ଜୀବ ବସ୍ତୁ ସାଧାରଣତଃ ଚଳତ୍-ଶକ୍ତିବିହୀନ । ଅଚଳନ୍ତିକୁ ଚଳନ୍ତି କରିବାକୁ ହେଲେ ଗୋଟିଏ ଇଞ୍ଜିନ୍ ଲୋଡ଼ା; ଅଥବା ଅଚଳନ୍ତି ଶଗଡ଼ରେ ବଳଦ ଯୋଚି ତାକୁ ଚଳନ୍ତି ବଳଦଗାଡ଼ି କଲା ପରି ଅଚଳନ୍ତିକୁ କୌଣସି ଚଳନ୍ତି ସହ ଯୋଚିବା ପ୍ରୟୋଜନ । ମଣିଷ ଯେହେତୁ ଚଳତ୍-ଶକ୍ତିସମ୍ପନ୍ନ, ଏକଥା ସ୍ପଷ୍ଟ ଯେ ମଣିଷର ଖୋଳପା ଭିତରେ କୌଣସି ଇଞ୍ଜିନ୍ ଖଞ୍ଜା ହୋଇଛି; ଅଥବା କେହି ଜଣେ ଚଳନ୍ତି ପ୍ରାଣୀ ଲୁଚିରହି ଏହି ଖୋଳପାକୁ ଟେକି ଧରିଛି- ଶୀତଳ ଷଷ୍ଠୀ ଯାତ୍ରାବେଳର ବାଘ ଆଉ ଷଣ୍ଢ ନାଚ ରୀତିରେ । ପ୍ରତ୍ୟକ୍ଷ ପ୍ରମାଣରୁ ଜଣାପଡ଼େ ଯେ, ପ୍ରତ୍ୟେକ ଜନ୍ତୁଙ୍କ ଖୋଳପା ଭିତରେ ଗୋଟିଏ ଗୋଟିଏ ଇଞ୍ଜିନ୍ ରହିଛି । ମଣିଷର ଖୋଳପା ଭିତରେ ମଧ୍ୟ ଇଞ୍ଜିନ୍ ଥିବା ତେଣୁ ସ୍ୱାଭାବିକ ।

ମଣିଷକୁ ଏଠାରେ ଗୋଟିଏ ମଟରଗାଡ଼ି ସାଙ୍ଗରେ ତୁଳନା କରାଯାଇପାରେ । ଆମ୍ବାସାଡର, ଫିଏଟ୍, ଜିପ୍ ପ୍ରଭୃତି ପ୍ରତ୍ୟେକ ଚଳନ୍ତି ମଟରଗାଡ଼ିରେ ଗୋଟିଏ ଗୋଟିଏ ଇଞ୍ଜିନ୍ ରହିଥାଏ । ଏ.ସି. ପମ୍ପ, କାର୍‌ବୁରେଟର୍, ଡାଇନାମୋ, ପିଷ୍ଟନ୍ ପ୍ରଭୃତିର ସମଷ୍ଟି ହିଁ ଏହି ଇଞ୍ଜିନ୍ । ମଟରଗାଡ଼ି ଇଞ୍ଜିନ୍‌ର ବିଭିନ୍ନ କଳକବ୍‌ଜା ପରି ମଣିଷର ଖୋଳପା ଭିତରେ ମଧ୍ୟ ଯେଉଁ ଇଞ୍ଜିନ୍ ରହିଛି- କଳିଜା, ହୃତପିଣ୍ଡ, ଫୁସ୍‌ଫୁସ୍, ଅନ୍ତନାଡ଼ୀ ପ୍ରଭୃତି ତହିଁର ଅଂଶବିଶେଷ । କାର୍‌ବୁରେଟର୍, ଏ.ସି. ପମ୍ପ ପରି କୌଣସି ଯନ୍ତ୍ରପାତି ଖରାପ ହେଲେ, ମଟରଗାଡ଼ିରେ ତେଲ ଢାଳିଲେ ମଧ୍ୟ ସେ ଯେପରି ଆଉ ଚାଲିପାରେନି, ମଣିଷ ଭିତରର ଯନ୍ତ୍ରପାତି ଖରାପ ହୋଇଗଲେ, ତା' ମୁହଁରେ ପଖାଳ, ଶୁଖୁଆ, ତନ୍ଦୁରି ରୁଟି କିମ୍ବା ଚିକେନ୍ କରି ଗୁଞ୍ଜିଲେ ମଧ୍ୟ ସେପରି କିଛି ଲାଭ ହୁଏନାହିଁ । ତଫାତ୍ ଭିତରେ କିନ୍ତୁ ଏତିକି- ଗାଡ଼ିର ଇଞ୍ଜିନ୍ ଖରାପ ହୋଇଗଲେ ତାକୁ ସେହି ସ୍ଥାନରେ ସାଧାରଣ ଭାବରେ ମରାମତି କରାଯାଇପାରେ; ଅଥବା ତାକୁ ଠେଲିପେଲି କିମ୍ବା ଅନ୍ୟ କୌଣସି ଗାଡ଼ିର ପଛପଟେ ବାନ୍ଧି ଟାଣିଆଣି କୌଣସି ଗେରେଜ୍‌ରେ ପହଞ୍ଚାଇ ଦେଲା ପରେ ସେଠାରେ ଖରାପ ହୋଇଯାଇଥିବା ପାର୍ଟ ବଦଳରେ ନୂଆ ପାର୍ଟ ଖଞ୍ଜି ମରାମତି କରାଯାଇପାରେ । ମଣିଷ ଭିତରେ ଇଞ୍ଜିନ୍ କିନ୍ତୁ ହଠାତ୍ ବନ୍ଦ ହୋଇଗଲେ ତାକୁ ଠିକ୍ ସେଇଠି ମରାମତି କରିଦେବା ତ ଦୂରର କଥା, ତାକୁ ସେପରି ଠେଲିପେଲି ଅଥବା ଅନ୍ୟ କୌଣସି ମଣିଷ ପଛରେ ବାନ୍ଧି ଟଣାଟଣି କରି କୌଣସି ଗେରେଜ୍‌ରେ ପହଞ୍ଚାଇ ହୁଏ ନାହିଁ । ଯଦିବା କୌଣସିମତେ ପହଞ୍ଚାଇ ହୁଏ, ତେବେ ଇଞ୍ଜିନ୍ ଯଦି ପୂରାପୂରି ବନ୍ଦ ହୋଇ ନଥାଏ, ତା'ର କୌଣସି ପାର୍ଟ ସାମାନ୍ୟ ମରାମତି କରିହୁଏ ଏବଂ କୌଣସି ବିଶେଷ ଧରଣର ଗେରେଜ୍‌ରେ ଗୋଟିଏ ଅଧେ ପାର୍ଟ ବଦଳାଇବାକୁ ଚେଷ୍ଟା କରାଯାଇଥାଏ ।

ମଣିଷର ଖୋଳପା ଭିତରେ ଯେପରି ଇଞ୍ଜିନ ରହିଛି, ଅନ୍ୟ ଜନ୍ତୁମାନଙ୍କ ଖୋଳପା ଭିତରେ ମଧ୍ୟ ପ୍ରାୟ ସେ ରକମର ଇଞ୍ଜିନ୍ ରହିଛି । ଆମ୍ବାସଡ଼ର, ଫିଏଟ୍ କିମ୍ବା ଜିପ୍‌ର ଇଞ୍ଜିନ୍‌ଗୁଡ଼ିକ ସମାନ ଦିଶୁଥିଲେ ହେଁ ସେମାନଙ୍କ ମଧ୍ୟରେ କିଛି ନା କିଛି ପାର୍ଥକ୍ୟ ରହିଥାଏ । ଏହି ଭିନ୍ନ ଭିନ୍ନ ଜନ୍ତୁମାନଙ୍କର ଇଞ୍ଜିନଗୁଡ଼ିକ ଏକା ରକମର ଜଣାପଡୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ନିଶ୍ଚୟ ସେପରି ବିଭିନ୍ନତା ରହିଥିବ । ତଥାପି ବିଭିନ୍ନ ପ୍ରାଣୀଙ୍କ ଅବୟବ ତଥା ଇଞ୍ଜିନ୍‌ରେ ସାମଞ୍ଜସ୍ୟ ରହିଥିବାରୁ କେବଳ ସେତିକି ଦେଖି ସେ ମଧ୍ୟରୁ ମଣିଷ କିଏ ଓ ଗଧିଆ କିଏ, ସେ କଥା ନିର୍ଧାର୍ଯ୍ୟଭାବେ କହିଦେବା ଅନୁଚିତ୍ ହେବ । ପୁନଶ୍ଚ ମଣିଷ ପରି ଦିଶୁଥିବା କୌଣସି ଜନ୍ତୁର ଛାତି ଚିରି ସେ ଭିତରର ଇଞ୍ଜିନ୍ ଦେଖିବାକୁ କିପରି, ତାହା ଜାଣିବା ଉଦ୍ଦେଶ୍ୟରେ ସେ ଭିତରକୁ ଉଙ୍କିମାରିବା ଆପଦସଙ୍କୁଳ । ଖୋଳପା ଓ ଇଞ୍ଜିନ୍ ଏ ଦିଓଟିର ସମ୍ମିଶ୍ରଣକୁ ଶରୀର କୁହାଯାଏ । ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ, କେବଳ ଶରୀରରୁ ମଣିଷ ଚିହ୍ନିହେବ ନାହିଁ । ତେଣୁ ଏ ସମ୍ବନ୍ଧରେ ଗଭୀରତର ଅନୁଧ୍ୟାନ ପ୍ରୟୋଜନ ।

ବର୍ତ୍ତମାନ ପ୍ରଶ୍ନ ଉଠେ ଯେ ଖୋଳପାରେ ଇଞ୍ଜିନ୍‌ଯୁକ୍ତ ଶରୀର ଯଦି ସମାନ ହେଲା ଅଥବା ସମାନ ଧରଣର ହେଲା, ତେବେ ବିଭିନ୍ନ ଜନ୍ତୁଙ୍କର ଗୁଣ ଓ ପ୍ରକୃତି ଭିନ୍ନ ଭିନ୍ନ ହୁଏ କାହିଁକି ? ଗଧ କାହିଁକି ଗଧ-ଖାଟେଣି ଖଟେ, କୁକୁର ପାଦ ଚାଟେ, ବିଲୁଆନନା ପଛକୁ ଅନାଏ, ମାଙ୍କଡ଼ ଗଛରୁ ଗଛକୁ ଡିଏଁ ଆଉ ନାଚେ, ବାଘ ଅନ୍ୟ ଜନ୍ତୁକୁ ଗୋଡ଼ାଇ ଖାଏ, ବଳଦ ଯୁଆଳି ଲଦିବାପାଇଁ କାନ୍ଧ ଦେଖାଇଦିଏ, ଛେଳି ହାଣମୁହଁରୁ ପଳାଇ ଯିବାପାଇଁ ଚେଷ୍ଟାକରେ ନାହିଁ – ଆଉ ମଣିଷ ? ସବୁବେଳେ ଅଭିନୟ କରିଚାଲେ ।

ପ୍ରଶ୍ନଟି ଅତି ଜଟିଳ । ତଥାପି ସାଧାରଣ ଭାବରେ ମନେହୁଏ ଯେ ଇଞ୍ଜିନ୍‌ର ନିର୍ମାଣ-କୌଶଳ ତଥା ବିଭିନ୍ନତା ଏବଂ ଇଞ୍ଜିନ୍‌କୁ ଖାପଖାଇଲା ଭଳି ଚେଚିସ୍ ଯନ୍ତ୍ର ଜଗତରେ ଯେପରି ବିଭିନ୍ନତା ସୃଷ୍ଟି କରେ, ପ୍ରାଣୀଜଗତରେ ମଧ୍ୟ ସେପରି ବିଭିନ୍ନତା ସୃଷ୍ଟି କରେ ।

ତେଣୁ ମନେହୁଏ ଯେ, ଶରୀର ଭିତରେ ଇଞ୍ଜିନ୍ ବ୍ୟତୀତ ଆଉ କିଛି ବା ଆଉ କିଏ ଲୁଚିରହିଛି, ଯିଏ କେତେକାଂଶରେ ପ୍ରାଣୀମାନଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରେ । ଇଞ୍ଜିନ୍‌କୁ ତେଲ ପାଣି ପରି ଖୋରାକ୍ ଯୋଗାଏ, ଆଦେଶ ଦିଏ, ନିର୍ଦ୍ଦେଶ ଦିଏ, ବୁଦ୍ଧି ସଙ୍ଗରେ ବିବେକ ଯୋଡ଼ି ଭଲମନ୍ଦ ବିବେଚନା କରିବାକୁ ଶିଖାଏ, ହିଂସ୍ରତା ସଙ୍ଗରେ ମା'ର ସ୍ନେହ ଓ ମମତା ଦିଏ, କପଟତା ଓ କୁଟିଳତା ସଙ୍ଗରେ ଦୟା ଦେଖାଇବାକୁ, କ୍ଷମା ଆଚରିବାକୁ ଶିଖାଏ, ଇଞ୍ଜିନ୍‌କୁ ନଷ୍ଟ କରେ ଅବା ପୁଷ୍ଟ କରେ । ଢୋଲ ଭିତରେ ମୂଷା ଥିଲା ପରି ଅଥବା ଥୁଣ୍ଟାଗଛର କୋରଡ଼ରେ ଚଢ଼େଇ ବସା ବାନ୍ଧିଥିଲା ପରି, ମଣିଷର ଶରୀର ଭିତରେ ମଧ୍ୟ ସେପରି କିଛି ବସା ବାନ୍ଧିଥିବା ସମ୍ଭବ । ତେବେ ଢୋଲ ଭିତରେ ଯଦି ମୂଷା ପଶିପାରିଲା, ସେ ଭିତରକୁ ସାପ ପଶିବ ନାହିଁ କାହିଁକି ? ଯଦି ଗଛ କୋରଡ଼ରେ ଚଢ଼େଇ ବସା ବାନ୍ଧିଲା, ସେ ଚଢ଼େଇ ହଂସ କିମ୍ବା ଲୋଟଣିପାରା ନ ହୋଇ ପେଚା, ଡାହୁକ କିମ୍ବା ଶାଗୁଣା ନ ହେବ କାହିଁକି ?

ଅତଏବ ମଣିଷକୁ ଚିହ୍ନିବାକୁ ହେଲେ ମଣିଷର ଶରୀର ଭିତରେ ଲୁଚି ଛପି ରହିଥିବା ଏହି ଅଜ୍ଞାତକୁଳଶୀଳକୁ ଖୋଜି ବାହାର କରି ତାକୁ ଚିହ୍ନିବାକୁ ହେବ । ଏହି ଲୁକ୍‌କାୟିତକୁ କିନ୍ତୁ ଖୋଜି ବାହାର କରିବା ତ ଦୂରର କଥା, ତା'ର ସନ୍ଧାନ ମଧ୍ୟ ନେଇହୁଏ ନାହିଁ । ତେଣୁ ତା'ର ରୂପରେଖ ଦେବା ଅସମ୍ଭବ । ଏକଥା କିନ୍ତୁ ନିଶ୍ଚିତ ଯେ, ଚଳନ୍ତି ମଟରଗାଡ଼ିକୁ ମଟରଗାଡ଼ିର ଡ୍ରାଇଭର ଯେପରି ଗତି ଦିଏ, ଗତିର ଦିଗ ଦିଏ, ତଥା ବେଗ ଦିଏ, ବଳଦଗାଡ଼ିକୁ ଶଗଡ଼ିଆ ଅଥବା ଘୋଡ଼ାଗାଡ଼ିକୁ କଚୁଆନ୍ ଯେପରି ପରିଚାଳିତ କରେ, ମଣିଷ ଶରୀର ଭିତରେ ଲୁକ୍‌କାୟିତ ହୋଇ ରହିଥିବା ଏହି ଅଜଣା ଭୂତ ମଣିଷକୁ ଠିକ୍ ସେପରି ଦିଗ୍‌ଦର୍ଶନ ଦିଏ- ପରିଚାଳିତ କରେ । XXX ପ୍ରାଣୀର ଶରୀରମାନଙ୍କୁ ପରିଚାଳିତ କରୁଥିବା ଡ୍ରାଇଭର କିମ୍ବା କଚୁଆନ୍‌ମାନେ ମଧ୍ୟ ଠିକ୍ ସେପରି । ବେଳେବେଳେ ଗାଡ଼ିରେ ଯୋଚା ହୋଇଥିବା ଘୋଡ଼ାମାନେ ଏତେ ଶକ୍ତିଶାଳୀ ହୋଇପଡ଼ନ୍ତି ଯେ ସେମାନେ ଲଗାମ୍‌ଛଡ଼ା ହୋଇଯାନ୍ତି । ଦୁର୍ବଳ କଚୁଆନ୍ ସେମାନଙ୍କୁ ନିଜ ଆକଟରେ ରଖିପାରେ ନାହିଁ । ପ୍ରାଣୀ ଶରୀରର ଏହି ଅଜଣା ଡ୍ରାଇଭର ବା କଚୁଆନ୍‌କୁ କେହି କେହି ଆତ୍ମା-ପୁରୁଷ ଅଥବା ଜୀବାତ୍ମା ବୋଲି କହନ୍ତି । ଏହି ଜୀବାତ୍ମାସବୁ କୁଆଡ଼େ ତାଙ୍କ ନିଜ ନିଜ ବ୍ୟକ୍ତିଗତ ଢଙ୍ଗରଙ୍ଗ, ଚାଲିଚଳଣ, ପୂର୍ବ-ଅର୍ଜିତ ପୁଞ୍ଜିପାଣ୍ଠି ଘେନି ପ୍ରକୃତ ସ୍ୱରୂପ ଶରୀରରେ ଆସନ ପାତି ବସିଥାଆନ୍ତି । ଇଞ୍ଜିନ୍ କିମ୍ବା ଶରୀରକୁ ନେଇ ହିଁ ସେମାନେ ଖେଳ ଖେଳନ୍ତି ଏବଂ ଶରୀରର ସବୁ ଗୁଣ ଓ ବିକାର ଭୋଗକରନ୍ତି । ଶରୀରର ନିର୍ଦ୍ଧାରିତ ସୀମା ଇଞ୍ଜିନ୍‌ର ଶକ୍ତି ମଧ୍ୟରେ ସେମାନଙ୍କ ଖେଳ; ତେଣୁ ସୀମାବଦ୍ଧ ହୋଇଯାଏ । ଟ୍ରାକ୍ଟର ଡ୍ରାଇଭର ଯେପରି ତାର ଗାଡ଼ିକୁ ଫିଏଟ୍ ପରି ଦ୍ରୁତବେଗରେ ଛୁଟାଇ ନେଇପାରେନି; ଫିଏଟ୍ ଡ୍ରାଇଭର ସେପରି ତା' ଗାଡ଼ିକୁ ଜମ୍ବୋ ଜେଟ୍ ପରି ଉଡ଼ାଇପାରେନି । ଡ୍ରାଇଭର କିମ୍ବା କଚୁଆନ୍ ସମାନ ଧରଣର ହେଲେ ମଧ୍ୟ ସେମାନଙ୍କ କରାମତି ଭିନ୍ନ ଭିନ୍ନ ପ୍ରାଣୀଙ୍କ ଇଞ୍ଜିନ୍‌ର ଶକ୍ତିସୀମା ତଥା କ୍ରୀଡ଼ା-କ୍ଷେତ୍ର ଭିତରେ ସୀମିତ ହୋଇଯାଏ ।







ପ୍ରାଣୀଜଗତରେ ମଣିଷ ସର୍ବଶ୍ରେଷ୍ଠ ବୋଲି ସମସ୍ତେ କହନ୍ତି । ଏକଥା ସ୍ପଷ୍ଟ ଯେ ଶରୀରର ପରାକ୍ରମ ଉପରେ ତଥା ଇଞ୍ଜିନ୍‌ର ଶକ୍ତି ଉପରେ ଏହି ଶ୍ରେଷ୍ଠତ୍ୱ ନିର୍ଭର କରେ ନାହିଁ । ସେପରି ହେଉଥିଲେ ହାତୀ, ଗଣ୍ଡାର, ସିଂହ, ବାଘ, ତିମି, ଶାର୍କ ପରି ପାଣୀମାନେ ମଣିଷଠାରୁ ଶୀର୍ଷତର ସ୍ଥାନ ଅଧିକାର କରିଥାନ୍ତେ । ତେଣୁ ଏହା ସ୍ୱୀକାର୍ଯ୍ୟ ଯେ ମଣିଷ କୌଣସି ଶରୀରର ଖୋଳପା ନୁହେଁ, ଇଞ୍ଜିନ୍ ନୁହେଁ କିମ୍ବା ଖୋଳପା ଓ ଇଞ୍ଜିନ୍‌ଯୁକ୍ତ ଶରୀର ମଧ୍ୟ ନୁହେଁ । ଶରୀର ମଧ୍ୟରେ ଯନ୍ତ୍ରାରୂଢ଼ ହୋଇ ବସିଥିବା ଡ୍ରାଇଭରମାନଙ୍କ ମଧ୍ୟରେ ସବୁଠାରୁ କୁଶଳୀ ତଥା ଉତ୍ତମ ଡ୍ରାଇଭରମାନେ ହିଁ ନିଶ୍ଚୟ ମଣିଷ ହୋଇଥିବେ । ତେଣୁ ଏହି ଡ୍ରାଇଭରମାନଙ୍କ ମଧ୍ୟରେ ହିଁ ମଣିଷକୁ ଖୋଜି ବାହାର କରିବାକୁ ପଡ଼ିବ । xxx

କାହାରି କାହାରି ଗାଡ଼ିର ଅଖ ତେଲ ବିନା ଚାଲିଲାବେଳେ କେଁ-କଟର କରି ଦୁଃଖ-କଷ୍ଟରେ ବିକଳ ରାବ ଦେଲାପରି ଗର୍ଜୁଥାଏ । ଆଉ କାହାରି କାହାରି ବିଅରିଂରେ ଭଲ ଗ୍ରୀଜ୍‌ଦିଆ ଗାଡ଼ି ବିନା ଶବ୍ଦରେ ଅତି ସହଜ ଓ ସରଳ ଭାବରେ ଗଡ଼ିଚାଲିଥାଏ- ସତେ ଅବା ମନର ଉଲ୍ଲାସରେ । ଗାଡ଼ି କେତେବଳେ ପୁରୁଣା ହୋଇ ଅଚଳ ହୋଇଯାଏ ତ କେତେବେଳେ ଭଲ ରକ୍ଷଣାବେକ୍ଷଣ ବିନା, କେବେ କୌଣସି ଦୁର୍ଘଟଣାରେ ଆଉ କେବେ କୌଣସି ପାର୍ଟ ଖରାପ ହୋଇଯିବା ଫଳରେ ଅଚଳ ହୋଇଯାଏ । ସାଧାରଣ ଗାଡ଼ି ମାଲିକ ଯେପରି ଏପରି ଗାଡ଼ି ଖରାପ ହୋଇଗଲେ ଅଥବା ଅଚଳ ହୋଇଗଲେ ଡ୍ରାଇଭର୍‌ର କ୍ରିୟାକଳାପ ଆଉ ତା'ର ପୁରୁଣା ରେକର୍ଡ଼ ସବୁ ଦେଖି ଆଉ କୌଣସି ନୂଆ ଗାଡ଼ିକି ପଠାଇ ଦିଅନ୍ତି ଏବଂ କୌଣସି ନୂତନ ଦାୟିତ୍ୱ ଦିଅନ୍ତି, ପ୍ରାଣୀଜଗତରେ ଏହି କଚୁଆନ୍‌ମାନଙ୍କ ମାଲିକ ମଧ୍ୟ ଗାଡ଼ିର ଦାୟିତ୍ୱ ଦେଲାବେଳେ ନିଶ୍ଚୟ ସେପରି କରୁଥିବେ । ଯାହା ଫଳରେ କେଉଁ ପ୍ରାଣୀ ହୁଏ ମଣିଷ ତ ଆଉ କିଏ ହୁଏ ଘୁଷୁରି । ମନେହୁଏ ଯେ ଏହି ନୂତନ ଦାୟିତ୍ୱ ଗ୍ରହଣ କଲାବେଳେ କଚୁଆନ୍ ପୁଣି ତା'ର ପୁରୁଣା ବୁଜୁଳାସବୁ ସାଙ୍ଗରେ ଧରି ନୂଆ ଗାଡ଼ିରେ ଆସନ ମାଡ଼ିବସେ ।

ମଟରଗାଡ଼ିର ଡ୍ରାଇଭର୍‌ମାନଙ୍କୁ ଯେମିତି ଦେଖିହୁଏ, ଏ ଶରୀର ଭିତରେ କେଉଁଠି ଗୋପନରେ ବସିରହିଥିବା ଏହି କଚୁଆନ୍‌ମାନଙ୍କୁ ଦେଖିହୁଏ ନାହିଁ । ସେଇଥିପାଇଁ ମଣିଷ ଚିହ୍ନିବା ବ୍ୟାପାର ଅତ୍ୟନ୍ତ କଷ୍ଟକର ହୋଇପଡ଼େ; କିନ୍ତୁ ଡ୍ରାଇଭରକୁ ନଦେଖି ଗାଡ଼ିର ଗତିବିଧିକୁ ଲକ୍ଷ୍ୟକରି ଯେପରି ଡ୍ରାଇଭର ସମ୍ବନ୍ଧରେ କିଛି ଧାରଣା କରିହୁଏ, ସେପରି କଚୁଆନ୍‌କୁ ଦେଖି ନପାରିଲେ ମଧ୍ୟ ଶରୀର ମାଧ୍ୟମରେ ତା'ର କ୍ରିୟାକଳାପ ଲକ୍ଷ୍ୟକରି ସେ କିପରି ଓ କେଉଁ ଧରଣର କଚୁଆନ୍ ସେ ସମ୍ବନ୍ଧରେ ଉଚିତ ଧାରଣା କରିପାରିବା ନିଶ୍ଚୟ ସମ୍ଭବ । ସେ ବିଷୟରେ ଏଠାରେ ଗୋଟିଏ ଉଦାହରଣ ଦିଆଯାଇପାରେ ।

ଦୂରଦେଶକୁ ଗଲାବେଳେ ଅଥବା କୌଣସି ଦୂରଦେଶରୁ ଫେରିବା ସମୟରେ ବେଳେବେଳେ ଜନପ୍ରାଣୀଙ୍କ ଦେଖାଦର୍ଶନ ନଥିବା ଅରଣ୍ୟ ଭିତରେ କୌଣସି ଗାଡ଼ିର ଯେତେବେଳେ ହଠାତ୍ ତେଲ ସରିଯାଏ, ଫେନ୍‌ବେଲ୍‌ଟ ଛିଣ୍ଡେ, ଚକା ଫାଟେ, ଇଞ୍ଜିନ୍‌ର କୌଣସି ପାର୍ଟ ଖରାପ ହୋଇଯାଏ ଅଥବା ଅନ୍ୟ କୌଣସି କାରଣରୁ ଗାଡ଼ି ବନ୍ଦ ହୋଇଯାଏ, ଗାଡ଼ିର ଚାଳକ କୌଣସି ଯନ୍ତ୍ରପାତି ଅଥବା କିଛି ସାହାଯ୍ୟ ପାଇବା ଆଶାରେ ସେ ବାଟରେ ଯାଉଥିବା ଅନ୍ୟ ଗାଡ଼ିମାନଙ୍କୁ ଅଟକାଇବା ପାଇଁ ହାତ ଦେଖାଏ । କେଉଁ ଗାଡ଼ିର ଡ୍ରାଇଭର ଧୂଳି ଉଡ଼ାଇ ତା' ବାଟରେ ଚାଲିଯାଏ - ଏ ଗାଡ଼ି ଆଡ଼ିକି ଅନାଏନି ମଧ୍ୟ ।xxx

ପ୍ରାଣୀଜଗତରେ ମଧ୍ୟ ଏପରି ଘଟଣାସବୁ ଦେଖିବାକୁ ମିଳେ । କୌଣସି ପ୍ରାଣୀ ଯେତେବେଳେ ଦୁଃଖ-ଦୁର୍ଦ୍ଦଶାରେ ପଡ଼ି ଛଟପଟ ହେଉଥାଏ, ତାକୁ ଦେଖି କେତେକ ପ୍ରାଣୀ କେତେ ରକମର ବ୍ୟଙ୍ଗ କରନ୍ତି, କଟୂକ୍ତି କରନ୍ତି, ନାନା ଟିପ୍‌ପଣୀ କାଟନ୍ତି, କଟା ଘା'ରେ ଚୂନ ଦିଅନ୍ତି- ଅନ୍ୟର ସେହି ଦୁଃଖକଷ୍ଟରୁ ଆନନ୍ଦ ଉପଭୋଗ କରନ୍ତି । ତା'ଛଡ଼ା ସେହି ଦୁଃଖୀ ପ୍ରାଣୀଠାରୁ କିଛି ମାରିନେବା ପାଇଁ ଏହା ହିଁ ଅପୂର୍ବ ସୁଯୋଗ ବୋଲି ଭାବିବସନ୍ତି । ଅନ୍ୟ କେହି କିନ୍ତୁ କାହାରି ଦୁଃଖ କଷ୍ଟ ସହିପାରନ୍ତିନି । ପ୍ରାଣୀର ଦୁଃଖ ଲାଘବ କରିବା ଆଶାରେ କେହି ନିଜେ କଣ୍ଟାର ମୁକୁଟ ପିନ୍ଧନ୍ତି, କେହି ସ୍ୱର୍ଣ୍ଣ-ସିଂହାସନ, ଦାରା, ସୁତ ଛାଡ଼ି ଭିକ୍ଷାପାତ୍ର ଧରି ଦ୍ୱାର ଦ୍ୱାର ଘୂରିବୁଲନ୍ତି, ଦୁଃଖ-ଲାଘବର ପଥ ଦର୍ଶାଇଦେବା ଉଦ୍ଦେଶ୍ୟରେ । କିଏ ଅନ୍ୟର ଦୁଃଖ ନିଜେ ବରଣ କରି 'ସବ୍‌କୋ ସନ୍‌ମତି ଦେ ଭଗବାନ' ଗାଇ ଗାଇ ଆତତାୟୀର ଗୁଳିକୁ ଛାତି ଦେଖାଇଦିଅନ୍ତି । କେହି ପ୍ରାଣର ଆବେଗରେ ଗାଆନ୍ତି- 'ପ୍ରାଣୀର ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।'

ସଂସାର-ଯାତ୍ରାରେ ଯାଉଥିଲାବେଳେ ବାଟରେ ଘାଟରେ ପଡ଼ି କୌଣସି ପ୍ରାଣୀ ଦୁଃଖକଷ୍ଟ ଭୋଗୁଥିବା ସମୟରେ ଯେଉଁ କଚୁଆନ୍ ତା' ଗାଡ଼ି ସେହି ଦୁଃଖୀ ପାଖରେ ଅଟକାଇ ରଖେ ଆଉ ସମବେଦନା ଦେଖାଇ ନିଜ ସାଧ୍ୟମତେ ତା'ର ଦୁଃଖକଷ୍ଟ ଲାଘବ କରିବାପାଇଁ ପାଖରେ ଠିଆହୋଇଯାଏ, ସିଏ ହିଁ ଏକ ଶ୍ରେଷ୍ଠ କଚୁଆନ୍; ତେଣୁ ନିଶ୍ଚୟ ଜଣେ ମଣିଷ । ଅନ୍ୟମାନେ ମଣିଷ ପରି ଦିଶୁଥିଲେ ମଧ୍ୟ ମଣିଷ ପରି ଅଭିନୟ କରୁଥିବା ମଣିଷ ବେଶଧାରୀ ଅନ୍ୟ କୌଣସି ଜନ୍ତୁ ମାତ୍ର ।

## ୫.୫ ଗଳ୍ପଟିକୁ ବୁଝିବା ପାଇଁ

ତୁମେ ତ ରଚନାଟିକୁ ପଢ଼ିଲ । ଏହା ଗଦ୍ୟରେ ରଚିତ ଓ ପ୍ରବନ୍ଧ ଶ୍ରେଣୀୟ ରଚନା । କିନ୍ତୁ ଏଭଳି ରଚନାକୁ ଲଳିତ ନିବନ୍ଧ ବା ରମ୍ୟରଚନା କୁହାଯାଇଥାଏ । ରମ୍ୟରଚନା ସରସ ହୋଇଥିବାରୁ ସୁଖପାଠ୍ୟ । ଏହା ପାଠକର ମନକୁ ଛୁଇଁଲା ଭଳି ଲେଖାଯାଇଥାଏ । ପ୍ରବନ୍ଧ ଭଳି ଏହାର ଉପକ୍ରମ, ବିଷୟବସ୍ତୁ ଓ ଉପସଂହାର ଅଂଶ ଥାଏ ମାତ୍ର ଏହା ନିବନ୍ଧ ଅର୍ଥାତ ବନ୍ଧନ ହୀନ । କୌଣସି ରଚନା ନିୟମକୁ କଡ଼ାକଡ଼ି ଭାବରେ ଅବଲମ୍ବନ କରିନଥାଏ । ରଚୟିତା ବିଷୟରୁ ବିଷୟାନ୍ତରକୁ ଯାଇ ପୁଣି ବିଷୟକୁ ଆସନ୍ତି । ବର୍ଣ୍ଣନାର ଚୁମ୍ବକୀୟତାରେ ପାଠକ ପୁଲକିତ ହୋଇ ଆଗେଇ ଚାଲେ । ତେଣୁ ତିନୋଟି ସ୍ତରରେ ସୀମାବଦ୍ଧ ହୋଇନଥିବାରୁ ଏହାର ଗୋଟିଏ ପରେ ଗୋଟିଏ ଅଂଶର ଆଲୋଚନା କର୍ତ୍ତବ୍ୟ ।

ସବୁ ପ୍ରାଣୀଙ୍କ ମଧ୍ୟରୁ ମଣିଷକୁ ଲୋକେ ଅଦ୍ଭୁତ ପ୍ରାଣୀ ବୋଲି ମନେ କରନ୍ତି । କାରଣ, ଅନ୍ୟମାନେ ହାମୁଡ଼େଇ ଚାଲିଲାବେଳେ ମଣିଷ ସିଧା ହୋଇ ଚାଲେ । ପ୍ରାଣୀମାନଙ୍କ ପାଖରୁ ବିନୟ ଭାବ ପ୍ରକାଶ ପାଉଥିଲାବେଳେ ଉପରକୁ ମୁହଁଟେକି ରହୁଥିବା ମଣିଷ ଅହଂକାରୀ ଓ ଉଦ୍ଧତ ଜଣାପଡ଼େ । ଏଭଳି ପ୍ରାଣୀକୁ ଉତ୍ତମ ରୂପେ ଚିହ୍ନିବା ପାଇଁ ଲେଖକ ଉଦ୍ୟମ ଆରମ୍ଭ କରିଛନ୍ତି । ଉଦ୍ୟମର ପ୍ରଥମ ପଦକ୍ଷେପ ସ୍ୱରୂପ ସେ ମଣିଷର ଅଙ୍ଗ ପ୍ରତ୍ୟଙ୍ଗକୁ ଦୃଷ୍ଟିପାତ କରିଛନ୍ତି । କାରଣ ଥୁଣ୍ଟାଗଛ ପରି ଦିଶୁଥିବା ମଣିଷର ଅନେକ ଅଙ୍ଗ ରହିଛି । ଏହା ତା'ର ଗୋଟିଏ ବିଶେଷତ୍ୱ ହୋଇଥିବାରୁ ସେଗୁଡ଼ିକର ପରିଚୟ ପାଇଲେ ମଣିଷକୁ ଚିହ୍ନି ହେବ । କିନ୍ତୁ ପରେ ସେ ଉପଲବ୍ଧି କରିଛନ୍ତି 'ଅବୟବର ସମ୍ୟକ୍ ନିରୀକ୍ଷଣ ଦ୍ୱାରା କୌଣସି ପ୍ରାଣୀକୁ ଯଥାଯଥ

ରୂପେ ଚିହ୍ନିବା ଆଶା ଭ୍ରମ ବା ପ୍ରମାଦପୂର୍ଣ୍ଣ ।' ଏଥିପାଇଁ ସେ ଚାରିଜଣ ଅନ୍ଧଙ୍କ ହାତୀ ଦେଖା ଗଳ୍ପର ଅବତାରଣା କରିଛନ୍ତି । ପ୍ରତ୍ୟେକ ଅନ୍ଧ ହାତୀର ଗୋଟିଏ ଗୋଟିଏ ଅଙ୍ଗକୁ ଯେମିତି ଅନୁଭବ କଲେ ସମୁଦାୟ ହାତୀଟି ସେହିଭଳି ବୋଲି ଚିହ୍ନିଲେ । ସମସ୍ତଙ୍କ ବକ୍ତବ୍ୟ ଭୁଲ ହେଲା । ତେଣୁ ଅବୟବକୁ ଜାଣିଲେ ମଣିଷକୁ ଚିହ୍ନି ହେବନାହିଁ ।

ଅଙ୍ଗ-ପ୍ରତ୍ୟଙ୍ଗରୁ ମଣିଷକୁ ଚିହ୍ନି ହେବନାହିଁ ଜାଣିଲା ପରେ ଲେଖକ ଆଚରଣ ପ୍ରତି ଦୃଷ୍ଟି ଦେଇଛନ୍ତି । ସେଥିପାଇଁ ସେ ଜ୍ଞାନୀଗୁଣୀଙ୍କ ମତ ଉଦ୍ଧାର କରିଛନ୍ତି । କେହି କେହି ସଂସାରକୁ ଖେଳଘର କହିଲାବେଳେ କେହି ରଙ୍ଗମଞ୍ଚ ବୋଲି କହନ୍ତି । ମଣିଷମାନେ ଖେଳର ଖେଳାଳି ହୋଇ ଖେଳୁଥାନ୍ତି ଓ ରଙ୍ଗମଞ୍ଚରେ ଅଭିନେତା ହୋଇ ଅଭିନୟ କରୁଥାନ୍ତି । ଖେଳାଳିମାନେ ପ୍ରକୃତରେ ଖେଳୁଛନ୍ତି କି ତାଙ୍କ ଅନ୍ତରରେ ଅନ୍ୟ କିଛି ଅଭିପ୍ରାୟ ଅଛି ଜାଣିବା କଷ୍ଟ । ସେମିତି ମଞ୍ଚରେ ବେଶ ହୋଇ ଅଭିନୟ କରୁଥିବା ଅଭିନେତାମାନେ ବାସ୍ତବରେ ତାହା ନୁହନ୍ତି । ତେଣୁ ଖେଳ ବା ଅଭିନୟରୁ ମଣିଷକୁ ଚିହ୍ନିବା ଭ୍ରମାତ୍ମକ ହୋଇପାରେ । ମଣିଷ ପରି ଅଭିନୟ କରୁଥିବା କୁଶଳୀ ଅଭିନେତା କୌଣସି ଜନ୍ତୁ ହୋଇପାରେ । ପୁଣି ଅନେକ ସମୟରେ ମଣିଷର ଆଚରଣ ଗଧ, ବଳଦ, ମାଙ୍କଡ଼, କୁକୁର, ଘୁଷୁରି ଭଳି ହୋଇଥାଏ । ତେଣୁ ଅଭିନୟରୁ କୌଣସି ଜନ୍ତୁକୁ ମଣିଷ ବୋଲି ନିଶ୍ଚିନ୍ତ ହେବା ଭୁଲ ହୋଇପାରେ ।

ଅଭିନୟ ହେଉ ବା ବେଶଭୂଷା ହେଉ ଲେଖକ ଏହାକୁ ଖୋଳପା ସହ ତୁଳନା କରିଛନ୍ତି । ଖୋଳପା ଓ କାତି ତଳେ ଯେପରି ଚିଙ୍ଗୁଡ଼ି ଓ ସାପ ଥାଏ । ଠିକ୍ ସେହିପରି ବାହ୍ୟ ପୋଷାକ ବା ଆବରଣ ଭଳି ନଥାଇ ଭିତରୁ ପ୍ରକୃତ ପ୍ରାଣୀକୁ ଅନ୍ୱେଷଣ କରିବା ବା କରାଯିବା ଉଚିତ । ମଣିଷକୁ ଚିହ୍ନିବାକୁ ହେଲେ ମଧ୍ୟ ତା'ର ପୋଷାକପତ୍ର, ଆଚରଣ ବା ଅଭିନୟ ପରିବର୍ତ୍ତେ ଅନ୍ତର ଭିତରକୁ ଉଙ୍କିମାରି ଦେଖିବା ଆବଶ୍ୟକ ବୋଲି ଲେଖକ କହନ୍ତି ।

ଲେଖକଙ୍କ ମତରେ ମଣିଷ ଗୋଟିଏ ଚଳତ୍‌ଶକ୍ତି ଯୁକ୍ତ ପ୍ରାଣୀ ହୋଇଥିବାରୁ ତାକୁ ଚଳାଇବା ପାଇଁ ତା' ଭିତରେ ନିଶ୍ଚୟ ଗୋଟାଏ ଇଞ୍ଜିନ୍ ରହିଛି । ପଟୁଆରର ବାଘ ଓ ଷଣ୍ଢ ଭିତରେ ନର୍ତ୍ତକ ଲୁଚିଲା ଭଳି ଇଞ୍ଜିନ୍ ଶରୀର ଭିତରେ ଅଦୃଶ୍ୟ ଥାଏ । ଇଞ୍ଜିନ୍ ଥିବାରୁ ମଣିଷକୁ ମଟରଗାଡ଼ି ସହ ତୁଳନା କରାଯାଇପାରେ । କିନ୍ତୁ ଗୋଟିଏ ପ୍ରଶ୍ନ ଉଠେ । ମଣିଷ ଖୋଳପା ଭିତରେ ଯେପରି ଇଞ୍ଜିନ୍ ଅଛି, ଅନ୍ୟ ଜନ୍ତୁଙ୍କ ଭିତରେ ମଧ୍ୟ ସେହି ରକମର ଇଞ୍ଜିନ୍ ଥିବ । ନଚେତ୍ ସେମାନେ ଚଳପ୍ରଚଳ ହୁଅନ୍ତେ ନାହିଁ । ତେବେ ମଣିଷ ଓ ଅନ୍ୟ ପ୍ରାଣୀଙ୍କ ଇଞ୍ଜିନ୍ ସମାନ କି ? ଯଦି ସମାନ, ବିଭିନ୍ନ ପ୍ରାଣୀଙ୍କ ଗୁଣ ଓ ପ୍ରକୃତି ଭିନ୍ନ ହୁଏ କାହିଁକି ? ଏହା ଗୋଟିଏ ଜଟିଳ ସମସ୍ୟା । ତେଣୁ ଇଞ୍ଜିନ୍‌ରୁ ମଧ୍ୟ ମଣିଷ ଚିହ୍ନିବା ସହଜ ନୁହେଁ କି ନିରାପଦ ମଧ୍ୟ ନୁହେଁ । ଆହୁରି ମଧ୍ୟ ଅବୟବ ଓ ଇଞ୍ଜିନ୍ ଉଭୟକୁ ନେଇ ତ ଶରୀର । ତେଣୁ ଶରୀରରୁ ମଣିଷ ଚିହ୍ନାଯାଏ ନାହିଁ ।

ପ୍ରକୃତ ମଣିଷକୁ ଚିହ୍ନିବା ଉଦ୍ୟମ ଲେଖକଙ୍କର ଶେଷ ହୋଇ ନାହିଁ । ଅଙ୍ଗ-ପ୍ରତ୍ୟଙ୍ଗ ଓ ଇଞ୍ଜିନ ବ୍ୟତୀତ ପ୍ରାଣୀଙ୍କ ମଧ୍ୟରେ ପ୍ରଭେଦ ସୃଷ୍ଟି କରୁଥିବା ଆଉ ଗୋଟିଏ ସତ୍ତା ବିଷୟରେ ସେ ସଚେତନ ହୋଇଛନ୍ତି । ସେହି ସତ୍ତା ପ୍ରାଣୀଙ୍କୁ ପରିଚାଳିତ କରାଏ, ସେମାନଙ୍କ ଆଚରଣରେ ପାର୍ଥକ୍ୟ ଆଣେ । ନାନାବିଧ ଗୁଣ ଓ





ସ୍ୱଭାବ ପ୍ରଦାନ କରିଥାଏ । ଗଛ କୋରଡ଼ରେ ଚଢ଼େଇଟି ବସା ବାନ୍ଧିଲା ଭଳି ମଣିଷ ମଧ୍ୟରେ ଏହି ସତ୍ତାଟି ଅବସ୍ଥିତ ଥାଏ । ମଣିଷକୁ ଚିହ୍ନିବାକୁ ହେଲେ ସେହି ଲୁକ୍କାୟିତ ସତ୍ତାଟିକୁ ଚିହ୍ନିବାକୁ ପଡ଼ିବ । ଶରୀର ରୂପକ ଯାନ ବା ଗାଡ଼ିକୁ ଚଳାଉଥିବାରୁ ଲେଖକ ଏହି ସତ୍ତାକୁ ଚାଳକ ବା ଡ୍ରାଇଭର ଆଖ୍ୟା ଦେଇଛନ୍ତି । ଦାର୍ଶନିକମାନେ ତାହାକୁ ଆତ୍ମା-ପୁରୁଷ ଅଥବା ଜୀବାତ୍ମା ବୋଲି କହନ୍ତି । ଏହାପରେ ସେ ଶରୀର ମଧ୍ୟରେ ଯନ୍ତ୍ରାରୂଢ଼ ହୋଇ ବସିଥିବା ଡ୍ରାଇଭର୍‌ର ସ୍ୱରୂପ ଆବିଷ୍କାର ପାଇଁ ଚେଷ୍ଟା କରିଛନ୍ତି । ଏହା ଭାରତୀୟ ଦର୍ଶନର ସବୁଠାରୁ ଗୂଢ଼ ତତ୍ତ୍ୱର ସହଜ ବ୍ୟାଖ୍ୟା । ଲେଖକଙ୍କ ମତରେ କୌଣସି ଗାଡ଼ି ପୁରୁଣା ବା ଅଚଳ ହୋଇଗଲେ ଗାଡ଼ି ମାଲିକ ଡ୍ରାଇଭର୍‌ର କ୍ରିୟାକଳାପ ବିଚାର କରି ତାକୁ ନୂଆ ଗାଡ଼ି ଚଳାଇବା ପାଇଁ ପଠାଇଦିଅନ୍ତି । ସେହିପରି ଆତ୍ମା-ପୁରୁଷ କେତେବେଳେ ମାନବେତର ପ୍ରାଣୀର ଦେହ ଧାରଣ କରେ ତ କେତେବେଳେ ମାନବ ଶରୀର । ଦେହ ସହିତ ତାହା ଏକାକାର ହୋଇଥାଏ ।

ମଣିଷ ମଧ୍ୟରେ ବିଦ୍ୟମାନ ଆତ୍ମାପୁରୁଷଙ୍କୁ ଜାଣିବା ପରେ ସେ ଉତ୍ତମ କି ମନ୍ଦ ନ ଜାଣିଲେ ଅସୁବିଧା । ଆତ୍ମାକୁ ଡ୍ରାଇଭର ବୋଲି କହୁଥିବା ଲେଖକ ଏଥିପାଇଁ ଗୋଟିଏ ସାଧାରଣ ଉପାୟ ବତାଇଛନ୍ତି । ଦୁର୍ଗମ ରାସ୍ତାରେ କୌଣସି ଗାଡ଼ି ଖରାପ ହୋଇଗଲେ ସେହି ବାଟ ଦେଇ ଯାଉଥିବା ଅନ୍ୟ ଗାଡ଼ିର ଡ୍ରାଇଭର ସେଠାରେ ଅଟକି ସାହାଯ୍ୟ କରିବା ପରିବର୍ତ୍ତେ ଦ୍ରୁତ ଗତିରେ ଗନ୍ତବ୍ୟ ପଥରେ ଚାଲିଯାନ୍ତି । ସେମାନେ ସ୍ୱାର୍ଥପର, କେବଳ ନିଜକୁ ଦେଖନ୍ତି, ବିପଦରେ ପଡ଼ିଥିବା ଅନ୍ୟକୁ ଦେଖନ୍ତି ନାହିଁ । କିନ୍ତୁ ଯେଉଁ ଗାଡ଼ିର ଚାଳକ ସେଠାରେ ଅଟକି ସମବେଦନା ଜଣାଏ, ସାଧ୍ୟମତେ ଦୁର୍ଗତ ଡ୍ରାଇଭରକୁ ସାହାଯ୍ୟ କରେ ସେ ଉତ୍ତମ ମଣିଷ । ଅତଏବ ବିପଦରେ ପଡ଼ିଥିବା ମଣିଷକୁ ଯିଏ ସାହାଯ୍ୟ କରେ ସେ ପ୍ରକୃତ ମଣିଷ । ଅନ୍ୟମାନେ ମଣିଷ ପରି ଦିଶୁଥିଲେ ମଧ୍ୟ ସେମାନେ ଅମଣିଷ । ସେମାନେ ହୁଏତ ମଣିଷ ପରି ଅଭିନୟ କରୁଥାନ୍ତି କିନ୍ତୁ ଏ ପରୀକ୍ଷାରେ ସେମାନଙ୍କ ଅସଲ ସ୍ୱରୂପ ଚିହ୍ନା ପଡ଼ିଯାଏ ।

ଆମ ସାଧାରଣ ଜୀବନରେ କେହି ସଙ୍କଟରେ ପଡ଼ିଲେ, କିଛି ଲୋକ ତାକୁ ବ୍ୟଙ୍ଗ ବିଦ୍ରୂପ କରି ତା'ର ଦୁଃଖ ବଢ଼ାଇ ଦିଅନ୍ତି । ଆଉ କେହି ତା'ର ଅସୁବିଧାର ସୁଯୋଗ ନେଇ ଲାଭ ଅନ୍ୱେଷଣ କରନ୍ତି । କିନ୍ତୁ ଆଉ କେହି କେହି ସାହାଯ୍ୟ ପାଇଁ ହାତ ବଢ଼ାନ୍ତି । ଏମାନେ କାହାର ଦୁଃଖ ସହି ପାରନ୍ତି ନାହିଁ, ନିଜେ କଷ୍ଟ ସହି ଅନ୍ୟକୁ ସହାୟ ହୁଅନ୍ତି । ସେମାନେ ଶ୍ରେଷ୍ଠ ମଣିଷ । ସେମାନଙ୍କୁ ମହାପୁରୁଷ ବୋଲି କୁହାଯାଏ । କେବେକେବେ ସେମାନେ ଈଶ୍ୱର ରୂପେ ସମ୍ବୋଧିତ ହୁଅନ୍ତି । ଯୀଶୁ ମାନବ ଜାତିର ଦୁଃଖ ଦୂର ପାଇଁ କ୍ରୁଶ ଚଢ଼ିଲେ, ଗୌତମବୁଦ୍ଧ ସିଂହାସନ ଛାଡ଼ି ସନ୍ନ୍ୟାସୀ ହେଲେ, ମହାତ୍ମା ଗାନ୍ଧୀ ଆତତାୟୀର ଗୁଳିରେ ନିହତ ହେଲେ । ଭୀମ ଭୋଇ ସମସ୍ତଙ୍କ ଦୁଃଖ ଦୂର ପାଇଁ ନିଜେ ନରକରେ ପଡ଼ିବା ପାଇଁ ପ୍ରସ୍ତୁତ । ସେ ଗାଇଥିଲେ- 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' । ଏମାନେ ସମସ୍ତେ ମହାନ ଆତ୍ମା । ତେଣୁ ମାନବ ଜାତିର ଉପାସ୍ୟ ।

## ୫.୬ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

I. ବାହ୍ୟ ଅବୟବରୁ ପ୍ରକୃତ ମଣିଷ ଚିହ୍ନିହୁଏ ନାହିଁ- ପଠିତ ରମ୍ୟରଚନା ଅନୁସରଣରେ ଉତ୍ତର ଦିଅ ।

II. ମଟରଗାଡ଼ି ସହ ମଣିଷକୁ ତୁଳନା କରି ଲେଖକ କିପରି ଉପଯୁକ୍ତ ମଣିଷ ଚିହ୍ନିବା ବାଟ ଆବିଷ୍କାର କରିଛନ୍ତି, ଆଲୋଚନା କର ।

III. ପଠିତ ଗଳ୍ପରୁ ଗାଳ୍ପିକଙ୍କ ଆଭିମୁଖ୍ୟର ପରିଚୟ ଦିଅ ।

IV. ପଠିତ ଗଳ୍ପରୁ ମଣିଷର ବାସ୍ତବ ସ୍ୱରୂପ ସମ୍ପର୍କରେ ଆଲୋକପାତ କର ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

i) କିଛି ଖେଳାଳି କାହାକୁ ସମାନ ଆଖିରେ ଦେଖନ୍ତି ?

ii) ଗଧ ଖାଟେଣି ଖଟେ, କୁକୁର ପାଦ ଚାଟେ ଆଉ ମଣିଷ କ'ଣ କରେ ?

iii) କାହାର ରୂପରେଖ ଦେବା ଅସମ୍ଭବ ?

iv) ସମସ୍ତେ କେତେ ରକମର ଖେଳ ଖେଳୁଛନ୍ତି ?

v) ହାତୀ ଦେଖୁଥିବା ଅନ୍ଧଙ୍କ ମଧ୍ୟରେ କଳହ ହେଲା କାହିଁକି ?

vi) କାହାର ସମ୍ମିଶ୍ରଣକୁ ଶରୀର କୁହାଯାଏ ?

vii) ମଣିଷ ଓ ଅନ୍ୟ ପ୍ରାଣୀଙ୍କ ଚାଲିରୁ କ'ଣ ଜଣାପଡ଼େ ?

viii) ଭୀମ ଭୋଇ କ'ଣ ଗାଇଥିଲେ ?

ix) ଅନ୍ଧମାନଙ୍କ ହାତୀ ଦେଖା ଗଳ୍ପରୁ କ'ଣ ଜଣାପଡ଼େ ?

x) ଚାଳକ ଆତ୍ମାପୁରୁଷ କ'ଣ କ'ଣ କରେ ?

xi) ଅଚଳନ୍ତିକୁ ଚଳନ୍ତି କରିବାକୁ ହେଲେ କ'ଣ କରିବାକୁ ପଡ଼େ ?

xii) ଶ୍ରେଷ୍ଠ ମଣିଷ କିଏ ?

xiii) ସବ୍‌କୋ ସନ୍‌ମତି ଦେ ଭଗବାନ୍- ଏହାର ଅର୍ଥ କ'ଣ ?

## ୫.୭ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।**

କ) ଲେଖକଙ୍କ ମତରେ ମଣିଷ ଦେଖିବାକୁ ....................ପରି ।

(ଓଲଟ ବୃକ୍ଷ, ଥୁଣ୍ଟା ଗଛ, କଣ୍ଟା ଗଛ, ଫଳନ୍ତି ଗଛ)

ଖ) ମଣିଷ ................ ଚାଲେ ।

(ପାଦ ପକାଇ, ଗୁରୁଣ୍ଡି ଗୁରୁଣ୍ଡି, ଫଣାଟେକି, ଘୁଷୁରି ଘୁଷୁରି)

ଗ) ................ମାନେ ଯେପରି ଦିଶନ୍ତି ସେପରି ନୁହନ୍ତି ।

(ନାଟକର ଚରିତ୍ର, ସର୍କସର ପଶୁପକ୍ଷୀ, ମରୁଭୂମିର ମରୀଚିକା, ପାହାଡ଼ ପର୍ବତ)

ଘ) ପ୍ରତ୍ୟେକ ଜନ୍ତୁଙ୍କ ଖୋଳପା ଭିତରେ ............... ରହିଛି ।

(ମାଂସପେଶୀ, ରକ୍ତ, ହାଡ଼, ଇଞ୍ଜିନ)

ଙ) କେହିଜଣେ ଭଦ୍ରଲୋକ ହାତୀର ଗୋଡ଼ ଛୁଇଁ ହାତୀ ଦେଖିବାକୁ ............ ପରି କହିଦେଲେ ।

(ଖମ୍ବ, ଗଛ, ଶଗଡ଼, ବତୀଖୁଣ୍ଟ)

## ୫.୮ ଉତ୍ତର ମାଳା

(କ) ଥୁଣ୍ଟାଗଛ (ଖ) ଫଣାଟେକି (ଗ) ନାଟକର ଚରିତ୍ର

(ଘ) ଇଞ୍ଜିନ (ଙ) ଖମ୍ବ